بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 42

ବାର୍ଷିକ ଦେୟ: ୫୭୫/-

ସାପ୍ତାହିକ

# ବଦର

Weekly BADAR କାଦିଆନ Qadian Odia

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21 ଅକ୍ଟୋବର 2021 | 21 ଇଖା 1400 ହି.ଶ | 14 ରବିଉଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡۤا اِنَّمَا الۡخَمۡرُ وَالۡمَیۡسِرُ وَالۡاَنۡصَابُ وَالۡاَزۡلَامُ رِجۡسٌ مِّنۡ عَمَلِ الشَّیۡطٰنِ فَاجۡتَنِبُوۡہُ لَعَلَّکُمۡ تُفۡلِحُوۡنَ

(سورۃ المائدۃ:91)

ଅନୁବାଦ- ହେ ବିଶ୍ୱାସକାରୀମାନେ! ମାଦକ ଦ୍ରବ୍ୟ, ଜୁଆ, ପ୍ରତିମା ଓ ଭାଗ୍ୟ ନିର୍ଣ୍ଣାୟକ ଶର କେବଳ ସଇତାନ-ପ୍ରସୂତ ଏକ ଘୃଣିତ କାର୍ଯ୍ୟ; ସୁତରାଂ ଏ ସବୁଠାରୁ (ନିଜକୁ) ରକ୍ଷାକର; ଯଦ୍ଵାରା ତୁମେମାନେ କୃତକାର୍ଯ୍ୟ ହେବ।''

*(ଅଲମାଇଦା: ୯୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ:ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି। **(ଅଲହମ୍ଦୋଲିଲ୍ଲାଃ)**

ହୁଜୁର ଅନ୍ୱର ଅ:ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ। ଅଲ୍ଲାଃତାଲା ହୁଜୁର ଅ:ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ।

॥ ଆମିନ୍ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଆରବୀୟ ଶବ୍ଦ ସିଦ୍ଦିକ୍ ହେଉଛି ମୁବାଲିଗା (ଅର୍ଥାତ ଏକ ସୁପରଲେଟିଭ୍ ଶବ୍ଦ)ର ଏକ ରୂପ। ଅର୍ଥାତ ଯେତେବେଳେ ଜଣେ ସମ୍ପୂର୍ଣ୍ଣ ଭାବରେ ସତ୍ୟରେ ଲୀନ ହୋଇ ସର୍ବୋଚ୍ଚ ସ୍ତରର ସତ୍ୟାନୁଯାୟୀ ଓ ସଚ୍ଚୋଟ ପ୍ରେମୀ ହୋଇଥାଏ ସେତେବେଳେ ତାକୁ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ) କୁହାଯାଏ**

## ହଜରତ ମସିହ ମଉଦ ଆ:ସଙ୍କ ନୀତି ବାଣୀ

### ସତ୍ୟବାଦୀର ସ୍ଥାନ

ଆରବୀୟ ଶବ୍ଦ ସିଦ୍ଦିକ୍ ହେଉଛି ମୁବାଲିଗା (ଅର୍ଥାତ ଏକ ସୁପରଲେଟିଭ୍ ଶବ୍ଦ)ର ଏକ ରୂପ। ଅର୍ଥାତ ଯେତେବେଳେ ଜଣେ ସମ୍ପୂର୍ଣ୍ଣ ଭାବରେ ସତ୍ୟରେ ଲୀନ ହୋଇ ସର୍ବୋଚ୍ଚ ସ୍ତରର ସତ୍ୟାନୁଯାୟୀ ଓ ସଚ୍ଚୋଟ ପ୍ରେମୀ ହୋଇଥାଏ ସେତେବେଳେ ତାକୁ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ) କୁହାଯାଏ। ଏହା ହେଉଛି ଏପରି ସ୍ଥାନ, ଯେତେବେଳେ ଜଣେ ଏହି ସ୍ଥାନରେ ପହଂଚିଯାଏ ସେତେବେଳେ ସେ ସମସ୍ତ ପ୍ରକାରର ସତ୍ୟ ଓ ଧର୍ମର ମାର୍ଗକୁ ସଂଗ୍ରହ କରିବା ପାଇଁ ଚେଷ୍ଟା କରିଥାଏ। ଯେପରି ଗୋଟିଏ ଯବକାଚ ସୂର୍ଯ୍ୟର ରଶ୍ମିଗୁଡ଼ିକୁ ନିଜ ଉପରେ ଜମା କରିଦେଇଥାଏ ସେହିପରି ଜଣେ ସିଦ୍ଦିକ୍ (ସତ୍ୟବାଦୀ) ସତ୍ୟର ସିଦ୍ଧତାକୁ ଶୋଷି ନେଇଥାଏ (ଅର୍ଥାତ ସତ୍ୟର ଉତ୍କର୍ଷକୁ ନିଜ ଆଡ଼କୁ ଟାଣିନିଏ)।

### ସତ୍ୟର ଉତ୍କର୍ଷତା ହାସଲ କରିବାର ଦର୍ଶନ

ସତ୍ୟର ଉତ୍କର୍ଷତା ହାସଲ କରିବାର ଦର୍ଶନ ହେଉଛି ଏହା କି ସର୍ବପ୍ରଥମେ ଜଣେ ନିଜର ଦୁର୍ବଳତା ଓ ଅସହାୟତାକୁ ଅନୁଭବ କରି ନିଜର ଶକ୍ତି ଓ ସ୍ଥିତି ଅନୁଯାୟୀ **ଇୟାକା ନାବୁଦୁ** (ଅର୍ଥାତ ହେ ଅଲ୍ଲାଃ ଆମେ କେବଳ ତୁମ୍ଭର ହିଁ ଉପାସନା କରିଥାଉଁ) କହିଥାଏ ଏବଂ ସତ୍ୟକୁ ଗ୍ରହଣ କରି ମିଥ୍ୟାକୁ ତ୍ୟାଗ କରିଦିଏ। ସବୁ ପ୍ରକାରର ଅପରିଷ୍କାର ଓ ଅପରିଚ୍ଛନ୍ନତା ଯାହା ମିଥ୍ୟା ସହିତ ଜଡ଼ିତ ରହିଥାଏ, ତା'ଠାରୁ ସେ ଦୂରେଇ ରହିଥାଏ ଏବଂ ସେ ଏ ପ୍ରତିଜ୍ଞା କରିଥାଏ ଯେ ସେ କଦାପି ମିଥ୍ୟା କହିବ ନାହିଁ କି ମିଥ୍ୟା ସାକ୍ଷ୍ୟ ଦେବନାହିଁ ଓ ମନର ଆବେଗରେ ବହିଯାଇ କୌଣସି ମିଥ୍ୟା ବଚନ କରିବ ନାହିଁ। ନା ବୃଥା କାର୍ଯ୍ୟରେ, ନା ଭଲ କାମରେ, ନା ମନ୍ଦ କାର୍ଯ୍ୟକୁ ତ୍ୟାଗ କରିବାରେ ଅର୍ଥାତ କୌଣସି ପ୍ରକାରେ ତଥା କୌଣସି ପରିସ୍ଥିତିରେ ମଧ୍ୟ ସେ ମିଥ୍ୟାକୁ ଗ୍ରହଣ କରିବ ନାହିଁ। ଯେତେବେଳେ ସେ ଏହି ପ୍ରକାରର ପ୍ରତିଜ୍ଞା କରିଥାଏ ସେତେବେଳେ ସେ ବାସ୍ତବିକ **ଇୟାକା ନାବୁଦୁ** ଉପରେ ବିଶେଷ ଭାବରେ ପରିଚାଳିତ ହୁଏ ଏବଂ ତା'ର ସେହି କାର୍ଯ୍ୟ ଉଚ୍ଚ ସ୍ତରର ଉପାସନା ହୋଇଥାଏ। **ଇୟାକା ନାବୁଦୁ**

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ହଶର୍ ଶବ୍ଦର ଅର୍ଥ ହେଉଛି ଏକତ୍ରିତ କରିବା ଏବଂ ଏହି ହଶର ଶବ୍ଦଟି ଏହି ଅର୍ଥ ଅନୁସାରେ ପରବର୍ତୀ ଜୀବନ ପାଇଁ ବ୍ୟବହାର କରାଯାଇଥାଏ। କାରଣ ସେହିଦିନ ପୂର୍ବ ଓ ପର ପ୍ରତ୍ୟେକ ଲୋକଙ୍କୁ ଏକତ୍ରିତ କରାଯିବ। ହଶର୍ ଶବ୍ଦଟି ସେହି ଏକତା ପାଇଁ ମଧ୍ୟ କୁହାଯାଇଥାଏ ଯାହା ନବୀମାନଙ୍କ ଜରିଆରେ ଏହି ସଂସାରରେ ସମ୍ପାଦିତ ହୋଇଥାଏ।**

**ଏମିତି କୌଣସି ନବୀ ଆସିନାହାନ୍ତି ଯାହାଙ୍କ ମାଧ୍ୟମରେ ହଶର (ଅର୍ଥାତ ପୁନଃରୁତ୍ଥାନ) ନ ହୋଇଥିବ। ରସୁଲେ କରିମ୍ ସ:ଆ:ସଙ୍କ ଯୁଗକୁ ଦେଖନ୍ତୁ କିପରି ହଶର୍ ହେଲା ଯେ ଭିନ୍ନ ଭିନ୍ନ ଧାରଣା ରଖିଥିବା ଲୋକମାନଙ୍କୁ ଗୋଟିଏ କଲ୍‌ମା (ବାଣୀ)ରେ ଏକତ୍ରିତ କରିଦିଆଗଲା**

ସୟଦନା ହଜରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜ୍‌ରର ଆୟତ ନଂ-୨୬ **ଓ୍ୱ ଇନ୍ନା ରବ୍‌ବକା ହୁଓ୍ୱ ୟହ୍‌ଶୁରୁହୁମ୍ ଇନ୍ନହୁ ହକିମୁନ୍ ଅଲିମ୍** (ଅର୍ଥାତ- ଏବଂ ନିଶ୍ଚିତ ରୂପେ ତୁମ୍ଭର ପାଳନକର୍ତା ହିଁ ସେମାନଙ୍କୁ ଏକତ୍ରିତ କରିବେ: ବାସ୍ତବରେ ସେ ହିଁ ତତ୍ତ୍ୱଜ୍ଞ (ଓ) ସର୍ବଜ୍ଞ)କୁ ବ୍ୟାଖ୍ୟା କରି ଲେଖିଛନ୍ତି:-

ହଶର୍ ଶବ୍ଦର ଅର୍ଥ ହେଉଛି ଏକତ୍ରିତ କରିବା ଏବଂ ଏହି ହଶର ଶବ୍ଦଟି ଏହି ଅର୍ଥ ଅନୁସାରେ ପରବର୍ତୀ ଜୀବନ ପାଇଁ ବ୍ୟବହାର କରାଯାଇଥାଏ। କାରଣ ସେହିଦିନ ପୂର୍ବ ଓ ପର ପ୍ରତ୍ୟେକ ଲୋକଙ୍କୁ ଏକତ୍ରିତ କରାଯିବ। ହଶର୍ ଶବ୍ଦଟି ସେହି ଏକତା ପାଇଁ ମଧ୍ୟ କୁହାଯାଇଥାଏ ଯାହା ନବୀମାନଙ୍କ ଜରିଆରେ ଏହି ସଂସାରରେ ସମ୍ପାଦିତ ହୋଇଥାଏ। ଅର୍ଥାତ ସମଗ୍ର ଜାତିକୁ ବିବାଦ ଓ ମତଭେଦର ଝଗଡ଼ାରୁ ବାହାର କରି ଏକତାର ରଜ୍ଜୁରେ ଗୁନ୍ଥି ଦିଆଯାଏ। ଏମିତି କୌଣସି ନବୀ ଆସିନାହାନ୍ତି ଯାହାଙ୍କ ମାଧ୍ୟମରେ ହଶର (ଅର୍ଥାତ ପୁନଃରୁତ୍ଥାନ) ନ ହୋଇଥିବ। ରସୁଲେ କରିମ୍ ସ:ଆ:ସଙ୍କ ଯୁଗକୁ ଦେଖନ୍ତୁ କିପରି ହଶର୍ ହେଲା ଯେ ଭିନ୍ନ ଭିନ୍ନ ଧାରଣା ରଖିଥିବା ଲୋକମାନଙ୍କୁ ଗୋଟିଏ କଲ୍‌ମା (ବାଣୀ)ରେ ଏକତ୍ରିତ କରିଦିଆଗଲା

## ନବୀ ସ:ଆ:ସଙ୍କ ବାଣୀ

### ଅଲ୍ଲାଃ ତାଲା ଯାହାଙ୍କୁ ବିନା ମାଗିବାରେ ଏବଂ ବିନା କୌଣସି ଲୋଭ କରିବାରେ ପ୍ରଦାନ କରିଥାନ୍ତି

(୧୪୭୩) ହଜରତ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଯେବେ ମତେ ଓ୍ୱଜିଫା (ଭତା) ଦିଅନ୍ତି, ସେତେବେଳେ ମୁଁ କହିଥାଏ: "ଆପଣ ସ:ଆ:ସ ସେମାନଙ୍କୁ ଦିଅନ୍ତୁ ଯେଉଁମାନେ ଏହା ପାଇବା ପାଇଁ ମୋଠାରୁ ଅଧିକ ଆବଶ୍ୟକ କରନ୍ତି। ଏଥିରେ ମହାଭାଗ ସ:ଆ:ସ କୁହନ୍ତି: ଯେତେବେଳେ ଏହି ଧନ ମଧ୍ୟରୁ କିଛି ତୁମ ପାଖକୁ ଆସେ, ସେତେବେଳେ ତୁମେ ତାକୁ ଏପରି ଅବସ୍ଥାରେ ନେଇ ନିଅ ଯେବେ କି ତୁମେ ତାହାକୁ ପାଇବା ପାଇଁ ଇଚ୍ଛା କରୁନଥିବ ଓ ନା ମାଗୁଥିବ ଏବଂ ଯଦି ତୁମେ ତାହା ନ ପାଅ ତା'ହେଲେ ତାକୁ ପାଇବା ପାଇଁ ଅନୁସରଣ କରନାହିଁ।

### ମାଗିବା କାର୍ଯ୍ୟର ନିନ୍ଦା ଏବଂ ତାହାର ଦଣ୍ଡ

(୧୪୭୪) ହଜରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ: ମଣିଷ ସବୁବେଳେ ଲୋକମାନଙ୍କୁ ମାଗି ଚାଲିଥାଏ ଏପରି କି କୟାମତ୍ ଦିନ ସେ ଏପରି ଅବସ୍ଥାରେ ଆସିବ ଯେ ତା ମୁହଁରେ ମାଂସଖଣ୍ଡ ମଧ୍ୟ ନଥିବ। ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋଵର ସୌଭାଗ୍ୟ ପ୍ରଦାନ କରନ୍ତୁ। ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନା ସଫଳ ଓ ବାବରକତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ। ଜଯାକୁମୁଲ୍ଲାଃ।

*(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ଓ ପୁଣି ତାହାକୁ ସାରା ଦୁନିଆରେ ପ୍ରସାର କରିଦିଆଗଲା । ଏହି ଆୟତରେ ଉଭୟ ହଶର ପ୍ରତି ସୂଚିତ କରାଯାଇଛି । ସାଂସାରିକ ହଶର୍ (ପୁନରୁତ୍‌ଥାନ) ପ୍ରତି ଏପରି ଯେ ଯଦିଓ ଆଜି ତୁମର ଲୋକମାନେ ତୁମ ବିରୁଦ୍ଧରେ ଛିଡ଼ା ହାଇଛନ୍ତି କିନ୍ତୁ ଦିନେ ନା ଦିନେ ସମସ୍ତେ ତୁମ ହାତରେ ଏକାଠି ହେବେ । **ହକିମ୍ ଏବଂ ଅଲିମ୍** ବିଶେଷ ଗୁଣ ସମ୍ବନ୍ଧୀୟ ଶବ୍ଦ ଦ୍ଵାରା ଏହା ବତାଇଛନ୍ତି ଯେ ତୁରନ୍ତ ଭାବରେ ଏଥିଯୋଗୁଁ ଏକାଠି କରାଗଲା ନାହିଁ ଯେ ଏହା ବୁଦ୍ଧିମତାର ବିରୋଧି । ତତ୍‌କ୍ଷଣାତ୍ ଲୋକମାନେ ଏପରି ଏକାଠି ହୋଇପାରିଥାନ୍ତେ ଯେ ଅଲ୍ଲାଃ ତାଲା ସେମାନଙ୍କ ହୃଦୟକୁ ନିୟନ୍ତ୍ରଣ କରି ସେମାନଙ୍କୁ ବଳପୂର୍ବକ ମୁସଲମାନ ବନାଇ ଦେଇଥାନ୍ତେ । କିନ୍ତୁ ତାହାର ଲାଭ କ'ଣ ହୋଇଥାନ୍ତା ? ଯେଉଁମାନେ ଏହିପରି ମୁସଲମାନ ହୋଇଥାନ୍ତେ, ସେମାନେ କୌଣସି ପୁରସ୍କାରର ଅଧିକାରୀ ହୋଇନଥାନ୍ତେ । ଦ୍ଵିତୀୟରେ ସେହି ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ବିଶେଷ ଆଧ୍ୟାତ୍ମିକ ଶକ୍ତି ରଖିଥାନ୍ତି ସେମାନେ ନବୀଙ୍କୁ ପ୍ରାରମ୍ଭରୁ ହିଁ ଚିହ୍ନି ନେଇଥାନ୍ତି । ଏମାନଙ୍କ ମଧ୍ୟରେ ଓ ଦୃବଳ (ବିଶ୍ଵାସୀ)ମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିନଥାନ୍ତା । ଯଦି ସେମିତି ହୋଇଥାନ୍ତା ତା'ହେଲେ ଅବୁ ବକର ର:ଅ ଏବଂ ଅବୁ ଜହଲ୍ ମଧ୍ୟରେ କଣ ପାର୍ଥକ୍ୟ ରହିଥାନ୍ତା ? ଯଦି ସମସ୍ତେ ଏକା ସାଙ୍ଗରେ ମୁସଲମାନ ହୋଇଯାଇଥାନ୍ତେ ତା'ହେଲେ ଏ ସଂସାରବାସୀ ଅବୁବକର ର:ଅଙ୍କ ଦକ୍ଷତା ଓ ଅବୁ ଜହଲ୍‌ର ଅକ୍ଷମତାକୁ ଜାଣିପାରିନଥାନ୍ତେ । ଅତଏବ ଏପରି କରିବା ବୁଦ୍ଧିମତାର ବିପରୀତ ଥିଲା । ତେଣୁ ଅଲ୍ଲାଃ ତାଲା ଜୋର ଜବରଦସ୍ତି, ବାଧ କରି କାମ ନେଲେ ନାହିଁ । ଏହାର ଫଳାଫଳ ଏହା ହେଲା ଯେ ଯୋଗ୍ୟ ଲୋକ ଏବଂ ଖରାପ ଲୋକ ଓ ସମ୍ପୂର୍ଣ୍ଣ ଅଯୋଗ୍ୟ ଲୋକମାନଙ୍କର ଅବସ୍ଥା ଦୁନିଆ ସାମନାରେ ପ୍ରକାଶ ହୋଇଗଲା । ଫଳତଃ ଏ ସଂସାରବାସୀ ଅବୁବକର୍, ଉମର୍, ଉସ୍‌ମାନ୍ ଏବଂ ଅଲୀ ରିଜ୍‌ଓ୍ଵାନୁଲ୍ଲାଃ ଆଲୈହିମ୍‌ଙ୍କଠାରୁ ନିଜ ନିଜର ସମୟରେ ଲାଭ ଉଠାଇଲେ । ଯଦି ସମସ୍ତେ ହିଁ ପ୍ରଥମ ଦିନରୁ ମୁସଲମାନ ହୋଇଯାଇଥାନ୍ତେ, ତେବେ ସମ୍ଭବତଃ ପ୍ରାଥମିକ ଅଗ୍ରଗଣ୍ୟତା ଯୋଗୁଁ ଲୋକମାନେ ଅବୁବକର ର:ଅଙ୍କ ସ୍ଥାନରେ ଅବୁ ଜହଲ୍‌ଙ୍କୁ ବା ତା ପରି ଆଉ କାହାକୁ ସର୍ଦ୍ଦାର ବନାଇ ଦେଇଥାନ୍ତେ ଏବଂ ଏହି ସବୁ ଲାଭରୁ ବଂଚିତ ରହିଥାନ୍ତେ ଯାହା ଅବୁବକର ର:ଅ ଇତ୍ୟାଦି ପ୍ରାଥମିକ ବିଶ୍ଵାସକାରୀ ସାହାବାମାନଙ୍କଠାରୁ ଲୋକମାନଙ୍କୁ ପହଂଚିଥିଲା । **ଅଲୀମ୍** (ସର୍ବଜ୍ଞ) ଶବ୍ଦ କହି ଏକଥା ବତାଇଛନ୍ତି ଯେ ଯଦିଓ ଏହି କାରଣ ଯୋଗୁଁ ବିଳମ୍ବ ହେଲା କିନ୍ତୁ ଏଥିଯୋଗୁଁ ନିରାଶ ହେବା ଉଚିତ ନୁହେଁ । ଈଶ୍ଵର ଯିଏ ହେଉଛନ୍ତି ସର୍ବଜ୍ଞ, ସେ ତୁମକୁ ବତାଇଛନ୍ତି ଯେ ଆଗକୁ ଯାଇ ସମଗ୍ର ଆରବବାସୀ ଏହି ଧର୍ମର ନୀତି/ସିଦ୍ଧାନ୍ତ ଉପରେ ଏକାଠି ହୋଇଯିବେ । ପରବର୍ତୀ ଜୀବନ (ଅର୍ଥାତ ମୃତ୍ୟୁପର ଜୀବନ) ଦୃଷ୍ଟିରୁ ଏହା ବତାଇଛନ୍ତି ଯେ ଦିନେ ସମସ୍ତେ ପୂର୍ବ ଏବଂ ପର ଲୋକମାନେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ଏକତ୍ରିତ ହେବେ ଓ ନିଜ ନିଜର କର୍ମ ଅନୁସାରେ ପୁରସ୍କୃତ ହେବେ । ଅତଏବ ମୁସଲମାନମାନଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଯେଉଁ କଷ୍ଟ ହୋଇଥିଲା, ନା ତାକୁ ଭାବିବା ଉଚିତ ଓ ନା ସେମାନଙ୍କୁ ବିଫଳ ବୋଲି ବିବେଚନା କରିବା ଉଚିତ ଯେଉଁମାନେ ଏହି ଶୟତାନୀ ଏବଂ ରହ୍‌ମାନୀ (ଅର୍ଥାତ ପିଶାଚ ଓ ଦୟାମୟ ଅଲ୍ଲାଃ)ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଯୁଦ୍ଧରେ ବିଜୟ ପ୍ରାପ୍ତ କରିବା ପୂର୍ବରୁ ମୃତ୍ୟୁ ବରଣ କରିଛନ୍ତି । କାରଣ ପ୍ରକୃତ ପୁରସ୍କାର ପାଇବାର ଦିନ ତ ମୃତ୍ୟୁ ପରେ ହିଁ ଆସିବ । ସେଥିଯୋଗୁଁ ତତ୍ଵଜ୍ଞ ଓ ସର୍ବଜ୍ଞ ଅଲ୍ଲାଃ ଏ ସଂସାରକୁ ପ୍ରକୃତ ପୁରସ୍କାର ପାଇବାର ଦିନ ରୂପେ ଅଭିହିତ କରିନାହାନ୍ତି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୫୦, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ପରେ **ଇୟାକା ନସ୍‌ତଇନ୍** ରହିଛି । ଏହା ତା ମୁହଁରୁ ଉଚ୍ଚାରିତ ହେଉ ବା ନ ହେଉ । କିନ୍ତୁ ଅଲ୍ଲାଃ ଯିଏ ହେଉଛନ୍ତି ସମସ୍ତ ଅନୁଗ୍ରହର ଉତ୍ସ, ସତ୍ୟ ଏବଂ ଧର୍ମର ଝରଣା ସେ ନିଶ୍ଚିତ ରୂପେ ତାକୁ ସାହାଯ୍ୟ କରିବେ ଏବଂ ସତ୍ୟର ସର୍ବୋଚ୍ଚ ସିଦ୍ଧାନ୍ତ ଏବଂ ସତ୍ୟାସତ୍ୟକୁ ତା' ଉପରେ ପ୍ରକାଶ କରିଦେବେ । ଯେମିତି ଏହା ଏକ ଚିରାଚରିତ ସତ୍ୟ କଥା ଯେ ଯେବେ ଜଣେ ବ୍ୟବସାୟୀ ଭଲ ନୀତି ଉପରେ ପରିଚାଳିତ ହୋଇଥାଏ ଏବଂ ସତ୍ୟ ଓ ସଚ୍ଚୋଟତାକୁ ହାତଛଡ଼ା କରେନାହିଁ, ଯଦିଓ ସେ ଏକ ପଇସାରୁ ନିଜର ବ୍ୟବସାୟ ଆରମ୍ଭ କରିଥାଏ ତେବେ ମଧ୍ୟ ଅଲ୍ଲାଃ ତାଲା ତାକୁ ସେହି ଏକ ପଇସାରୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରିଥାନ୍ତି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ- ୩୩୧ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ର ମୁଦି ପିନ୍ଧିଥିବାର ଦେଖିଲି ସେତେବେଳେ ତାଙ୍କୁ ସେଥି ସଂକ୍ରାନ୍ତରେ ପଚାରିଲି ସେ କହିଲେ, ଏ ତ ପବିତ୍ର କୁର୍‌ଆନ୍‌ର ପଂକ୍ତି ଯାହାର ଅର୍ଥ ହେଉଛି କଣ ଅଲ୍ଲାଃ ତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି ! ଯମାତ୍ ଅହେମଦିୟାର ସଂସ୍ଥାପକ ଆମକୁ ଏହି ଶିକ୍ଷା ଦେଇଛନ୍ତି । ପୁନଶ୍ଚ ମୁଁ ନିଜ ଭାଇଙ୍କୁ ପଚାରିଲି ଯେ କଣ ଅହେମଦିୟତ୍ ଇସ୍‌ଲାମଠାରୁ ଭିନ୍ନ ଧର୍ମ ଅଟେ । ସେ ଉତର ଦେଲେ ଯେଉଁ ଇମାମ୍‌ଙ୍କ ଆଗମନର ଆମେ ଅପେକ୍ଷା କରିଥିଲେ ସେ ଆସିଗଲେଣି ଏବଂ ଏହା ହିଁ ପ୍ରକୃତ ଇସ୍‌ଲାମ୍ ଅଟେ । ସେଥିଅନ୍ତେ ମୁଁ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ଅଧ୍ୟୟନ କରିଥିଲି ଏବଂ ଅହେମଦିୟତ ସ୍ଵୀକାର କରିନେଇଥିଲି ।

ବୈନିନ୍‌ର ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ତାଙ୍କର ଗଣନା ହେଉଥିଲା ଫ୍ରାନ୍ସରୁ B u s s i n e s s Managementରେ ଏମ୍.ଏ କରିଥିଲେ । ସେ ବୈନିନ୍‌ର ବିଦ୍ୟୁତ ଓ ଜଳ ବିଭାଗର ନ୍ୟାଶ୍‌ନାଲ୍ ଡ଼ାଇରେକ୍ଟର ପଦରୁ ଅବସର ନେଇଥିଲେ । ଅତ୍ୟନ୍ତ ମହନୀୟ, ଭଦ୍ର, ପାଂଚବେଳା ନିୟମିତ ନମାଜ ଓ ତହ୍‌ଜୁଦ୍ ପାଠକାରୀ ନିଷ୍ଠାପର ମଣିଷ ଥିଲେ । ହଜରତ ମସିହ ମଉଦ୍ ଆ:ସ ଓ ଖଲିଫାମାନଙ୍କୁ ଅତିଶୟ ପ୍ରେମ କରୁଥିଲେ । ଯମାତ୍‌ର ଅନେକ ଜାତିୟ ପଦରେ ଅଧିଷ୍ଠିତ ରହି ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ମେଡ଼ିକାଲ୍ କ୍ୟାମ୍ପ ଲଗାଇବା, ହ୍ୟୁମାନିଟି ଫାଷ୍ଟରେ ଚେୟାରମ୍ୟାନ ଭାବରେ ମଧ୍ୟ ସେ ସେବା ସମ୍ପାଦନ କରିଛନ୍ତି । ନିଜେ ଡ଼ାକ୍ତରମାନଙ୍କ ସାଥିରେ ଯାଇ ସାରା ସାରା ଦିନ ଜଳ ଅନ୍ନ ଗ୍ରହଣ ନ କରି ସେବା ସମ୍ପାଦନ କରୁଥିଲେ ।

ଡ଼ାକ୍ତର କମର ଅଲୀ ସାହେବ କୁହନ୍ତି, ମେଡ଼ିକାଲ୍ କ୍ୟାମ୍ପରେ ଯେତେବେଳେ ଆମେ ଥକି ପଡୁଥିଲୁ ଆମେ ଶୋଇ ପଡୁଥିଲୁ କିନ୍ତୁ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ତହ୍‌ଜୁଦ୍ ପାଠ କରୁଥିଲେ ଏବଂ ଯେତେବେଳେ ଆଖି ଖୋଲୁଥିଲା ଆମେ ତାଙ୍କୁ ତହ୍‌ଜୁଦ୍‌ରେ ଦେଖୁଥିଲୁ । ଅର୍ଥାତ ତହ୍‌ଜୁଦ୍ ନମାଜ ପାଠ କରୁଥିବାର ଦେଖୁଥିଲୁ । ଯେତେବେଳେ ସେ କୌଣସି ତକରିର୍ କରୁଥିଲେ ସେତେବେଳେ ସରାୟତେ ବୟତେ ଉପରେ ଅମଳ କରିବା ଉପରେ ଗୁରୁତ୍ଵ ଦେଉଥିଲେ ।

ମୁଜଫର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ଯେ ଯେତେବେଳେ ସେ ତକ୍‌ରିର୍ କରନ୍ତି ସେତେବେଳେ ସରାୟତେ ବୟତେ ମୁତାବକ ଅମଳ କରିବାକୁ ଅନୁପ୍ରାଣିତ କରୁଥିଲେ । ସେ କହୁଥିଲେ ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଅହେମଦୀ ହଜରତ ମସିହ ମଉଦ୍ ଆ:ସଙ୍କ ଏହି ଭବିଷ୍ୟବାଣୀ ଅର୍ଥାତ **ଆ ଲୈସଲ୍ଲାହୁ ବିକାଫଇନ୍ ଅବ୍‌ଦହୁ** କୁ ବୁଝିନାହିଁ ସେ ପର୍ଯ୍ୟନ୍ତ ସେ ସଂସାରର ମୋହମାୟାରେ ମାତି ରହିଥିବ ।

ଅମିର ସାହେବ ଲେଖିଛନ୍ତି ୨୦୦୬ ମସିହାରେ ସେ ଯମାତ୍‌କୁ ୩୦ ଏକର ଜମି ପ୍ରଦାନ କରିଥିଲେ । ୨୦୨୧ ମସିହାରେ ମୁଁ ତାଙ୍କୁ ନିବେଦନ କରିଥିଲି ଯେ ଆପଣ ବୈନିନ୍ ଯମାତ୍‌ରେ ମଦରସତୁଲ୍ ହିଫ୍‌ଜ୍ ନିର୍ମାଣ କରି ଯମାତ୍‌କୁ ଉପହାର ସ୍ଵରୁପ ପ୍ରଦାନ କରନ୍ତୁ । ଏଥିରେ ସେ ହସି କହିଲେ ଇନ୍‌ଶାଅଲ୍ଲାଃ ତାଲା ଏବଂ ଏହାପରେ କାମ ଆରମ୍ଭ ହୋଇଯାଇଥିଲା । ସେ କହୁଥିଲେ ଯମାତ୍‌ର ପିଲାମାନେ ଯଦି ପାଠ ପଢ଼ି ଆଗକୁ ବଢ଼ିଯାଆନ୍ତି ତେବେ ଯମାତ୍ ବୈନିନ୍ ଆଫ୍ରିକାର ସବୁଠାରୁ ବଡ଼ ଯମାତ୍ ପାଲଟି ଯିବ । ସେ ଯମାତ୍‌ର ପିଲାମାନଙ୍କୁ ଯମାତୀୟ ମୂଲ୍ୟବାନ ପୁସ୍ତକ କିଣି, ଖରିଦ କରି ଉପହାର ସ୍ଵରୁପ ପୁରସ୍କାର ଦିଅନ୍ତି । ଦିନେ ସେ ଗୋଟିଏ ଅନାଥାଳାୟ ବଇତୁଲ ଏକ୍‌ରାମ୍ ଗଲେ ଡ଼ାକ୍ତର ଓ୍ଵଲିଦ୍ ସାହେବ ଯେ କି ସେଠାକାର ଇନ୍‌ଚାର୍ଜ ଥିଲେ । ତାଙ୍କୁ ୟୁନୁସ୍ ସାହେବ୍ ଉପଦେଶ ଦେଲେ ଯେ, ଯେ ହେଉଛନ୍ତି ଆମର ଭବିଷ୍ୟତ ତାଙ୍କର ଉତମ ସ୍ଵାସ୍ଥ୍ୟ ଓ ତାଙ୍କ ସୁରକ୍ଷା କରିବା ଉଚିତ କାରଣ ଏମାନେ ଆମ ଯମାତ୍ ଓ ଗୋଷ୍ଠୀର ପିଲା ଓ ଆମେମାନେ ସେମାନଙ୍କର ପିତାମାତା ତେଣୁ ସେମାନଙ୍କ ପାଇଁ ଆମକୁ ଦୁଆ କରିବା ଉଚିତ । ଅଲ୍ଲାଃ ତାଲା ମୃତକଙ୍କ ସହ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତ କରନ୍ତୁ । ନମାଜ ଜୁମା ପରେ ମୁଁ ଏ ସମସ୍ତଙ୍କର ନମାଜ ଜନାଯାଃ ଗାଏବ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱ୍ଵର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ଵର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ଵର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ଵେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ସେ ଏକ ହୀରା ଥିଲା ଯିଏ ଆମଠାରୁ ଅଲଗା ହୋଇଗଲା । ଅଲ୍ଲାଃ ତାଲା ଏପରି ବିଶ୍ୱସ୍ତ, ଖିଲାଫତ୍ ସହିତ ନିଷ୍ଠା ଓ ଆନ୍ତରିକତା ରଖିଥିବା ଏବଂ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିବା ଲୋକ ଏ ଜମାତ୍‌କୁ ପ୍ରଦାନ କରି ଚାଲନ୍ତୁ**

**ସୟଦ୍ ତାଲେ ଅହ୍‌ମଦ୍ ଶହୀଦ୍‌ଙ୍କ ଉଜ୍ଜ୍ୱଳ ଗୁଣ ଗାରିମାର ବର୍ଣ୍ଣନା ।**

**ତାଙ୍କର କ୍ଷତି ଆମକୁ ଥରାଇ ଦେଇଛି । ସେହି ପ୍ରୀୟ ଅସ୍ତିତ୍ୱ, ୱ୍କଫ୍‌ର ଆତ୍ମାକୁ ବୁଝିଥିଲା ଓ ସେହି ପ୍ରତିଶ୍ରୁତି/ଶପଥକୁ ପ୍ରକୃତ ଭାବରେ ପୂରଣ କରିଥିଲା ଯାହା ସେ ପ୍ରତିଜ୍ଞା କରିଥିଲା ।**

**ମୋର ଅଲ୍ଲାଃଙ୍କ ଛାମୁରେ ଏ ପ୍ରାର୍ଥନା ଯେ ଅଲ୍ଲାଃ ତାଲା ଏହି ଦୁର୍ଘଟଣା ପରେ ଅନେକ ଲୋକଙ୍କୁ ଏହି ସ୍ତରର ସୃଷ୍ଟି କରିଦିଅନ୍ତୁ ।**

**ହେ ପ୍ରୀୟ ତାଲେ ! ମୁଁ ତୁମକୁ ବତାଉଛି ଯେ ତୁମର ସେହି ଶେଷ ବାକ୍ୟ ପୂର୍ବରୁ ମଧ ମୁଁ ଏହା ଜାଣିଥିଲି ଯେ ତୁମକୁ ଖିଲାଫତ୍ ପ୍ରତି ପ୍ରେମ ଓ ଭଲ ପାଇବାର ସମ୍ପର୍କ ଥିଲା । ତୁମର ପ୍ରତ୍ୟେକ କାର୍ଯ୍ୟରୁ ଏବଂ ପ୍ରତ୍ୟେକ ଗତି ଓ ସ୍ଥିରତାର ସେହି ପ୍ରେମର ପରିପ୍ରକାଶ ହେଉଥିଲା । ଯେବେ ତୁମ ହାତରେ କ୍ୟାମେରା ରହୁଥିଲା ଓ ମୁଁ ତୁମ ସମ୍ମୁଖରେ ରହୁଥିଲି, ସେତେବେଳେ ବି ଏବଂ ଯେବେ ତୁମେ କ୍ୟାମେରା ବ୍ୟତୀତ ସାକ୍ଷାତ କରୁଥିଲ, ତାହା ନିଜସ୍ୱ ବ୍ୟକ୍ତିଗତ ସାକ୍ଷାତକାର ହେଉ ବା ଅଫିସ୍ କାମ ହେଉ, ସେତେବେଳେ ତୁମ ଆଖିର ଚମକରୁ ସେହି ପ୍ରମ ବାରି ହୋଇଯାଉଥିଲା । ତୁମ ଚେହେରାର ଏକ ଅଦ୍ଭୁତ ପ୍ରକାଶ ଉଜ୍ଜ୍ୱଳତାରୁ ସେହି ପ୍ରେମର ଅଭିବ୍ୟକ୍ତ ହେଉଥିଲା । ଅତଏବ ପ୍ରତ୍ୟେକ ସ୍ଥଳେ ତୁମର ପ୍ରତ୍ୟେକ କାର୍ଯ୍ୟରୁ ଏହା ଜଣାପଡୁଥିଲା ଯେ ତୁମେ କିପରି ସେହି ପ୍ରେମକୁ ପ୍ରକାଶ କରିବ ଯାହା ତୁମକୁ ଯୁଗ ଖଲିଫାଙ୍କ ସହିତ ରହିଛି ।**

**ହେ ପ୍ରୀୟ ତାଲେ ! ମୁଁ ସାକ୍ଷ୍ୟ ଦେଉଅଛି ଯେ ନିଶ୍ଚିତ ରୂପେ ତୁମେ ତୁମର ୱ୍କଫ ଏବଂ ପ୍ରତିବଦ୍ଧାର ସର୍ବୋଚ୍ଚ ସ୍ତରକୁ ହାସଲ କରିନେଇଛ ।**

**ଆଶା କରୁଛି ଅଲ୍ଲାଃ ତାଲା ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଦତଳେ ସ୍ଥାନ ଦେଇଥିବେ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୦୩ ସେପ୍ଟେମ୍ବର ୨୦୨୧ ଅନୁଯାୟୀ ୦୩ ତବୁକ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବିଗତ ଦିନରେ ଆମର ଜଣେ ଅତି ପ୍ରିୟ ଯୁବକ ଓ ଉତ୍ସର୍ଗୀ ଶ୍ରୀ ସୟଦ୍ ତାଲେ ଅହେମଦ୍ ପିତା ଶ୍ରୀମାନ୍ ସୟଦ ହାଶିମ୍ ଅକ୍‌ବରଙ୍କର ଘାନାଠାରେ ଶାହାଦତ୍ ହୋଇଗଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ଅଗଷ୍ଟ ମାସ ୨୩ ଓ ୨୪ ତାରିଖର ମଧ ରାତ୍ରରେ ଆମ ଏମ୍‌ଟିଏ ବିଭାଗର ତିନିଜଣ ସଦସ୍ୟ ଘାନାର ଉତରାଂଚଳରେ ରେକଡ଼ିଂ ସାରି କୁମାସି ଯମାତ୍ ଆଡ଼କୁ ଆସୁଥିଲେ ଯେ, ରାସ୍ତାରେ ପାଖାପାଖି ୭:୧୫ ଘଟିକା ସମୟରେ ଡ଼କାୟତମାନଙ୍କର ଗୁଳିରେ ପ୍ରୀୟ ତାଲେ ଅହେମଦ୍ ଓ ଉମର୍ ଫାରୁକ୍ ସାହେବ ଆହତ ହୋଇଥିଲେ ପ୍ରାୟ ସାଢ଼େ ଚାରିଘଂଟା ପରେ ପଲି କ୍ଲିନିକରେ ସେମାନଙ୍କର ଉପଚାର (Treatment) କରାଗଲା । ତା'ପରେ ଟମାଲେର ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିଲେ ଯେ, ଚିକିତ୍ସାଳୟ ମାର୍ଗରେ ହିଁ ପ୍ରୀୟ ତାଲେ ଅହେମଦ୍‌ଙ୍କର ଦେହାନ୍ତ ହୋଇଥିଲା ଏମ୍.ଟି.ଏ ଇଂଟରନ୍ୟାଶନାଲ୍ ସହିତ ଜଡ଼ିତ ଅନ୍ୟ ଦେଶଗୁଡ଼ିକରେ ବୋଧ ହୁଏ କିଛି ଲୋକ ଶହୀଦ ହୋଇଛନ୍ତି କିନ୍ତୁ ଏଠିକାର ଏହା ହେଉଛି ପ୍ରଥମ ଶାହାଦତ୍ ଏବଂ ୱାକିଫିନେ ନୌ ୟୁ.କେର ମୋ ମତରେ ଏହା ପ୍ରଥମ ଶାହାଦତ୍ ଥିଲା ।

ସୟଦ୍ ତାଲେ ଅହେମଦ୍ ଶ୍ରୀମତି ଅମ୍‌ତୁଲ୍ ଲତିଫ୍ ବେଗମ୍ ସାହେବା ଓ ସୟଦ ମୀର୍ ମୁହମ୍ମଦ ଅହେମଦ୍ ସାହେବଙ୍କ ନାତୀ ଥିଲେ ଏବଂ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କର ପଣନାତୀ ଥିଲେ । ତଥା ହଜ୍‌ରତ୍ ଡ଼ାକ୍ତର ମୀର୍ ମୁହମ୍ମଦ ଇସ୍ମାଇଲ୍ ର:ଅଙ୍କ ପଣନାତୀ ଅର୍ଥାତ ନାତୀର ପୁଅ ଥିଲେ । ହଜରତ ଡ଼ାକ୍ତର ମୀର୍ ମୁହମ୍ମଦ ଇସ୍ମାଇଲ୍ ସାହେବ ହଜ୍‌ରତ୍ ଅମାଜାନ୍ ର:ଅଙ୍କ ସାନ ଭାଇ ଥିଲେ । ଏହି ଦୃଷ୍ଟିରୁ ପ୍ରୀୟ ସୟଦ୍ ତାଲେ ଅହେମଦଙ୍କ ସମ୍ପର୍କ ହଜ୍‌ରତ୍ ଅମାଜାନ୍ ର:ଅଙ୍କ ସହିତ ୍ ଯୋଡ଼ି ଯାଉଛି । ପୁନଶ୍ଚ ହଜ୍‌ରତ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅଙ୍କ ମାଧ୍ୟମରେ ତାଙ୍କ ସମ୍ପର୍କ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ମିଶୁ ଅଛି । ପୁଣି ସେ ମିର୍ଜା ଗୁଲାମ୍ କାଦିର୍ ସାହେବ ସହୀଦଙ୍କର ଜ୍ୱାଇଁ ଥିଲେ । ପ୍ରଭୁଙ୍କ କୃପାରୁ ସେ ଜଣେ ମୁସି ଥିଲେ ଓ ୱକ୍‌ଫେ ନୌ ବିଭାଗରେ ସାମିଲ ଥିଲେ ।

ପ୍ରୀୟ ପ୍ରୀୟ ସୟଦ୍ ତାଲେ ଅହେମଦ ବାୟୋ ମେଡ଼ିକାଲ୍ ସାଇନ୍ସରେ ଡ଼ିଗ୍ରୀ ହାସଲ କରିଥିଲେ ସେଥିଅନ୍ତେ ସେ ଜର୍ନାଲିଜିମ୍‌ରେ ମାଷ୍ଟର କରିଥିଲେ । ସେ ୨୦୧୩ ମସିହାରେ ନିଜକୁ ୱକ୍‌ଫ କରି ଅର୍ଥାତ ଜୀବନ ଉତ୍ସର୍ଗ କରି ଯମାତ୍‌ର ବିଭିନ୍ନ କାର୍ଯ୍ୟାଳୟରେ ସେବା ସମ୍ପାଦନ କରିବା ପରେ ଶେଷରେ ପ୍ରେସ୍ ଏଣ୍ଡ ମିଡ଼ିଆରେ ତାଙ୍କର ନିଯୁକ୍ତି ହୋଇଥିଲା । ତା' ପୂର୍ବରୁ ସୟଦ୍ ତାଲେ ନିଜ ଯମାତ୍‌ରେ ଲୋକଲ୍ ସ୍ତରରେ ମଧ ସେବାକାର୍ଯ୍ୟ ସମ୍ପାଦନ କରୁଥିଲେ । ଖୁଦ୍ଦାମୁଲ୍ ଅହେମଦୀୟା ହାର୍ଟଲେ ପୋଲ୍‌ରେ ତବ୍‌ଲିଗ୍ ତାଲିମ୍, ଇଶାଅତ୍ ଏବଂ ଅତ୍‌ଫାଲ୍ ବିଭାଗରେ କାମ କରିଛନ୍ତି । ୨୦୧୬ ମସିହାରେ ଏମ୍‌ଟିଏ ନ୍ୟୁଜ୍ ବିଭାଗରେ ସ୍ଥାୟୀ ଭାବରେ ନିଯୁକ୍ତି ପାଇଥିଲେ ଏହା ପୂର୍ବରୁ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ରେ ଇଣ୍ଡେକ୍‌ସିଂ(Indexing) ଏବଂ ଟ୍ୟାଗିଂ(Tagging)ର ହେଡ୍ ଭାବରେ ମଧ ସେବା କରିବାର ସୁଯୋଗ ପାଇଛନ୍ତି ।

ଏମ୍.ଟି.ଏ ନ୍ୟୁଜ୍ ପାଇଁ ସେ ଡ଼କ୍ୟୁମେଂଟାରୀ ଫିଲ୍ମ ପ୍ରସ୍ତୁତ କରୁଥିଲେ ଆହୁରି ତିନିଚାରୋଟି ଡ଼କ୍ୟୁମେଟାଂରୀ ଉପରେ କାମ ଜାରି ରଖିଥିଲେ ଏବଂ ମୋ କାର୍ଯ୍ୟବସ୍ତତା ଉପରେ ଆଧାରିତ ସାପ୍ତାହିକ କାର୍ଯ୍ୟକ୍ରମ this week with hazur ର ସେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ତାଙ୍କର ନିଜସ୍ୱ କାର୍ଯ୍ୟକ୍ରମ ଥିଲା, ନିଜ ସ୍ଥାନୀୟ ଯମାତ୍ ଓ ଖୁଦାମୁଲ୍ ଅହେମଦିୟା ଅନ୍ତର୍ଗତ ଅନେକ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏହି ସାପ୍ତାହିକ କାର୍ଯ୍ୟକ୍ରମରେ ସେ ହିଁ ଶୁଭାରମ୍ଭ କରିଥିଲେ ଏବଂ ଯେପରି କି ମୁଁ କହିଲି ତାହାର ଏଡ଼ିଟିଙ୍ଗ ଆଦି ସମସ୍ତ କାର୍ଯ୍ୟ ସେ ସ୍ୱୟମ ସମ୍ପାଦନ କରୁଥିଲେ । ଏହି କାର୍ଯ୍ୟକ୍ରମକୁ ଲୋକମାନେ ବେଶ୍ ପସନ୍ଦ କରୁଥିଲେ । ଏଡ଼ିଟର ତାହେର୍ ମେଗ୍‌ଜିନ୍‌ଙ୍କ ବ୍ୟତିତ ସେ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟାରେ ଇଶାଅତ୍ ବିଭାଗରେ ମଧ ସେବା ସମ୍ପାଦନ କରୁଥିଲେ । ଜମାତ୍‌ର ବିଭିନ୍ନ ପତ୍ରିକା ଉଦାହରଣ ସ୍ୱରୁପ Re-

view of Religion ଏବଂ ତାରିକ୍ ମାଗାଜିନ୍‌ରେ ତାଙ୍କର ଲେଖା ଓ ସନ୍ଦର୍ଭ ଆଦି ପ୍ରକାଶିତ ହେଉଥିଲା ଏବଂ ପ୍ରେସ୍ ଏଣ୍ଡ ମିଡ଼ିଆ ଅର୍ନ୍ତଗତ ବିଭିନ୍ନ ଦେଶ ସେ ଗସ୍ତ କରିଛନ୍ତି । ପୁଣି ମୁଁ ଯେତେବେଳେ ବିଦେଶ ଗସ୍ତ କରୁଥିଲି ପ୍ରେସ୍ ଏଣ୍ଡ ମିଡ଼ିଆ ବିଭାଗ ତରଫରୁ ସେ ମୋ ସାଥିରେ ରହୁଥିଲେ ।

ପ୍ରୀୟ ସୟଦ୍ ତାଲେ ଅହେମଦ୍ ଅତି ସୁନ୍ଦର ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରିବା ଶୈଳୀ ଜାଣିଥିଲେ ଯେଉଁଥିପାଇଁ ସେ କୌଣସି ପ୍ରକାରର ସଙ୍କଟରେ ମଧ ପଡୁନଥିଲେ କୌଣସି ବିପଦ ସଙ୍କୁଳ ପରିସ୍ଥିତିର ପରବାଏ କରୁନଥିଲେ । ତାଙ୍କ ଶାହାଦତ୍‌ର ଘଟଣାରୁ ମଧ ଏହା ପ୍ରମାଣିତ ହେଉଛି । ଟମାଲେ ର ଜୋନଲ୍ ମିସ୍‌ନାରୀ ଇନ୍‌ଚାର୍ଜ ସାହେବ ଜନାବ ଅବୁବକର ଇବ୍ରାହିମ୍‌ଙ୍କ କହିବା ଅନୁଯାୟୀ ତାଙ୍କୁ ରାତିରେ ଯାତ୍ରା ନ କରିବାକୁ ସେ ପରାମର୍ଶ ଦେଇଥିଲେ କିନ୍ତୁ ସମୟ ଅଭାବ ଓ କାର୍ଯ୍ୟଭାର ଅଧିକ ଥିବା ଯୋଗୁଁ ସେ ଯାତ୍ରା କରିବାକୁ ବାଧ ହୋଇଥିଲେ । ଯମାତର ସମ୍ପତି ଓ ସମୟର ମୂଲ୍ୟକୁ ସେ ମର୍ମେ ମର୍ମେ ବୁଝୁଥିଲେ । ଯେଉଁଥିପାଇଁ ସେ ରାସ୍ତାରେ ଯାତ୍ରା କରିବା ସମୟରେ ମଧ ନିଜ କାର୍ଯ୍ୟ ଲ୍ୟାପଟପ୍‌ରେ କରିଚାଲିଥିଲେ, ସେ ମପାହା ରିଜିୟନ୍ ନିକଟରେ ପହଂଚିଥିଲେ ଯେ, ଡ଼କାୟତମାନେ ହଠାତ୍ ତାଙ୍କ ଗାଡ଼ି ଉପରକୁ ଗୁଳି ଚାଳନା କରିଥିଲେ । ଅବୁ ବକର ଇବ୍ରାହିମ୍ ସାହେବ କୁହନ୍ତି ଅଗଷ୍ଟ ୨୩ ତାରିଖ ସକାଳେ ଏମ୍‌ଟିଏ ଟିମ୍ ସଲାଗା ଅଭିମୁଖେ ବାହାରିଲା, ଯେତେବେଳେ ସେ ପ୍ରୀୟ ସୟଦ୍ ତାଲେ ଅହେମଦ୍ ଙ୍କୁ ନିଜ ଜିନିଷପତ୍ର ପ୍ୟାକିଙ୍ଗ କରୁଥିବାର ଦେଖିଲେ ସେତେବେଳେ ତାଙ୍କୁ କହିଲେ, ହୋଟେଲ୍‌ରୁ ଆପଣ ଚେକ୍‌ଆଉଟ୍ କରିବାକୁ ଯାଉଛନ୍ତି କଣ ଏଠାକୁ ଆଉ ଫେରିବେ ନାହିଁ । ଆପଣଙ୍କୁ ତ' ଏଠାକୁ ଫେରିବାକୁ ହେବ । ତାଲେ ଉତର ଦେଲେ ଆମ ହାତରେ ସମୟ ଖୁବ୍ କମ୍ ପୁଣି ଆମକୁ କୁମାସି ମଧ ଯିବାର ଅଛି ଏଥିରେ ମୌଲବୀ ସାହେବ ତାଙ୍କୁ କହିଲେ, ଆଛା ସଲାଗାରୁ ଫେରିବା ସମୟରେ ଯଦି ବିଳମ୍ବ ହୋଇଯାଏ ତେବେ ରାତ୍ରି ଯାପନ କରିବାପାଇଁ ଏଠାକୁ ଚାଲିଆସିବେ ଏବଂ ରାତ୍ର ସମୟରେ ଯାତ୍ରା କରିବେ ନାହିଁ । ପ୍ରତ୍ୟୁତରରେ ସେ କହିଲେ ଠିକ୍ ଅଛି ପୁଣି ଦେଖିବା । ଆହୁରି କହିଲେ ଯେ ଆମକୁ ସେରେଲିଓନ ମଧ ଯିବାର ଅଛି ଓ ମୋ ନିକଟରେ ମାତ୍ର ଦୁଇ ଦିନ ସମୟ ରହିଛି କିନ୍ତୁ କାର୍ଯ୍ୟ ଭାର ବେଶ୍ ଅଧିକ ରହିଛି ଯାହାକୁ ମତେ ସମ୍ପାଦନ କରିବାର ଅଛି ଏବଂ ଏହି ସବୁ କାର୍ଯ୍ୟ ଅର୍ଥାତ ରେକଡ଼ିଂ ଇତ୍ୟାଦି କାମ କୁମାସି ଓ ଓକାରାରେ କରିବାକୁ ହେବ ତେଣୁ ମୋର ଯିବା ଜରୁରୀ କିନ୍ତୁ ଆପଣ କହୁଛନ୍ତି ତ ମୁଁ ଚେଷ୍ଟା କରିବି । ସେ ଯାହା ହେଉ ନା କାହିଁକି ଯେତେବେଳେ ସେମାନେ ସେଠାରୁ ଫେରିଲେ ଏ ନିଷ୍ପତି ନେଲେ ଯେ, ଆମେ ଟମାଲେ ପ୍ରତ୍ୟାବର୍ତନ କରିଯିବା ଠିକ୍ ହେବ ପୁଣି ସେ ସଂଧ୍ୟା ୬ ଟା ୪୫ ମିନିଟରେ ଉମର୍ ଫାରୁକ ସାହେବଙ୍କୁ କହିଲେ ଚାଲ ନମାଜ ପଢ଼ିନେବା ଅତଏବ ବାଯମାତ୍, ମଗ୍‌ରିବ ଓ ଇସା ସେଠାରେ ନମାଜ ପାଠ କଲେ ପୁନଶ୍ଚ ତାଙ୍କୁ ଏ କଥାର ଚିନ୍ତା ଥିଲା ଯେ, ଟମାଲେ ଓ ସଲାଗାରୁ ଯେଉଁ ରେକଡ଼ିଂ କରି ଆଣିଛନ୍ତି ସେ ସବୁ କରପ୍ଟ (currupt) ନ ହୋଇଯାଉ ତେଣୁ ଯାତ୍ରା କରିବା ସମୟରେ ସେ ସେହି ରେକଡ଼ିଂଗୁଡ଼ିକୁ ଲ୍ୟାପଟପ୍‌ରେ ସୁରକ୍ଷିତ ରଖିବା ପାଇଁ କାମ ଆରମ୍ଭ କରିଦେଲେ । ସମ୍ପୂର୍ଣ୍ଣ ଯାତ୍ରା ସେ ଏହି କାର୍ଯ୍ୟରେ ଲାଗି ରହିଥିଲେ ।

ପୋଲିସ ରିପୋର୍ଟ ଅନୁଯାୟୀ ଏମ୍‌ଟିଏର ଗାଡ଼ି Mpaha ଜଙ୍କସନ୍ ନିକଟରେ ପହଂଚିବା କ୍ଷଣି ଡ଼କାୟତମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଦେଲେ ଫଳତଃ ଏମ୍.ଟି.ଏର ଦୁଇଜଣ ବ୍ୟକ୍ତି ଆହତ ହୋଇଗଲେ । ତାଙ୍କ ଡ୍ରାଇଭର କୁହନ୍ତି ଉକ୍ତ ଘଟଣା ପୂର୍ବରୁ ମୋ ସମ୍ମୁଖରୁ ଗୋଟିଏ ଗାଡ଼ି ଅତିକ୍ରମ କଲା ଯେ କି ଏହି ବିପଦର ଆଭାସ ସ୍ୱରୁପ ମତେ ଇସାରା କରିଥିଲା କିନ୍ତୁ ତାହା ମୁଁ ବୁଝି ପାରିନଥିଲି ଡ଼କାୟତମାନେ ହଠାତ୍ ଆମ ସମ୍ମୁଖକୁ ଆସିଗଲେ ମୁଁ ଉଚ୍ଚ ସ୍ୱରରେ କଲ୍‌ମା ପାଠ କରିବା ଆରମ୍ଭ କରିଦେଲି କିନ୍ତୁ ଡ଼କାୟତମାନେ ଗୁଳି ଚାଳନା କରିବା ଆରମ୍ଭ କରିଦେଲେ ଏହାର ଆଭାସ ଗାଡ଼ି ପଛରେ ବସିଥିବା ତାଲେ ମଧ ଜାଣିପାରିଥିଲେ ଯେ Armed Robbers ଆକ୍ରମଣ କରିଦେଇଛି । ଉମର୍ ଫାରୁକ ସାହେବ କୁହନ୍ତି ଏହି ଗୁଳି ଚାଳନାରେ ମୋ ଜଙ୍ଘରେ ମଧ୍ୟ ଗୋଟେ ଗୁଳି ବାଜିଥିଲା ଯାହାକି ମତେ ଅନୁଭବ ହୋଇନଥିଲା । ଗୁଳି ବର୍ଷା କରିବା ପରେ ଡ଼ାକୁମାନେ ନୀରବରେ ବସି ପଡ଼ିଲେ କିଛି କ୍ଷଣ ପରେ ସେମାନେ ଟର୍ଚ୍ଚ ମାରି ଆମ ଆଡ଼କୁ ବଢ଼ିଲେ ଏବଂ ଡ୍ରାଇଭରଙ୍କୁ ଓ ମତେ ଗାଡ଼ିରୁ ଓହ୍ଲାଇ ଦେଲେ ଆମ ନିକଟରେ ଫୋନ୍ ତଥା ଯାହା କିଛି ଅର୍ଥ ରହିଥିଲା, ଆମେ ସେ ସବୁ ତାଙ୍କୁ ସମର୍ପଣ କରିଦେଲୁ । ସେମାନେ ଆମକୁ ବାହାରକୁ ଘୋଷାଡ଼ି ନେଇ ସଡ଼କ ଉପରେ ଶୁଆଇ ଦେଲେ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଲେ ମୋ ମୁଣ୍ଡକୁ ଏକ ଲାଠି ଦ୍ୱାରା ଖୁବ୍ ଜୋର୍‌ରେ ମାରିଲେ ଯେଉଁ ସ୍ଥଳରୁ ରକ୍ତସ୍ରାବ ମଧ୍ୟ ହେଲା ତଥାପି ମୋର ତାଲେଙ୍କର କଥା ମନେ ପଡୁଥାଏ ହଜୁର ଅ:ବ:ଅ କହିଲେ ଇଏ ମଧ ବେମାର ଅଛନ୍ତି ତାଙ୍କୁ ବି ଗୋଳି ବାଜିଛି, ମୁଣ୍ଡ ଫାଟିଛି ଅଲ୍ଲାଃ ତାଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ସେ ଯାହା ହେଉ ନା କାହିଁକି ଉମର୍ ସାହେବ କୁହନ୍ତି ଯେ ଆମେ ଆହତ ଥିଲୁ କିନ୍ତୁ ମୁଁ ତାଲେଙ୍କ ପାଇଁ ବହୁତ ଚିନ୍ତିତ ଥିଲି ଓ ତାଙ୍କ ସ୍ୱାସ୍ଥ୍ୟ ପାଇଁ ମଧ ଦୁଆ କରୁଥିଲି ତା'ପରେ ଡ଼ାକୁମାନେ ସେଠାରୁ ଚାଲିଗଲେ ଆମେ ସାହାସ କରି ଉଠିଲୁ ଓ ଯଥାଶିଘ୍ର ଗାଡ଼ି ନିକଟକୁ ଆସିଲୁ ଯେ ତାଲେଙ୍କର ଅବସ୍ଥା କଣ ? ଦେଖିଲୁ ଯେ ତାଲେଙ୍କ ଅଂଟାରେ ଗୋଟିଏ ଗୁଳି ବାଜିଥିଲା ଓ ଶରୀର ଭିତରେ ପଶି ରହିଥିଲା । ଯଦ୍ୱାରା ବହୁତ ରକ୍ତ ସ୍ରାବ ହୋଇଯାଇଥିଲା ମେଡ଼ିକାଲ୍ ରିପୋର୍ଟ ମୁତାବକ ଏହା ହିଁ ତାଙ୍କ ମୃତ୍ୟୁର କାରଣ ହେଲା ।

ଏହି ଘଟଣା ପରେ ସେମାନେ ଗୋଟିଏ ବସ୍ ଜରିଆରେ Buipe ପଲି କ୍ଲିନିକ୍‌ରେ ପହଂଚିଲେ । ପ୍ରଥମେ ଆମେ ପଲ୍ଲୀ କ୍ଲିନିକ୍‌ରେ ତାଙ୍କର ଚିକିତ୍ସା କରିଥିଲୁ ସେଥିଅନ୍ତେ ଟମାଲେ ଟିଚିଂ ଚିକିତ୍ସାଳୟ ଯିବା ମାର୍ଗରେ ହିଁ ପାଖାପାଖି ସାଢ଼େ ଚାରିଘଂଟା ପରେ ତାଙ୍କର ଦେହାନ୍ତ ଘଟିଥିଲା । ଉମର୍ ଫାରୁକ୍ ସାହେବ କୁହନ୍ତି ତାଲେର ମୁଣ୍ଡ ମୋ ଜଙ୍ଘ ଉପରେ ଥିଲା ଏବଂ ସେ ମତେ ବାରମ୍ବାର ଏହି କଥା ପଚାରୁଥିଲେ ଯେ କଣ ଆମର ଏହି ଦୁର୍ଘଟଣା ସମ୍ପର୍କରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସୂଚନା ମିଳିଗଲାଣି ତ ? କଣ ଦୁଆ ପାଇଁ କହି ଦେଇଛନ୍ତି ତ ? ମାତ୍ରାରେ ରକ୍ତସ୍ରାବ ଓ ଅସମ୍ଭାଳ ପୀଡ଼ା ସତ୍ୱେ ଚିକିତ୍ସାଳୟ ଯିବା ମାର୍ଗରେ ସେ ନିଜ ସାଥିମାନଙ୍କୁ କହିଲେ ଯେ ମୁଁ ଗୁଳି ଚାଳନା ସମୟରେ ଲ୍ୟାପଟପ ଓ ଅନ୍ୟାନ୍ୟ ଦାମୀ ସାମଗ୍ରୀଗୁଡ଼ିକୁ ଗାଡ଼ିର ପଛ ସିଟ୍ ତଳକୁ ଠେଲି ଦେଇଛି ସେଠାରେ ସେ ସବୁ ସୁରକ୍ଷିତ ଅଛି ଆପଣ ସେଗୁଡ଼ିକୁ ସେଠାରୁ କାଢ଼ି ନେବେ ।

ଏଭଳି ଭୀଷଣ ଆଘାତ ହେବା ସତ୍ୱେ ତାଙ୍କର ଯମାତ୍‌ର ସମ୍ପତି ଓ ଇତିହାସକୁ ସୁରକ୍ଷା କରିବା ଚିନ୍ତା ରହିଥିଲା । ସେ ଯାହା ହେଉ ନଅଟା ତିରିଶି ମିନିଟରେ ତାଲେଙ୍କ ଅବସ୍ଥା ତଳକୁ ଖସି ଚାଲିଥିଲା ଯେଉଁଥିପାଇଁ ତାଙ୍କୁ ବଡ଼ ଚିକିତ୍ସାଳୟରେ ସ୍ଥାନାନ୍ତରିତ କରିବାପାଇଁ ବ୍ୟବସ୍ଥା କରାଯାଇଥିଲା ଏବଂ ଯେପରି କି ମୁଁ କହିଲି ହସ୍ପିଟାଲ୍‌କୁ ଯିବା ମାର୍ଗରେ ହିଁ ତାଙ୍କର ଦେହାନ୍ତ ଘଟିଲା କାରଣ ଦୁର୍ଭାଗ୍ୟବସତଃ ସେହି ଆମ୍ବଲାନ୍ସରେ ଅତ୍ୟାବଶ୍ୟକ ସରଞ୍ଜାମ ମଧ ଉପଲବ୍ଧ ନଥିଲା । ସେହି ଦେଶମାନଙ୍କରେ ଅନେକ ସମୟରେ ମନୁଷ୍ୟ ଏଭଳି ପରିସ୍ଥିତିର ସମ୍ମୁଖିନ ହୋଇଥାଏ ଅର୍ଥାତ ଆଫ୍ରିକା ଦେଶରେ । ପ୍ରଥମତଃ ଆମ୍ବଲାନ୍ସ ମିଳିବାରେ ବିଳମ୍ବ ଘଟିଲା ପୁଣି ରକ୍ତସ୍ରାବ ଖୁବ୍ ହୋଇଯାଇଥିବା ଯୋଗୁଁ ଏଭଳି ଅଘଟଣ ଘଟିଲା । ତେବେ ସେ ଯାହା ହେଉ ଈଶ୍ୱରଙ୍କର ଏହା ହିଁ ନିୟତି ଥିଲା ଫଳତଃ ଏଭଳି ଘଟଣା ଘଟିଲା । ଉମର୍ ଫାରୁକ ସାହେବ କୁହନ୍ତି ସେ ରାସ୍ତାରେ ଚେତା ଫେରିବା ମାତ୍ରେ ବାରମ୍ବାର ମତେ କହୁଥିଲେ Tell Hazur that I love him and tell my family that I love him

ଉମର୍ ଫାରୁକ୍ ସାହେବ କୁହନ୍ତି ଯେତେବେଳେ ଟିକିଏ ହୋସ୍ ଆସୁଥିଲା ସେ ପୁଣି ଏହି କଥାର ପୂନରାବୃତି କରୁଥିଲେ । ଏହିପରି ସେ ଅନେକ ଥର କହିଲେ । ସେ ଏହା ମଧ କହିଲେ ଯେ ଆପଣମାନେ ମୋର ବହୁତ ଯତ୍ନ ନେଇଛନ୍ତି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି ସେଥିପାଇଁ ମୁଁ ସହୃଦୟରୁ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଛି ଆପଣଙ୍କ ନିକଟରେ ମୁଁ ଋଣି । ମୁଁ ତାଙ୍କୁ ଉତ୍ସାହିତ କରୁଥାଏ କିନ୍ତୁ ସେତେବେଳକୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସୋଚନୀୟ ହୋଇଯାଇଥିଲା ଏବଂ ଯେତେବେଳେ ମୁଁ ତାଙ୍କୁ କିଛି ପଚାରୁଥିଲି ସେତେବେଳେ ସେ କିଛି ନ କହିପାରି ନିଜ ହାତରେ ଆଙ୍ଗୁଳିମାନ ବନ୍ଦ କରି ବଡ଼ ଆଙ୍ଗୁଳି ଉଠାଇ ଇସାରା କରୁଥିଲେ ଯେ ସବୁ ଠିକ୍ ଅଛି । ତାଙ୍କର ଏହି ଅବସ୍ଥା ଦେଖି ମୁଁ ଭୟଭୀତ ହୋଇ ଯାଉଥିଲି ତା'ପରେ ତାଙ୍କ ନିଶ୍ୱାସ ପ୍ରଶ୍ୱାସ ନେବାରେ ତୀବ୍ର ବେଗ ଦେଖା ଦେଇଥିଲା ଶେଷରେ ଏକ ଦୀର୍ଘ ନିଶ୍ୱାସ ନେବା ପରେ ସେ ନୀରବ ହୋଇଯାଇଥିଲେ ଓ ସେହି ଶୋକାକୂଳ ପରିବେଶ ଆଚ୍ଛାଦିତ ହୋଇଯାଇଥିଲା । ମୁଁ ବୁଝି ନେଇଥିଲି ଯେ ଆମେ ଯାହା ଆଶା କରିନଥିଲୁ ତାହା ହିଁ ଘଟି ସାରିଛି । ପୁଣି ସେ କୁହନ୍ତି ଡ୍ରାଇଭର ଓ ମେଲ୍ ନର୍ସ ପରସ୍ପର ସହିତ ନିଜ ଆଂଚଳିକ ଭାଷାରେ କଥୋପକଥନ ହେଉଥିଲେ ଏବଂ ସେ ଆମକୁ ତାହା କହିବାକୁ ଚାହୁଁନଥିଲେ ଯେ, ସୟଦ୍ ତାଲେ ଅହେମଦ୍‌ଙ୍କର ଦେହାନ୍ତ ଘଟିସାରିଛି ବୋଲି କିନ୍ତୁ ଟମାଲେ ହସ୍ପିଟାଲ ପହଂଚିବା ପରେ ହସ୍ପିଟାଲ୍ ଅଧିକାରୀମାନେ ଅବା ହସ୍ପିଟାଲ୍ କର୍ତୃପକ୍ଷଙ୍କ ତରଫରୁ ୧:୪୯ ମିନିଟ ଘଟିକାରେ ତାଙ୍କ ଦେହାନ୍ତର ଘୋଷଣା କରାଯାଇଥିଲା । ସେ କୁହନ୍ତି ଏହି ଦୁଃଖଦ ଘଟଣା ଶୁଣି ଟମାଲେର ସମସ୍ତ ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ କାରଣ କିଛି ସମୟ ପୂର୍ବରୁ ହିଁ ସେମାନେ ଯାହାଙ୍କୁ ହସ ଖୁସିରେ ବିଦା କରିଥିଲେ । ସେ ଏବେ ଆଉ ନାହାନ୍ତି । ଏହା ତାଙ୍କ ଶହୀଦ ହେବାର କିଛି ବିବରଣୀ ଥିଲା ।

ଗୋଟିଏ ହୀରା ଥିଲା ଯେ ଆମକୁ ଛାଡ଼ି ଚାଲିଗଲା । ଅଲ୍ଲାଃ ତାଲା ଯମାତ୍‌କୁ ଏଭଳି ଅନେକ ଖିଲାଫତ୍‌ର ବିଶ୍ୱସ୍ଥ ଓ ଧର୍ମକୁ ପ୍ରାଥମିକତା ଦେଉଥିବା ନିଷ୍ଠାପର ସେବକ ପ୍ରଦାନ କରିଚାଲନ୍ତୁ କିନ୍ତୁ ତାଙ୍କର କ୍ଷତି ଆମକୁ ଥରାଇ ଦେଇଛି । ସେହି ପ୍ରୀୟ ଅସ୍ତିତ୍ୱ ଉତ୍ସର୍ଗର ମର୍ମକୁ ବୁଝି ଥିଲା ଏବଂ ନିଜ ପ୍ରତିଜ୍ଞାକୁ ବାସ୍ତବରେ ସାକାର କରିଦେଇ ଏହି ଇହଧାମରୁ ଚାଲିଗଲା । ତାକୁ ଦେଖିଲେ ମତେ ଆଶ୍ଚର୍ଯ୍ୟ ଲାଗେ ଏବଂ ବର୍ତମାନ ସୁଦ୍ଧା ହେଉଛି ଯେ, ଏହି ପୂର୍ଣ୍ଣ ସାଂସାରିକ ପରିବେଶରେ ବଢ଼ିଥିବା ପିଲାଟିଏ କିଭଳି ନିଜ ଉତ୍ସର୍ଗର ମର୍ମକୁ ବୁଝିଲା ଓ ତାହାକୁ ସମ୍ପାଦନ କଲା ଏବଂ ତାହାକୁ ଶୀର୍ଷରେ ନେଇ ପହଂଚାଇ ଦେଲା । ସେ ଗୁରୁଜନମାନଙ୍କ ଜୀବନୀ ପାଠ କରୁଥିଲା ଏଥିପାଇଁ କି ତାହାକୁ ନିଜ ଅଭ୍ୟାସରେ ସ୍ଥାନ ଦେଇପାରିବ ।

ଖିଲାଫତ୍ ସହିତ ନିଷ୍ଠା ଓ ବିଶ୍ୱସ୍ତତାର ଏଭଳି ଗଭୀରତା ରହିଥିଲା ଯାହାକି ବଡ଼ ବଡ଼ ଧାର୍ମିକ ବିଦ୍ୱାନମାନେ ମଧ ବୁଝି ନଥିବେ । ସେ ଖିଲାଫତ୍ ସହିତ ନିଷ୍ଠା ଓ ବିଶ୍ୱସ୍ତତାର

ସମ୍ପର୍କ ସ୍ଥାପନ କରିଥିଲା ଏବଂ ଏଭଳି ଗଭୀର ବିଶ୍ୱାସ ସ୍ଥାପନ କରିଥିଲା ଯେ, ନିଜର ଶେଷ ବାକ୍ୟରେ, ଯେତେବେଳେ ତାହାର ପ୍ରାଣବାୟୁ ଉଡ଼ିଯିବା ନିକଟବର୍ତୀ ଥିଲା ସେତେବେଳେ ମଧ୍ୟ ସେହି ବାକ୍ୟରେ ଉପସ୍ଥିତ ଖଲିଫାଙ୍କ ସହିତ ପ୍ରେମ ଓ ଅନୁରାଗର ଧ୍ୟାନ ଆସିଥିଲା । ଏଭଳି ମୁହୁର୍ତରେ ମଣିଷକୁ ତାହାର ସ୍ତ୍ରୀ ପିଲାଙ୍କ ମନେ ପଡ଼ିଥାଏ କିନ୍ତୁ ପ୍ରତିଥର ଏବଂ ବାରମ୍ବାର ନିଜ ସ୍ତ୍ରୀ ପିଲା ଓ ପରିବାର ବର୍ଗକୁ ମନେ ପକାଇବା ପୂର୍ବରୁ ସେ ଉପସ୍ଥିତ ଖଲିଫାଙ୍କୁ ଭଲ ପାଉଥିବାର ପରିପ୍ରକାଶ କରିଥିଲା କ୍ୱଚିତ ଏ ବିଷୟରେ କାହାର ଧ୍ୟାନ କେନ୍ଦ୍ରିତ ହୋଇଥାଏ ।

ସମ୍ଭବତଃ ଦୁଇ ତିନିବର୍ଷ ପୂର୍ବେ ସେ ଖିଲାଫତ୍ ସହିତ ଘନିଷ୍ଠତା ଓ ପ୍ରେମର ପରିପ୍ରକାଶ କରି ଗୋଟିଏ କବିତା ରଚନା କରିଥିଲେ । ଯାହାକି ସେ ନିଜର ବନ୍ଧୁକୁ ଦେଇଥିଲେ ଏବଂ ତାଙ୍କୁ କହିଥିଲେ ଯେ ଏହାକୁ ନିଜ ନିକଟରେ ରଖିବ କାହାରିକୁ ଦେଖାଇବ ନାହିଁ, ଏହାର ପରିପ୍ରକାଶ କରିବ ନାହିଁ । ଉକ୍ତ କବିତାର ପ୍ରାରମ୍ଭିକ ପଂକ୍ତି ଏପରି ଥିଲା ଯେ ମୁଁ ଉପସ୍ଥିତ ଖଲିଫାଙ୍କୁ ସବୁଠାରୁ ଅଧିକ ଭଲ ପାଏ ଏବଂ କବିତାକୁ ସମାପ୍ତ ଏପରି କରିଥିଲା ଯେ, ଉପସ୍ଥିତ ଖଲିଫାଙ୍କ ସହିତ ମୋର ଏହି ନିବିଡ଼ ପ୍ରେମ ଓ ଅନୁରାଗର ଯେଉଁ ସମ୍ପର୍କ ରହିଛି ତାହା ସେ ଅର୍ଥାତ ହଜୁର କଦାପି ଜାଣିପାରିବେ ନାହିଁ । ତାଙ୍କୁ କେବେ ଜ୍ଞାତ ହେବନାହିଁ । କିନ୍ତୁ ହେ ପ୍ରୀୟ ତାଲେ ! ମୁଁ ତୁମକୁ ବତାଉଛି ଯେ ତୁମର ପ୍ରତ୍ୟେକ କାର୍ଯ୍ୟ ଓ ଚଳପ୍ରଚଳ ବେଳେ ଯେତେବେଳେ ତୁମ ହାତରେ କ୍ୟାମେରା ରହୁଥିଲା ଏବଂ ତୁମେ ମୋ ସମ୍ମୁଖରେ ରହୁଥିଲ ପୁନଶ୍ଚ ଯେତେବେଳେ ତୁମେ କ୍ୟାମେରାରୁ ପୃଥକ ହୋଇ ବ୍ୟକ୍ତିଗତ ସାକ୍ଷାତ କରିବାପାଇଁ ମୋ କାର୍ଯ୍ୟାଳୟକୁ ଆସୁଥିଲ କୌଣସି ବିଷୟରେ ସାକ୍ଷାତ କରିବାପାଇଁ ସେତେବେଳେ ମଧ୍ୟ ତୁମର ଏହି ଶେଷ ବାକ୍ୟ ପୂର୍ବରୁ ମତେ ଜଣାଥିଲା, ତୁମର ପ୍ରତ୍ୟେକ ହର୍କତ୍, ତୁମର ବସାଉଠା, ତୁମର ନୟନର ଚମକ, ତୁମ ମୁଖର ଉଜ୍ଜ୍ୱଳତା ହିଁ ତାହା ପରିପ୍ରକାଶ କରିଦେଉଥିଲା ଯେ ତୁମେ ମତେ କେତେ ଭଲ ପାଅ । ମତେ ଏଭଳି ପ୍ରେମ ସମ୍ଭବତଃ ଅନ୍ୟ କାହାରିଠାରେ ଦେଖାଯାଇନଥିବ ମୁଁ ଘରେ ଏକଥା କହୁଥିଲି ଯେ ଏବେ ଆମ ବଂଶରେ ଥିବା ଯୁବକମାନଙ୍କ ମଧ୍ୟରୁ ଏପରି ପ୍ରେମର ପ୍ରକାଶ ଆଉ କାହାଠାରେ ଦେଖିବାକୁ ମିଳୁନାହିଁ  ହୃଦୟ ଭାବନା ଅଲ୍ଲାଃ ତାଲା ଭଲ ଭାବରେ ଜାଣନ୍ତି କିନ୍ତୁ ବଡ଼ ବୟସର ଲୋକମାନଙ୍କ ମଧ୍ୟରେ ବୋଧ ହୁଏ କାହାର ଏପରି ପ୍ରକାଶ ରହିଥିବ । ମୋର ଦୁଆ ଏହି ଦୁର୍ଘଟଣା ପରେ ଏହିପରି ଅନେକ ଲୋକେ ଏହି ସ୍ତରରେ ଉପନୀତ ହୁଅନ୍ତୁ ।

ତାଲେର ଅସ୍ତିତ୍ୱ ଏପରି ଥିଲା ଯେପରି କି ମୁଁ କହିଲି ସେ ନିଜ କବିତାରେ ଉଲ୍ଲେଖ କରିଛି ଯେ ସେ ନିଜ ପ୍ରେମର ପରିପ୍ରକାଶ କରିବାକୁ ଚାହୁଁନଥିଲା । ତାଲେର ଅସ୍ତିତ୍ୱ ଏଭଳି ଥିଲା ଯେପରି ମୁଁ କହିଲି ଯେ ନିଜ କବିତାରେ ସେ ଉଲ୍ଲେଖ କରିଛି ନିଜ ପ୍ରେମର ପରିପ୍ରକାଶ କରିବାକୁ ନ ଚାହୁଁଥିଲେ ସୁଦ୍ଧା ଅଲ୍ଲାଃ ତାଲା କୌଣସି ନା କୌଣସି ପ୍ରକାରେ ତାହାର ପରିପ୍ରକାଶ କରିଦେଇଛନ୍ତି ସେଥିପାଇଁ ସେ ମତେ ବହୁତ ପ୍ରୀୟ ଥିଲା । ପ୍ରତିମୂହୁର୍ତରେ ତାହାର ଏହି ଚିନ୍ତା ରହୁଥିଲା ଯେ, ଖଲିଫାଙ୍କ ସମ୍ମୁଖରୁ କିଛି ବା ଖଲିଫାଙ୍କ ଦରବାରରୁ କିଛି ଉପଦେଶ ପ୍ରାପ୍ତ ହେଉ ଏବଂ ତାହା ଉପରେ ମୁଁ ଅମଳ କରେ ଏବଂ କେବଳ ନିଜେ ନୁହେଁ ବରଂ କିଭଳି ସମଗ୍ର ସଂସାରବାସୀଙ୍କୁ ଖଲିଫାଙ୍କ ଉଚ୍ଚ ଆସନ ସଂକ୍ରାନ୍ତରେ ସମଗ୍ର ସଂସାରବାସୀଙ୍କୁ ଅବଗତ କରାଇବି ଏବଂ ଯଦି ଖିଲାଫତ୍‌ର ସୁରକ୍ଷା କରିବାରେ ନିଜର ପ୍ରାଣର ଆହୁତି ଦେବାକୁ ପଡ଼େ ତାହା ମଧ୍ୟ ଖୁସି ଖୁସି ଅର୍ପଣ କରିଦେବି ସେଥିରେ ତିଳେମାତ୍ରା ପଛଘୁଂଚା ଦେବିନାହିଁ । ଯଦି ସେ ନିଜ କାର୍ଯ୍ୟରେ ମନୋନିବେଶ କରୁଥିଲା ତେବେ କେବଳ ଏଥିପାଇଁ ଯେ ଏଥିଯୋଗେ ସେ ଇସ୍‌ଲାମ୍ ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧର୍ମର ପ୍ରତିରକ୍ଷା କରିପାରିବ ।

ଚତୁର୍ଥ ଖଲିଫାଙ୍କ ଅନ୍ତ୍ୟେଷ୍ଟିକ୍ରୀୟା ସମୟରେ ସେ ମୋ ଦକ୍ଷିଣ ପାର୍ଶ୍ୱରେ ଆସି ଛିଡ଼ା ହୋଇଗଲା ସେତେବେଳେ ମୁଁ ଜାଣିନଥିଲି ଯେ, ଯେ କିଏ ଛିଡ଼ା ହୋଇଛି । ସମ୍ଭବତଃ ସେହି ୧୩ ବର୍ଷର ବାଳକ ଏହି ପ୍ରତିଜ୍ଞା କରିଥିଲା ଯେ ମୁଁ ଉପସ୍ଥିତ ଖଲିଫାଙ୍କର ସାହାଯ୍ୟକାରୀ ହେବି । ସେ ନିଜର ଶିକ୍ଷା ଶେଷ କରିବା ପରେ ନିଜର ସେହି ପ୍ରତିଜ୍ଞାକୁ ଯାହାକି ସେ ଦୀର୍ଘ ବର୍ଷ ତଳେ ନିଜ ହୃଦୟରେ ଚାପି ରଖିଥିଲା ପୂରଣ କଲା ଏବଂ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କରି ଦେଖାଇଲା । ସେ ଶହୀଦ ହୋଇ ପ୍ରମାଣ କରିଦେଲା ଯେ ସେ ଖିଲାଫତ୍‌ର ପ୍ରକୃତ ସାହାଯ୍ୟ କାରୀ ।

ହେ ପ୍ରୀୟ ତାଲେ ମୁଁ ସାକ୍ଷ୍ୟ ଦେଉଛି ଯେ ନିଶ୍ଚିତ ରୂପେ ତୁମେ ନିଜର ଉତ୍ସର୍ଗ ଓ ପ୍ରତିଜ୍ଞା ପୂରଣ କରିବାର ସର୍ବୋଚ୍ଚ ସ୍ତର ହାସଲ କରିନେଇଛ ।

ସେ ଉପସ୍ଥିତ ଖଲିଫାଙ୍କ ପ୍ରତ୍ୟେକ ଶବ୍ଦ ଉପରେ ପରିଚାଳିତ ହେବାପାଇଁ କେଉଁ ପ୍ରକାର ପ୍ରୟାସ କରୁଥିଲା ତାହାର ଅନୁମାନ ଏଇଥିରୁ କରାଯାଇପାରେ ଯେ ମୁରବୀମାନଙ୍କ ସାକ୍ଷାତ ସମ୍ମିଳନୀରେ ଏକଦା ମୁଁ କହିଥିଲି ଯେ ମୂରବୀମାନଙ୍କୁ ପାଖାପାଖି ଏକ ଘଂଟା ତହ୍‌ଯୁଦ୍ ନମାଜ ପାଠ କରିବା ଉଚିତ । ଅତଏବ ପ୍ରୀୟ ତାଲେ ସେଥି ମୁତାବକ ଅମଳ କରିବା ଆରମ୍ଭ କରିଦେଲା । ତାହାର ଜଣେ ସାଥି ଯିଏକି ମୂରବୀ ଅଛନ୍ତି ସେ ତାଲେଙ୍କୁ ଦିନେ ବେଶ୍ ଥକି ପଡ଼ିବାର ଦେଖିଲେ, କାରଣ ପଚାରିବାରୁ ତାଲେ କହିଲେ, ପ୍ରୀୟ ହଜୁର ଅନଓ୍ୱର ମୁରବୀମାନଙ୍କୁ ଏକଘଂଟା ତହଜୁଦ୍ ନମାଜ ପାଠ କରିବାକୁ କହିଛନ୍ତି । ମୁଁ ବି ତ ଜଣେ ଉତ୍ସର୍ଗୀ ତେଣୁ ଏହି ନିର୍ଦ୍ଦେଶ ମୋ ପାଇଁ ମଧ୍ୟ ଅଟେ । ଆଜି ଏକ ଘଂଟା ତହ୍‌ଜୁଦ୍ ନମାଜ ପଢ଼ିବା ଯୋଗୁଁ ନିଦ ପୂରା ହୋଇପାରିଲା ନାହିଁ ତେଣୁ ଟିକିଏ ହାଲିଆ ଅନୁଭବ କରୁଛି । ସେ ମୂରବୀ ଜଣକ ମତେ ପତ୍ର ଲେଖି ପ୍ରକାଶ କରିଛନ୍ତି ଯେ ତାଲେଙ୍କ ଏହି କଥା ମୋତେ ବହୁତ ଲଜ୍ଜିତ କଲା ଯେ ହଜୁରଙ୍କର ଉକ୍ତ ଉପଦେଶର ପ୍ରତ୍ୟକ୍ଷ ରୂପେ ଆମ ପାଇଁ ଥିଲା, ଏହି ନିର୍ଦ୍ଦେଶ ଆମମାନଙ୍କ ପାଇଁ ଥିଲା କିନ୍ତୁ ମୁଁ ଉପସ୍ଥିତ ଖଲିଫାଙ୍କର ଏହି ଆଦେଶର ସେଭଳି ପାଳନ କରିନାହିଁ କିନ୍ତୁ ଏ ଜଣେ ସାମାନ୍ୟ ଉତ୍ସର୍ଗୀ ହୋଇ ନିଜ ପ୍ରତିଜ୍ଞା ପୂରଣ କରୁଅଛି । ଏପରି ଥିଲା ତାହାର ଶପଥ ପୁରଣ କରିବାର ଉଚ୍ଚ ସ୍ତର । ସୁତରାଂ ଓ୍ୱାକିଫିନେ ଜିନ୍ଦେଗୀ ଅର୍ଥାତ ଉତ୍ସର୍ଗୀମାନଙ୍କ ପାଇଁ ମଧ୍ୟ ସେ ଏକ ନମୁନା ଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଂଶଧର ପାଇଁ ମଧ୍ୟ ନିଷ୍ଠା ଓ ବିଶ୍ୱସ୍ତତାର ଏକ ନମୁନା ଥିଲା । ବର୍ତମାନ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବଂଶଧର ପାଇଁ ବା ବଂଶଧରଙ୍କ ଉପରେ ଏହା ନିର୍ଭରଶୀଳ ଯେ ସେମାନେ ଏହି ନମୁନାରୁ କିଭଳି ରୂପେ ଶିକ୍ଷା ହାସଲ କରୁଛନ୍ତି କିଭଳି ନିଜ କର୍ତବ୍ୟ ସମ୍ପାଦନ କରୁଛନ୍ତି । ଶାରିରୀକ ସମ୍ପର୍କ ଅର୍ଥାତ ରକ୍ତର ସମ୍ପର୍କ ଦେଖିବାକୁ ଗଲେ କୌଣସି ମର୍ଯ୍ୟାଦା ରଖିନଥାଏ ଯଦି ହଜରତ ମସିହ ମଉଦ୍ ଆ:ସଙ୍କ ବଂଶଧରଙ୍କର କେହି ସମ୍ମାନ ସତ୍କାର କରୁଛି ତେବେ ତାହା ସାଂସାରିକ କାରଣ ଯୋଗୁଁ ନୁହେଁ ନା ଏପରି କେବେ ହେବ । ପ୍ରକୃତ ମର୍ଯ୍ୟାଦା ଓ ଗୌରବ ଧର୍ମସେବକ ହେବାରେ ଓ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାରେ ହିଁ ଅନ୍ତର୍ନିହିତ । ନଚେତ ସଂସାରରେ ତ କୋଟି କୋଟି ଲୋକ ଏପରି ଅଛନ୍ତି ଯିଏ କି ଆମଠାରୁ ପ୍ରତି କ୍ଷେତ୍ରରେ ଶ୍ରେୟସ୍କର, ଆର୍ଥିକ କ୍ଷେତ୍ରରେ, ସାଂସାରିକ ଭୋଗବିଳାଶ, ଗୌରବ, ଜଶ ଇତ୍ୟାଦି ଅର୍ଜନ କରିବା କ୍ଷେତ୍ରରେ ଆମଠାରୁ ବେଶ୍ ଆଗରେ । ତେଣୁ ଯେପରି ଆମଠାରୁ ବିଦାୟ ନେଇଥିବା ତାଲେ ନିଜ ନିଷ୍ଠା ଓ ବିଶ୍ୱସ୍ତତାର ନମୁନା ପ୍ରଦର୍ଶନ କଲା । ନିଜ ପ୍ରତିଜ୍ଞା ପୂରଣ କଲା, ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେଲା, ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଂଶଧରଙ୍କୁ ମଧ୍ୟ ଏହି ନମୁନାର ଅନୁକରଣ କରିବା ଉଚିତ । ଏହା ହିଁ ସମ୍ମାନ ଓ ଗୌରବ ମଣ୍ଡିତ କରାଇଥାଏ ଏବଂ ପ୍ରଭୁଙ୍କ କୃପା ହାସଲ କରାଇଥାଏ ନଚେତ ସଂସାର ଓ ସାଂସାରିକ କାମନା ହଜୁର ମସିହ୍ ମଉଦ୍ ଆ:ସଙ୍କ ବଂଶଧରଙ୍କୁ ତ ନିମିତ ମାତ୍ର ମର୍ଯ୍ୟାଦା ପ୍ରଦାନ କରିନଥାଏ ସେ ହଜୁର ମସିହ୍ ମଉଦ୍ ଆ:ସଙ୍କ ବଂଶର ହୋଇଥିବା ଦୃଷ୍ଟିକୋଣରୁ ସମସ୍ତ ପରିବାର ବର୍ଗଙ୍କ ପାଇଁ ନିଷ୍ଠା ଓ ବିଶ୍ୱସ୍ତତାର ନମୁନା ପାଲଟି ଯାଇଛି ।

ଯେମିତି କି ମୁଁ କହିସାରିଛି ଯେ ସେ ଓ୍ୱାକିଫିନେ ଜିନ୍ଦେଗୀମାନଙ୍କ ନିମନ୍ତେ, ସେ ଉର୍ତ୍ସଗୀମାନଙ୍କ ପାଇଁ ଉଦ୍ଭୁତପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଯାଇଛି । ଅର୍ଥାଭାବ ଓ ଖୁବ୍ କମ୍ ଦରମା ସତ୍ୱେ କଦାପି କୌଣସି ଅଭିଯୋଗ କି ମନଉଣା କରିନାହିଁ ପରମେଶ୍ୱରଙ୍କ ନିକଟରେ ସେ ଏତିକି ଦୁଆ କରୁଥିଲା ଯେ ହେ ଅଲ୍ଲାଃ ! ମତେ କଦାପି ଅଭାବ ଗ୍ରସ୍ତ କରିବନାହିଁ । ମୁଁ ତାହାର ବିଶ୍ୱସ୍ତତାକୁ ତ କିଛି ମାତ୍ରାରେ ଜାଣିଥିଲି କିନ୍ତୁ ତାହାର ସୃଜନତା ଓ ଧର୍ମ ପରାୟଣତା ମଧ୍ୟ ବହୁ ଉର୍ଦ୍ଧ୍ୱ ସ୍ତରରେ ରହିଥିଲା । ସେ ଅନେକ ପ୍ରତିଭାର ଅଧିକାରୀ ଥିଲା, କେତେକ ଲୋକ ମତେ ସମବେଦନା ପୂର୍ବକ ପତ୍ର ଲେଖିଛନ୍ତି, ସେମାନେ ସେଥିରେ ତାଲେ ର ଅଭୁତପୂର୍ଣ୍ଣ ପ୍ରତିଭା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଓ ଏଭଳି ସୁଗୁଣର ବର୍ଣ୍ଣନା କରିଛନ୍ତି ଯାହା ପଢ଼ି ମତେ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ବର୍ତମାନ ତାହାର ଉତମ ଚରିତ୍ର ପ୍ରସଙ୍ଗରେ ଆପଣମାନଙ୍କ ସମ୍ମୁଖରେ କିଛି ଉପସ୍ଥାପନ କରିଦେଉଛି ଯାହାକି ତାହାର ପତ୍ନୀ ଭାଇଭଉଣୀ ଓ ପିତାମାତା ଉଲ୍ଲେଖ କରିଛନ୍ତି ତଥା ସାଙ୍ଗସାଥିମାନେ ବର୍ଣ୍ଣନା କରିଛନ୍ତି ।

ଆମିର ସରିଫ୍ ସାହେବ Review of religion ର editor ସାହେବ କୁହନ୍ତି: ତାଲେ ଚାରିବର୍ଷ ପର୍ଯ୍ୟନ୍ତ Review of religion ରେ କାମ କରିଥିଲେ ଇଣ୍ଡେକ୍‌ସିଂ ଡ଼ିପାର୍ଟମେଂଟରେ ଆକାଇଭ୍ ଟ୍ୟାଗିଂ ପ୍ରୋଜେକ୍ଟରରେ ତତ୍ୱାବଧାରକ ଭାବରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଏହା ବହୁତ ବଡ଼ ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟ ଥିଲା ଯାହାକି ସେ ସମ୍ପନ୍ନ କରିଥିଲେ । Review of religion ର ଆସନ୍ତା ଶହେରୁ ଅଧିକ ବର୍ଷ ପାଇଁ index ପ୍ରସ୍ତୁତ କରି ଯେଉଁଥିରେ ବିଭିନ୍ନ ବିଭାଗ ଅର୍ଥାତ ଭିନ୍ନ ଭିନ୍ନ ବିଷୟ ପ୍ରବନ୍ଧ ଉପରେ କାର୍ଯ୍ୟସୂଚି ଓ ରୂପରେଖ ପ୍ରସ୍ତୁତ କରିଥିଲେ । ଏହା ଏକ ବହୁତ ବଡ଼ କାମ ଥିଲା ଯାହାକି ସେ ନିଜ ତତ୍ୱାବଧାନରେ ସମ୍ପାଦନ କରିଥିଲେ । ପୁନଶ୍ଚ ସେ କୁହନ୍ତି ମୁଁ ନିଜ ଆଖିରେ ଦେଖିଛି ଯେ, ପ୍ରୀୟ ତାଲେ ଅନେକ ପ୍ରତିଭାର ଅଧିକାରି ଥିଲା ବ୍ୟବସ୍ଥା ମୂଳକ କାର୍ଯ୍ୟ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କରିଥିଲା । ସେ ଆହୁରି କୁହନ୍ତି ତାଙ୍କର ଆହୁରି ଏକ ସୁଗୁଣ ଏହା ଥିଲା ଯେ, ସେ କୌଣସି ପ୍ରୋଜେକ୍ଟ ଉପରେ ଶୂନ୍ୟରୁ କାର୍ଯ୍ୟ ଆରମ୍ଭ କରି ତାହାକୁ ଗର୍ବ ଓ ପ୍ରଶଂସା ଯୋଗ୍ୟ ସ୍ତରରେ ନେଇ ପହଂଚାଇ ଦେଉଥିଲେ କଦାପି ପ୍ରତିକ୍ଷା କରୁନଥିଲେ ଯେ ମତେ ଏହି କାମ କରିବାପାଇଁ କିଏ ପ୍ରୋତ୍ସାହିତ କରୁ ତଥା ଏହି କାର୍ଯ୍ୟ ପାଇଁ ଅମୁକ ଅମୁକ ସୁବିଧା ଉପଲବ୍ଧ ହେବା ଉଚିତ ନଚେତ କାମ ହୋଇପାରିବ ନାହିଁ ତଥା ଏହି କାର୍ଯ୍ୟକୁ କରିବା ପାଇଁ ମତେ ମନେପକାଇ ଦେଉ ଇତ୍ୟାଦି ଇତ୍ୟାଦି । ସେ ତ' ଜଣେ ପାଗଳ ବ୍ୟକ୍ତି ପରି ଆଗକୁ ବଢ଼ି କାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଥିଲା ଯାହାଙ୍କ

ପ୍ରସଙ୍ଗରେ ହଜୁର ମସିହ୍ ମଉଦ୍ ଆ:ସ କହିଛନ୍ତି ସେମାନେ ପାଗଳଙ୍କ ପରି ଦୃଢ଼ ସଂକଳ୍ପ ଓ ନିଷ୍ଠାପର ଭାବନା ରଖି ଧର୍ମ ସେବା କରିଥାନ୍ତି । ସେ ଆହୁରି କୁହନ୍ତି ଯେ, ମୁଁ ତାଙ୍କଠାରେ ଯାହା କିଛି ଦେଖିଛି ତାହାର ସାରମର୍ମ ହେଉଛି ଏହା କି ତାହାର ସବୁକିଛି ଖିଲାଫତର ଚତୁଃପାର୍ଶ୍ୱରେ ହିଁ ଘୁରି ବୁଲୁଥିଲା । ଖଲିଫାଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ରହିଥିଲା କିନ୍ତୁ ତାଙ୍କ ନିକଟରେ ଯେତେବେଳେ ମୁଁ ଆପଣଙ୍କର କୌଣସି ନିର୍ଦ୍ଦେଶ ସମ୍ପର୍କରେ ତାଙ୍କୁ ସୁଚିତ କରୁଥିଲି ସେତେବେଳେ ସେ କାଠଗଡ଼ ପରି ଦଣ୍ଡାୟମାନ ହୋଇଯାଉଥିଲେ ଏବଂ ତାଙ୍କର ଆଖି ଛଳ ଛଳ ହୋଇ ରହିଯାଉଥିଲା ଯେପରି ଗୋଟିଏ ଛୋଟ ପିଲା ଚକୋଲେଟ୍‌କୁ ଚାହିଁ ରହିଥାଏ । ସେଥିଅନ୍ତେ ସେ ମତେ ଏହି ନିର୍ଦ୍ଦେଶ ତାଙ୍କ ନିକଟରେ ପହଂଚାଇଥିବା ଯୋଗୁଁ ଧନ୍ୟବାଦ ଜଣାଉଥିଲେ । ସେ ଗୋଟିଏ ବଦଳରେ ଏକା ସାଙ୍ଗରେ ଦୁଇଟି ଡ଼କ୍ୟୁମେଂଟାରୀ ଉପରେ କାର୍ଯ୍ୟ କରୁଥିଲା ଏହା ଦେଖି ମୁଁ ଆଚମ୍ଭିତ ରହୁଥିଲି ଯେ, ଏକା ସାଙ୍ଗରେ ଦୁଇଟି ଡ଼କ୍ୟୁମେଂଟାରି ଉପରେ ସେ କିଭଳି କାମ କରିପାରୁଛନ୍ତି । ବେଳେବେଳେ ଆମକୁ ଏହା ଜଣାପଡୁନଥିଲା ଯେ, ତାଲେ କେଉଁ ଡ଼କ୍ୟୁମେଂଟାରୀ ଉପରେ କାମ କରୁଛନ୍ତି । ଆମକୁ ସରପ୍ରାଇଜ୍ ଦେବା ପାଇଁ ସେ ଏଭଳି କରୁଥିଲେ ତାଙ୍କର ଅନୁସନ୍ଧାନର ଶୈଳୀ ଅଦ୍ଭୁତ ଧରଣର ଥିଲା ।

ତାଙ୍କର ଆଉ ଏକ ଭଲ ଗୁଣ ଏହା ଥିଲା ଯେ, ନିଜ ଫ୍ୟାମିଲି ଓ ସମ୍ପର୍କୀୟଙ୍କୁ ସେ ଯମାତ୍ ସହିତ ସଲଗ୍ନ ରହିବା ପାଇଁ ଓ ସେବା କରିବାକୁ ଦେଖିବାକୁ ଚାହୁଁଥିଲେ । ଯେତେବେଳେ ମୁଁ ତାଙ୍କୁ କହୁଥିଲି କି ତୁମର ଅମୁକ ସମ୍ପର୍କୀୟ review ରେ ଅମୁକ ସେବା ସମ୍ପାଦନ କରିଛନ୍ତି ସେତେବେଳେ ସେ ବହୁତ ଆନନ୍ଦିତ ହୋଇ ଉଠୁଥିଲେ ।

କୁଦ୍ଦୁସ ଆରିଫ୍ ସାହେବ ସଦର ଖୁଦାମୁଲ୍ ଅହେମଦୀୟା ୟୁକେ କୁହନ୍ତି ମୋର ତାଙ୍କ ସହିତ ବାଲ୍ୟ କାଳରୁ ସମ୍ପର୍କ ରହିଥିଲା । ସେ ହଜରତ୍ ମଲକ ଗୁଲାମ ଫରିଦ୍ ସାହେବଙ୍କର short commentary ଏବଂ five volume commentry ବେଶ୍ ମନୋଧାନ ପୂର୍ବକ ଅଧ୍ୟୟନ କରିଥିଲେ ସେଥିରେ ଥିବା ବିଭିନ୍ନ ଆୟତଗୁଡ଼ିକୁ ହାଇଲାଇଟ୍ କରିଥିଲେ ଓ ଚିଟ୍ ଲଗାଇଥିଲେ ।

ଏହି ପ୍ରସଙ୍ଗରେ ମୁଁ ବିସ୍ତାର ଭାବରେ କହିଦେବାକୁ ଚାହେଁ ଯେ ବି.ଏସ୍.ସି କରିବା ପରେ ସେ ଗୋଟିଏ ବର୍ଷ ନିଜ ଶିକ୍ଷା କ୍ରମରେ ବ୍ୟବଧାନ କରିନେଇଥିଲା । ମୋର ମନେ ଅଛି ଯେ, ସେ B.sc କଲାପରେ ମୁଁ ତାଙ୍କୁ ଦେଖିଥିଲି ଅର୍ଥାତ ଏକ ସାକ୍ଷାତ ସମ୍ମିଳନୀରେ ତାଙ୍କୁ କହିଥିଲି ସମ୍ଭବତଃ ଓ୍ୱକଫେ ନୌ କ୍ଲାସ୍‌ରେ ଅବା କାର୍ଯ୍ୟାଳୟରେ ସାକ୍ଷାତ କରିବା ସମୟରେ five volume commentary ପଢ଼ିବା ପାଇଁ କହିଥିଲି ଯେ ଏହାକୁ ଅଧ୍ୟୟନ କର ମୋର ଅନୁମାନ ଥିଲା ଯେ ସେ ତାହାକୁ ଶେଷ କରିବାକୁ କିଛି ବର୍ଷ ଲଗାଇ ଦେବ କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ତାହାକୁ ପଢ଼ି ଶେଷ କରିଦେଲା ଓ ଆସି ମତେ ସୁଚିତ କରିଥିଲା ଯେ ମୁଁ ସେ ସମସ୍ତ ଗ୍ରନ୍ଥ ଖଣ୍ଡ ପାଠ କରିନେଇଛି । ଏହା ଶୁଣି ସେତେବେଳେ ମୁଁ ଆଶ୍ଚର୍ଯ୍ୟ ଚକିତ ରହିଥିଲି । ଏହିପରି ସେ ଏପରି ଡ଼କ୍ୟୁମେଂଟାରୀ ପ୍ରସ୍ତୁତ କରୁଥିଲା ଯାହାକି ଯୁବବର୍ଗଙ୍କୁ ପସନ୍ଦ ଲାଗିବ । ଉଦାହରଣ ସ୍ୱରୂପ ଫୁଟବଲ ସକ୍ରାନ୍ତରେ ଡ଼କ୍ୟୁମେଂଟାରୀ ପ୍ରସ୍ତୁତ କଲେ ଓ ସେଥିରେ ସେମାନଙ୍କ ସଂସ୍କାର ପ୍ରତି ଧ୍ୟାନ ରଖୁଥିଲେ ।

ପୁନଶ୍ଚ ଏମ୍‌ଟିଏରେ ଗୋଟିକରୁ ବଳି ଗୋଟିଏ ସୁନ୍ଦର ଡ଼କ୍ୟୁମେଂଟାରୀ ପ୍ରସ୍ତୁତ କରିଥିଲେ । ସେ କୁହନ୍ତି ମୋର ମନେ ଅଛି ଯେତେବେଳେ Two trials in a time: Brutality and injustice ପ୍ରସାରଣ ହେଲା ସେତେବେଳେ ବିନୀତ ତାଲେ କୁ ସନ୍ଦେଶ ପଠାଇଲା ଯେ ଏହି ଡ଼କ୍ୟୁମେଂଟାରୀ ବହୁତ ବିଶ୍ୱାସବର୍ଦ୍ଧକ ଥିଲା ଅର୍ଥାତ କୁଦ୍ଦୁସ୍ ସାହେବ ତାଙ୍କୁ ଏହି ସୁଚନା ଦେଲେ ଯେ, ତୁମର ପ୍ରସ୍ତୁତ କାର୍ଯ୍ୟକ୍ରମଟି ବେଶ୍ ବିଶ୍ୱାସବର୍ଦ୍ଧକ ଥିଲା ଏଥି ଉତାରୁ ସେ ବିନମ୍ରତା ପୂର୍ବକ କହିଲେ: ଆମକୁ ଦୁଆରେ ମନେ ରଖିବେ । ଏ ସବୁ ଈଶ୍ୱରଙ୍କ କୃପା ଯେ ସେ ଆମକୁ ଏହାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଟୁଇଟରରେ ଡ଼କ୍ୟୁମେଂଟାରୀ ନାମକରଣ ଉପରେ କେହି ଜଣେ ଆପତି ଉଠାଇଲେ । ତାହାର ଉତର ଦେଇ ତାଲେ ତାଙ୍କୁ କହିଲେ, ଏହି ନାମକରଣର ଅନୁମତି ସ୍ୱୟମ ଉପସ୍ଥିତ ଖଲିଫା ପ୍ରଦାନ କରିଛନ୍ତି । ମୁଁ କିମ୍ବା ଅନ୍ୟ କେହି ଏପରି ନାମ କରଣ କରିନାହାନ୍ତି । ତାଲେ ଏପରି ବିସ୍ତାର ଭାବରେ ଉକ୍ତ ଆପତିର ଉତର ଦେଇଥିଲେ । ପୁନଶ୍ଚ ସେ କୁହନ୍ତି ଗତ ବର୍ଷ ଭର୍ଚ୍ୟୁଆଲ୍ ଅତ୍‌ଫାଲ୍ ରାଲିରେ ମୁଁ ମୁହତମିମ୍ ଅତ୍‌ଫାଲଙ୍କ ମାଧ୍ୟମରେ ତାଲେ ଙ୍କୁ ନିବେଦନ କଲି ଯେ, ତାଙ୍କର ଯେଉଁ ଘଟଣାମାନ ଖଲିଫାଙ୍କ ସହିତ ରହିଛି ବା ସେ ଅତିବାହିତ କରିଛନ୍ତି ସେ ସବୁ ପିଲାମାନଙ୍କୁ ଶୁଣାଇ ତାଙ୍କୁ ଉତ୍ସାହିତ କରନ୍ତୁ । ପ୍ରଥମେ ତ ସେ ରାଜି ହୋଇନଥିଲେ ଅର୍ଥାତ ତାଲେ ରାଜି ହୋଇନଥିଲେ କିନ୍ତୁ ଯେତେବେଳେ ସଦର ଖୁଦାମୁଲ୍ ଅହେମଦିୟା ତାଙ୍କୁ କହିଲେ, ସେତେବେଳେ ସେ ରାଜି ହୋଇଗଲେ ତାଙ୍କ ଦ୍ୱାରା ବର୍ଣ୍ଣିତ ଘଟଣା ଲୋକମାନଙ୍କୁ ବହୁତ ଭଲ ଲାଗିଲା ଓ ସେହି କାର୍ଯ୍ୟକ୍ରମକୁ ପିଲାମାନେ ବେଶ୍ ପସନ୍ଦ ମଧ୍ୟ କରିଥିଲେ । ସେ ସଦର ସାହେବଙ୍କୁ ପରେ ମେସେଜ କଲେ ମୋର ଏହି ବୟସରେ ପିଲାମାନଙ୍କୁ ଉପଦେଶ ଦେବା ଉଚିତ ସମୟ ନଥିଲା କାରଣ ମୁଁ ଭାବୁଛି ଯେ ଏବେ ମୋର ଠିକ୍ ଭାବରେ ସଂସ୍କାର ହୋଇନାହିଁ ଯେ ମୁଁ ଲୋକମାନଙ୍କୁ ଉପଦେଶ ଦେବି । ତେଣୁ ମୁଁ ଚାହୁଁଥିଲି ଯେ, ବାର୍ଦ୍ଧକ୍ୟ ସମୟରେ ଯାଇ ଏ ସବୁ ଘଟଣାର ପରିପ୍ରକାଶ କରିବି ଏବଂ ତାହା ହିଁ ଠିକ୍ ହୋଇଥାଆନ୍ତା । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ହିଁ ସର୍ବଜ୍ଞ ଅଟନ୍ତି ଓ ସେ ଜାଣନ୍ତି ଯେ ଏହା ହିଁ ଉଚିତ ସମୟ ଥିଲା ତାଲେଙ୍କର ପିଲାମାନଙ୍କ ସହିତ ଏହି ସବୁ ଘଟଣାମାନ ସେୟାର କରିବାର ।

ତାଙ୍କ ପତ୍ନୀ ଅଜିଜା ସତ୍‌ୱତ୍ ସାହିବା କୁହନ୍ତି ମୋ ସ୍ୱାମୀ ବହୁତ ପ୍ରେମବତ୍ସଳ ଥିଲେ ଓ ବହୁତ ସ୍ନେହ କରୁଥିଲେ, ମୋ ସହିତ ଓ ପିଲାମାନଙ୍କ ସହିତ ଅତ୍ୟନ୍ତ ସ୍ନେହ ଓ ଆଦର କରୁଥିଲେ । ପ୍ରତ୍ୟେକ ଛୋଟରୁ ଛୋଟ କାର୍ଯ୍ୟରେ ସେ ଆମକୁ ଉତ୍ସାହିତ କରୁଥିଲେ । ଖାଦ୍ୟ ଯେଉଁଭଳି ବି ତିଆରି ହୋଇଥାଉ ନା କାହିଁକି ସେ ବିନା ଦ୍ୱିଧାରେ ତାହା ଖାଇ ନେଉଥିଲେ । ସେ କୁହନ୍ତି: ମୋ ପିତାଙ୍କ ଶାହାଦତ୍ ପରେ ମୁଁ ଦୁଃଖିତ ରହୁଥିଲି ଏବଂ ମୋର ଖୁବ୍ ଶିଘ୍ର ନିର୍ବନ୍ଧ ମଧ୍ୟ ହୋଇଗଲା । ମୋର ପିତା ନଥିବା ଯୋଗୁଁ ମୁଁ ବେଶ୍ ଦୁଃଖିତ ରହୁଥିବାରୁ ତାଲେ ମୋର ବହୁତ ଖିଆଲ ରଖୁଥିଲେ, ମୋର ଯତ୍ନ ନେଉଥିଲେ, ମୋ କଥା ବୁଝୁଥିଲେ ମୋ ବାପାଙ୍କ ବିୟୋଗର ଦୁଃଖକୁ ମତେ ଅନୁଭବ କରିବାକୁ ଦିଅନ୍ତି ନାହିଁ । ସେ ଆହୁରି କୁହନ୍ତି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହିତ ତାଙ୍କର ସମ୍ପର୍କ ଏଭଳି ନିବିଡ଼ ଓ ଘନିଷ୍ଠ ଥିଲା ଯେ, ହଜୁର ସ:ଆ:ସଙ୍କ ଚର୍ଚ୍ଚା ଆରମ୍ଭ ହେଲା ମାତ୍ରେ ଛୁଆଙ୍କ ପରି ସେ ରୋଦନ କରୁଥିଲେ । ନିଜ ପୁତ୍ର ତଲାଲ୍‌କୁ ହଜୁର ସ:ଆ:ସଙ୍କ ସମ୍ବନ୍ଧରେ କାହାଣୀ ଶୁଣାଉଥିବା ବେଳେ ମଧ୍ୟ ସେ କୋହ ଭରି କାନ୍ଦୁଥିଲେ । ହଜୁର ସ:ଆ:ସଙ୍କ ପ୍ରସଙ୍ଗରେ ଅନେକ ଘଟଣାବଳୀ ସେ କଣ୍ଠସ୍ଥ କରିଥିଲେ । ହଜୁର ସ:ଆ:ସଙ୍କ ଜୀବନୀର ଖୁବ୍ ଜ୍ଞାତ ଥିଲା । ପୁତ୍ରକୁ ଗୋଟିଏ ଖ୍ରୀଷ୍ଟିୟାନ ସ୍କୁଲରେ ପଢ଼ାଉଥିବା ଯୋଗୁଁ ସ୍କୁଲ୍ ଛାଡ଼ିବାକୁ ଯିବା ସମୟରେ ସୁରେଃ ଏଖ୍‌ଲାସ୍‌ର ଆବୃତି କରି ଚାଲୁଥିଲେ ।

ଖିଲାଫତ୍ ସହିତ ବହୁତ ପ୍ରେମ ଥିଲା ଏବଂ ବହୁତ ଗର୍ବ ଥିଲା । କିଛି ଛୋଟ ଛୋଟ ଜିନିଷର ଆନ୍ତରିକତା ଜଣାପଡ଼ିଯାଏ । ସେ କୁହନ୍ତି ହଜୁର ଯେତେବେଳେ ତାଙ୍କ ଉପରେ ଅବା ଆମ ପିଲାମାନଙ୍କ ଉପରେ ପ୍ରସନ୍ନିତ ହୁଅନ୍ତି ସେ ଖୁସୀରେ ଫାଟି ପଡୁଥିଲେ ଏବଂ ଆମକୁ ଟ୍ରିଟ୍ ଦେଉଥିଲେ ଅବା ଆମକୁ ଆଇସ୍‌କ୍ରିମ୍ ଖୁଆଉଥିଲେ ଏବଂ ପିଲାମାନଙ୍କୁ କହୁଥିଲେ ଯେ ଆଜି ତୁମେ ହଜୁରଙ୍କ ନିକଟରେ ଭଲ ବ୍ୟବହାର ପ୍ରଦର୍ଶନ କଲ ଆମ ସାକ୍ଷାତ ବେଶ୍ ରୋଚକ ପୂର୍ଣ୍ଣ ଥିଲା । ଯଦି କେତେବେଳେ ତାଙ୍କ ମନରେ ଏହି ଖିଆଲ୍ ଆସୁଥିଲା କି ମୋର କୌଣସି କାର୍ଯ୍ୟକୁ ଖଲିଫା ଅପସନ୍ଦ କରିଛନ୍ତି, ସେତେବେଳେ ତତ୍‌ଯୁଦ୍‌ରେ ପ୍ରଭୁଙ୍କ ଶରଣେ ଆତୁରତା ସହିତ ରୋଦନ କରି କ୍ଷମାଜାଚନା କରୁଥିଲେ । ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଅସାଧାରଣ ଆସ୍ଥା ରହିଥିଲା ଏବଂ ଅଲ୍ଲାଃ ତାଲା ବି ତାଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିଦେଉଥିଲେ । "This Week" କାର୍ଯ୍ୟକ୍ରମକୁ ଯେତେବେଳେ ସେ ଆରମ୍ଭ କଲେ, ସେତେବେଳେ ସେ ବହୁତ ଖୁସିଥିଲେ । କାରଣ ତାଙ୍କୁ ଏ ମୌକା ମିଳିବ ଯେ ସେ ଯଥାସମ୍ଭବ ଅଧିକରୁ ଅଧିକ ସମୟ ମୋ କାର୍ଯ୍ୟାଳୟକୁ ଆସି ପାରିବେ ଓ ମୋର ରେକର୍ଡ଼ିଂ କରିପାରିବ । ତାଙ୍କ ପତ୍ନୀ ପୁଣି କହିଛନ୍ତି ଯେ ତାଙ୍କର ଅର୍ଥାତ ତାଲେଙ୍କର ଆଉ ଏକ ବିଶେଷ ଗୁଣ ଏହା ଥିଲା ଯେ ସେ କଦାପି କୌଣସି ସାଂସାରିକ ବସ୍ତୁର ଅଭିଳାଷୀ ନଥିଲା ।

ଲୋଭ ଏବଂ କୌଣସି ଜିନିଷ ପାଇବାର ଆସକ୍ତି ଭାବ ନଥିଲା ଯଦି କେହି ତାଙ୍କୁ କୌଣସି ମୂଲ୍ୟବାନ ଉପହାର ପ୍ରଦାନ କରୁଥିଲା ତେବେ ସେ ସଙ୍କୁଚିତ ହୋଇଯାଉଥିଲା ଯେ ଏତେ ଦାମିକା ଜିନିଷ ମୋ ପାଖକୁ ଆସିଯାଇଛି । ପ୍ରଭୁ ଯାହା ତାଙ୍କୁ ଦେଇଥିଲେ ସେଥିରେ ସେ ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ଥିଲେ । ସେ କହୁଥିଲେ ଯେ ପିଲାଦିନେ ମୁଁ ପ୍ରଥମ ଖଲିଫାଙ୍କର ଅର୍ଥ ବ୍ୟବସ୍ଥା ପ୍ରସଙ୍ଗରେ ଏକ ଘଟଣା ପାଠ କରିଥିଲି ଯେ ଅଲ୍ଲାଃ କିପରି ତାଙ୍କ ସହିତ ବ୍ୟବହାର କରିଥିଲେ । ସେତେବେଳେ ମୁଁ ପ୍ରଭୁଙ୍କ ଶରଣରେ ଦୁଆ କଲି ହେ ପ୍ରଭୁ ! ମୋ ସହିତ ମଧ୍ୟ ପ୍ରଥମ ଖଲିଫାଙ୍କ ସହିତ କରିଥିବା ବ୍ୟବହାର କରିବେ ଏବଂ ତାଙ୍କୁ ପକ୍କା ବିଶ୍ୱାସ ଥିଲା ଯେ ଅଲ୍ଲାଃ ତାଲା ମୋ ପ୍ରାର୍ଥନା ଗ୍ରହଣ କରିଛନ୍ତି । ଏବେ ସର୍ବଦା ଅଲ୍ଲାଃ ତାଲା ଖଲିଫା ନୁରୁଦ୍ଦିନ୍‌ଙ୍କ ପରି ମୋ ସହିତ ବି ବ୍ୟବହାର କରିବେ ଓ ଏହା ସତ୍ୟ ଘଟଣା । ସେ କୁହନ୍ତି ମୁଁ ସ୍ୱଚକ୍ଷୁରେ ଦେଖିଛି ଆବଶ୍ୟକ ସ୍ଥଳେ ତାଙ୍କ ନିକଟକୁ କେଉଁଠାରୁ ଓ କୁଆଡୁ ବି ହେଉ ହଠାତ୍ ପଇସା ଆସିଯାଏ ଏବଂ ତାଙ୍କର ଆବଶ୍ୟକତା ପୂରଣ ହୋଇଯାଏ । ସେ କୁହନ୍ତି କିଛି ଦିନ ପୂର୍ବେ ଗୋଟିଏ ଲୋନ୍ କମ୍ପାନୀ ତରଫରୁ ତାଙ୍କୁ ଫୋନ ଆସିଲା ଯେ ଆମ ନିକଟରେ ଆପଣଙ୍କର ଏକ ହଜାର ପାଉଣ୍ଡ ରାଶି ରହିଛି । ଏହି ରାଶି ଦଶବର୍ଷ ପୂର୍ବରୁ ରହିଛି, ତାହା ଆସି ଆପଣ ସଂଗ୍ରହ କରିନିଅନ୍ତୁ । ଏଥିରେ ସେ ଆନନ୍ଦିତ ହୋଇଗଲେ ଯେ, ବର୍ତ୍ତମାନ ମୋ ନିଜ ଗାଡ଼ିର ଇନ୍‌ସ୍ୟୁରାନ୍ସ ଆଉ ମେଂଟେନାନ୍ସ କାର୍ଯ୍ୟ ଏହି ରାଶିରେ କରିନେବି । କିନ୍ତୁ

ତାଙ୍କର ଏହି ଚିନ୍ତା ନଥିଲା ଯେ ଯମାତ ଠାରୁ (ଧାର) ନେଇ ତାହାକୁ ପୂରଣ କରିଦେବି ବୋଲି ।

ତାଙ୍କ ପତ୍ନୀ କହୁଛନ୍ତି ଯେ ତାଙ୍କ ସ୍ୱାମୀଙ୍କ ସହିତ ଅଲ୍ଲାଃ ତାଲାଙ୍କର ଯେଉଁ ବ୍ୟବହାର ଥିଲା, ତାହା ମୁଁ ନିଜେ ଅବଲୋକନ କରିଛି । ଥରେ ତାଲେ ଗୋଟିଏ ଘଟଣା ବିଷୟରେ ଚର୍ଚ୍ଚା କରି କୁହନ୍ତି ଯେ, ଦଶ ବର୍ଷ ପୂର୍ବର ଘଟଣା ଯେତେବେଳେ ମୁଁ ୟୁନିଭର୍ସିଟିରେ ଅଧ୍ୟୟନ କରୁଥିଲି ଏକଦା ମୋତେ ପ୍ରବଳ ଭୋକ ଲାଗିଲା ଖାଇବାକୁ ମୋ ନିକଟରେ ପଇସାଟିଏ ବି ନଥିଲା । ଅତଏବ ମୁଁ ନମାଜ ପାଠ କରିବା ଆରମ୍ଭ କଲି ନମାଜ ପଢ଼ିବା ପରେ ଦେଖିଲି ମୋ ବିଛଣା ତଳେ ଦଶ ପାଉଣ୍ଡ ପଡ଼ି ରହିଛି ସେ କୁହନ୍ତି ମୁଁ ଆଶ୍ଚର୍ଯ୍ୟଚକିତ ହେଲି ଏବଂ ଚିନ୍ତା କଲି ଯେ, ଏହି ରାଶି ମୋ ପାଇଁ ପ୍ରଭୁ ପ୍ରେରଣ କରିଛନ୍ତି । ତାଙ୍କର ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଭରଷା ରହିଥିଲା । ଲୋକେ ନିଜର ଭବିଷ୍ୟତ ଚିନ୍ତା କରିଥାନ୍ତି, ପଇସା ଜମା କରିଥାନ୍ତି ଭବିଷ୍ୟତ ପାଇଁ କିନ୍ତୁ ସେ ସବୁଠାରୁ ଭିନ୍ନ ଥିଲେ । ତାଙ୍କର ଏ ବିଶ୍ୱାସ ଥିଲା ଯେ ଅଲ୍ଲାଃ ତାଲା ମୋ ପାଇଁ ଜୀବିକା ଯୋଗାଇ ଦେବେ । ସେଥିଯୋଗୁଁ ମତେ ଅକାରଣେ ଏ ସଂସାର ପଛରେ ଗୋଡ଼ାଇବାର ଆବଶ୍ୟକତା ନାହିଁ । ସେ କିପରି ନିଜ ୱକ୍‌ଫ୍ ପୂରଣ କରିବେ ସେଥିପ୍ରତି ଚିନ୍ତିତ ରହୁଥିଲେ । ସେ ଆହୁରି କୁହନ୍ତି ପ୍ରଥମେ ଆମେ ଭଡ଼ାରେ ରହୁଥିଲୁ ସେଠାରେ ଆମର ଏଗ୍ରିମେଂଟ ପୂରଣ ହେବା କ୍ଷଣି ଇଲେକ୍‌ଟ୍ରିକ ବିଲ୍ ଓ କାଉନ୍‌ସିଲ୍ ବିଲ୍ ଏବଂ ବିଜୁଳୀ ବିଲ୍ ରହିଥିଲା । ସେତେବେଳେ କାଉନ୍‌ସିଲ ଆମକୁ ଲେଟର ଲେଖି ଜଣାଇଲେ ଯେ ତୁମ ଆକାଉଂଟରେ ଦୁଇଶହ ରୁ ତିନିଶହ ପାଉଣ୍ଡ ଅଧିକ ରାଶି ରହିଛି, ସେତେବେଳେ ସେ କହିଲେ, ଅର୍ଥାତ ତାଲେ କହିଲେ, ଏହା ମୁଁ ଯମାତ୍‌କୁ ଫେରସ୍ତ କରିଦେବି ଏହି ପରି ଭାବରେ ସେ Strictly ସମସ୍ତ କାର୍ଯ୍ୟ କରୁଥିଲେ ଓ ପଇସା ଫେରସ୍ତ କରିଦେଇଥିଲେ ସେ ଏହା କେବେ ସହ୍ୟ କରୁନଥିଲେ ଯେ, ଯମାତ୍‌ରୁ ପଇସା ସଂଗ୍ରହ କରି ତାହାକୁ ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇବେ । ଯମାତ୍ ଉପରେ କେବେ ବୋଝ ହେବାପାଇଁ ଚେଷ୍ଟା କରିନଥିଲେ । ଯେଉଁ ପର୍ଯ୍ୟନ୍ତ ସମ୍ଭବ ଏହି ସବୁ କାର୍ଯ୍ୟ ମାଗଣାରେ କରୁଥିଲେ । କେବେ ଏହାକୁ ପସନ୍ଦ କରୁନଥିଲେ ଯେ ଯମାତ୍ ଉପରେ ବୋଝ ବନନ୍ତୁ ଯମାତ ଠାରୁ କୌଣସି ବସ୍ତୁ ହାସଲ କରିନିଅନ୍ତୁ । ଜୀବନର ଶେଷ ସମୟରେ ମଧ୍ୟ ଏଥି ପ୍ରତି ମଧ୍ୟ ଚିନ୍ତିତ ଥିଲେ ଯେ, ଯମାତ୍‌ର ଏତେ ମହଙ୍ଗା ଜିନିଷ ନେଇ ସେ ଆଫ୍ରିକାକୁ ଯାଉଛନ୍ତି ଅର୍ଥାତ ରେକର୍ଡ଼ିଂ ପାଇଁ ଯେଉଁ ଆଫ୍ରିକା ଗସ୍ତ କରିଥିଲେ ସେଥିପାଇଁ ମଧ୍ୟ ଚିନ୍ତିତ ଥିଲେ ଯେ ଯମାତ୍‌ର ଏଭଳି ଦାମୀ ସାମଗ୍ରୀମାନ ନେଇ ଯାଉଛନ୍ତି ତାହାର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ରହିଥିଲା ତେଣୁ ସେ ସେଥିପାଇଁ ମଧ୍ୟ ଚିନ୍ତିତ ଥିଲେ ଏବଂ ଏହି ସବୁ ଜିନିଷର ସୁରକ୍ଷା ପାଇଁ ସେ ଚିନ୍ତିତ ଥିଲେ ନିଜ ଜୀବନ ପାଇଁ ତାଙ୍କର କିଛି ପରୁଓ୍ୱା ନଥିଲା । ସେ ଆହୁରି କୁହନ୍ତି ନିଜ ପରିବାରର ଓ ମୋ ପରିବାରର ମଧ୍ୟ ସର୍ବଦା ଯତ୍ନ ନେଉଥିଲେ । ସେ ଅତ୍ୟନ୍ତ ସାଧା ପୋଷାକ ପିନ୍ଧୁଥିଲେ କେତେକ ଲୋକ ଏପରି ଭୁଲ ବୁଝିଥାନ୍ତି ଯେ, ବୋଧ ହଉଏ ତାଲେ ଅହଙ୍କାରି, ବଡ଼ କଥା କୁହାଳିଆ ଥିଲେ ତଥା ଯା ଭିତରେ ଗର୍ବ ରହିଛି, ନିର୍ବୋଧତା ରହିଛି ବୋଲି କିନ୍ତୁ ସେ ତ ଏଭଳି ଆତ୍ମବିଶ୍ୱାସରେ ଭରି ରହିଥିଲା ଅର୍ଥାତ ତାହାର ଏଭଳି ଆତ୍ମବିଶ୍ୱାସ ରହିଥିଲା କି ପ୍ରେମ ମାଧ୍ୟମରେ ଏଭଳି କଥା କହୁଥିଲା ଯେ ତା'ଠାରେ ଗର୍ବର ଅଣୁ ମଧ୍ୟ ନଥିଲା । ତାଲେ ଅତ୍ୟନ୍ତ କ୍ଷମାଶୀଳ ବ୍ୟକ୍ତି ଥିଲା । ପ୍ରତ୍ୟେକଙ୍କର ଦୋଷକୁ ଢ଼ାଙ୍କି ଦେବା ଓ ତାହାକୁ ଅଣଦେଖା କରିବା ତାହାର ବିଶେଷ ଗୁଣ ଥିଲା । କେବେ ହେଲେ ବି କୌଣସି ବ୍ୟକ୍ତି ବିରୁଦ୍ଧରେ ଘୃଣାଭାବ ପୋଷଣ କରୁନଥିଲା ।

ତାଙ୍କର ପିତା ଉଲ୍ଲେଖ କରନ୍ତି ଅଲ୍‌ହମ୍‌ଦୁଲିଲ୍ଲାଃ ଅଲ୍ଲାଃ ତାଲା ଆମ ପୁତ୍ରକୁ ଶାହାଦତ୍ ପାଇଁ ଚୟନ କରିନେଲେ । ସେ କୁହନ୍ତି ଗୋଟିଏ ସ୍ୱପ୍ନକୁ କେନ୍ଦ୍ର କରି ମୁଁ ମାନସିକ ରୂପେ ନିଜ ପତ୍ନୀ ଓ ତାଲେକୁ ଗଢ଼ି ତୋଳି ଥିଲି ଯେତେବେଳେ ତାଲେଙ୍କୁ ସେହି ସ୍ୱପ୍ନ ଶୁଣାଇଲି ସେତେବେଳେ ସେ କହିଲା କ'ଣ ଏହି ସ୍ୱପ୍ନ ଦେଖିଛନ୍ତି ଯେ ଆପଣ ଶହୀଦ ହେଉଛନ୍ତି । ସେ କୁହନ୍ତି ମୁଁ ତହିଁରୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲି ଓ ତାକୁ ପଚାରିଲି ଯେ, ତୁମେ କିପରି ଜାଣିଲ ସେ କହିଲା ମୁଁ ମଧ୍ୟ ଏହି ସ୍ୱପ୍ନ ଦେଖିଛି ଯେ ଆପଣ ଶହୀଦ ହୋଇଯାଇଛନ୍ତି । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ଏକ ପୁତ୍ରକୁ ନିଜ ପିତାଙ୍କ ସହିତ ଯେଉଁଭଳି ପ୍ରେମ ରହିବା କଥା ତାଲେ ସେହି ପ୍ରେମ ଓ ଆସ୍ଥାର ଚରମସୀମାକୁ ପହଂଚି ଯାଇଥିଲେ । ଏବଂ ମୋର ଏହି ଧାରଣା ରହିଛି ଯେ ସେହି କାରଣରୁ ତାଲେ ଏହି ଦୁଆ କରୁଥିବ ଯେ ବାପାଙ୍କ ଶାହାଦତ୍ ବଦଳରେ ତାଙ୍କୁ ଶାହାଦତ୍‌ର ମର୍ଯ୍ୟାଦା ପ୍ରାପ୍ତ ହେଉ କାରଣ ସେ ହିଁ ଏହି ମର୍ଯ୍ୟାଦାର ଅଧିକାରୀ ଥିଲା । ଅଲ୍ଲାଃ ତାଲା ତାକୁ ଶାହାଦତ୍‌ର ତ ମର୍ଯ୍ୟାଦା ପ୍ରଦାନ କଲେ ଗୋଳି ଲାଗିଲା ପରେ ସେ ମିଶ୍‌ନାରୀ ସାହେବଙ୍କୁ ଏହା କହିଥିଲେ ଯେ ମୁଁ ମରିଯାଏ ବା ଜୀବିତ ରହେ କିନ୍ତୁ ମୁଁ ମୋ ମିଶନ୍‌କୁ ପୂରଣ କରିଦେଇଛି ।

ସେ କୁହନ୍ତି ପିଲାଟି ଦିନରୁ ହିଁ ଅଲ୍ଲାଃ ତାଲା ତାଙ୍କ ହୃଦୟରେ ଏହି କଥା ଫୁଙ୍କି ଦେଇଥିଲେ ଯେ ମୁଁ ତତେ ଏଭଳି ଏକ ବଂଶରେ ଜନ୍ମ ପ୍ରଦାନ କରିଦେଇଛି ତେଣୁ ବର୍ତ୍ତମାନ ତୁ ଏହି ଦାୟିତ୍ୱକୁ ହୃଦୟଙ୍ଗମ କରି ତାହାକୁ ନିର୍ବାହ କର ଓ ଜାଣି ରଖ ଯେ ତୁମର ଏହି ଜୀବନ ବର୍ତ୍ତମାନ ତୁମର ନୁହେଁ ବରଂ ଏହା ମୋର । କେବଳ ମୋ ଆଦେଶ ଉପରେ ପରିଚାଳିତ ହୋଇ ନିଜର ସାରା ଜୀବନ ଅତିବାହିତ କରିବାର ଅଛି । ସେ କୁହନ୍ତି ତାଲେ ନିଜର ଜୀବନ ଓ ନିଜର ମୃତ୍ୟୁ ଦ୍ୱାରା ଏ ପ୍ରମାଣ କରିଦେଇଥିଲେ ଯେ ସେ ନିଜ ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିଦେଇଛନ୍ତି । ସେ ଏଭଳି ପବିତ୍ର ଆତ୍ମା ଥିଲା ଯାହା ମନରେ ଅଲ୍ଲାଃ ତାଲାଙ୍କ ପ୍ରେମ ଭରି ରହିଥିଲା, ଏଭଳି ହୃଦୟ ଥିଲା ଯେ ପିଲାଟି ଦିନରୁ ହିଁ ହଜୁର ସ:ଆ:ସଙ୍କ ନାମ ଉଚ୍ଚାରଣ କରିବା ସମୟରେ ତା'ର ନିରୀହ ତୁଣ୍ଡ ଥରି ଉଠୁଥିଲା, ଚକ୍ଷୁରୁ ଅଶ୍ରୁଧାର ବୋହି ପଡ଼ୁଥିଲା । ଏପରି ପବିତ୍ର ଆତ୍ମା ଯହିଁରେ ଆଶିଂକ ପାପ ସକ୍ତ ପ୍ରଭାବର ମଧ୍ୟ ଅବକାଶ ନଥିଲା । ବାହ୍ୟ ଏବଂ ଆନ୍ତରିକ ସୌନ୍ଦର୍ଯ୍ୟ ଭରି ରହିଥିଲା । ସେ କୁହନ୍ତି ମୁଁ ଯଦି ସାମଞ୍ଜସ୍ୟତା ଦେବାକୁ ଚାହେଁ ତେବେ ତାହାର ସାମଞ୍ଜସ୍ୟ ହଜରତ୍ ୟୁସୁଫ୍ ଆ:ସଙ୍କ ସହିତ ଦେଇ ପାରିବି । ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ ସହିତ ତା'ର ସାମଞ୍ଜସ୍ୟ ଦେବି । ସେ ନିଜର ଆଚାର ବ୍ୟବହାରରେ ପରିପକ୍ୱ ଥିଲା । ତାହାର ଆତ୍ମା ହଜୁର ସ:ଆ:ସଙ୍କ ପ୍ରେମରେ ୧୪୦୦ ବର୍ଷ ପୂର୍ବର ମକ୍କା ଓ ମଦିନାର ଗଳିକନ୍ଦିରେ ଘୁରୁ ବୁଲୁଥିଲା । ତା'ର ବେଶଭୁଷା, ଖାଦ୍ୟପାନୀୟ, ନିଶ୍ୱାସ ପ୍ରଶ୍ୱାସ ଗ୍ରହଣ କରିବା ଖଲିଫାଙ୍କ ପାଇଁ ହିଁ ରହିଥିଲା ।

ତାହାର ମାତା ଅମ୍‌ତୁସ୍ ଶକୁର୍ ସାହିବା ଉଲ୍ଲେଖ କରନ୍ତି ମୁଁ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃ ତାଲା ମତେ ଏକ ବରପୁତ୍ର ଦ୍ୱାରା ସମ୍ମାନିତ କଲେ । ତାଲେଙ୍କ ସହିତ ୩୧ ବର୍ଷର ଜୀବନ ଏ ଦୁନିଆର ସବୁଠୁ ବଡ଼ ପୁରଷ୍କାର ମଧ୍ୟରୁ ଅନ୍ୟତମ । ପୁନଶ୍ଚ ସେ ଏକ ମହିଳାଙ୍କ ସ୍ୱପ୍ନର ଚର୍ଚ୍ଚା କରି କହିଲେ, ଜଣେ ମହିଳା ଏହି ସ୍ୱପ୍ନ ଦେଖି ମତେ ଜଣାଇଥିଲେ ଯେ, ଗୋଟିଏ ପିଲା ଏକ ଥଳି ମଧ୍ୟରେ ରହିଛି ଓ ତାହାର ହାତ ବାସ୍କେଟର ବାହାରକୁ ବାହାରି ରହିଛି । ସେ ସେହି ପିଲାଟିକୁ ଅସ୍‌ସଲାମୁ ଆଲେକୁମ୍ କହୁଥିବାର ଶୁଣିଲେ । ତା' ସହିତ ଏକ ନୀଳ ରଙ୍ଗର କାର୍ଡ଼ଟିଏ ଥିଲା ଯହିଁରେ "ଅଲ୍ଲାଃ ହୁ" ଲେଖା ହୋଇଥିଲା ତତ୍‌ସହିତ ଇଂରାଜୀରେ God ମଧ୍ୟ ଲେଖା ହୋଇଥିଲା । ସେହି ମହିଳା ଜଣକ ବତାଇଲେ ଯେ ମୋ ମତରେ ନୀଳ ରଙ୍ଗର ଅର୍ଥ ହେଉଛି ପୁଅ । ହଜୁର ଅନଓ୍ୱର ଅ:ବ:ଅ କହିଲେ: ତାଲେଙ୍କ ଜନ୍ମ ପୂର୍ବରୁ କେହି ଜଣେ ମହିଳା ଏହି ସ୍ୱପ୍ନ ଦେଖି ତାଙ୍କ ମାତାଙ୍କୁ ଏ କଥା କହିଥିଲେ ଯେ, ତୁମର ଘରେ ଏକ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିବ ଓ ସେହି ବାଳକ ଯେଉଁଠି ବି ଯିବ ସେଠାରେ ଶାନ୍ତି ପ୍ରସାରିତ କରିବ ।

ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ମତେ ଏକ ସୁନ୍ଦର ବାଳକ ଦ୍ୱାରା ସମ୍ମାନିତ କଲେ ଏବଂ ଯେତେବେଳେ ମୋର ବାଳକର ବୟସ ୧୫ ବର୍ଷ ପୂରିଗଲା ସେତେବେଳେ ଆମେ ଦୁହେଁ ୨୦୦୫ ମସିହାରେ ଏକା ସାଙ୍ଗରେ ଓ୍ୱସିୟତ କରିଥିଲୁ । ସେ ଧର୍ମ କ୍ଷେତ୍ରରେ ଅତ୍ୟନ୍ତ ସତର୍କ ତଥା ବିଚକ୍ଷଣ ବାଳକ ଥିଲେ ମାତା କୁହନ୍ତି: ୩ ବର୍ଷ ବୟସରେ ସେ ପବିତ୍ର କୁର୍‌ଆନ୍ କରିମ୍‌ର କିଛି ସୁରତ୍ ମୁଖସ୍ତ କରିନେଇଥିଲେ ଓ ମୁଁ ମୋ ମାତାଙ୍କୁ ଯେତେବେଳେ ଏହା ବତାଇଲି ସେତେବେଳେ ମୋ ମାତା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ ଯେ ଏତେ କମ୍ ବୟସରେ ସେ ଏଭଳି ପବିତ୍ର କୁର୍‌ଆନ୍‌ର ଫଂକ୍ତିମାନ କଣ୍ଠସ୍ଥ କରିନେଇଛି । ପୁନଶ୍ଚ ତାଙ୍କ ମାତା କୁହନ୍ତି ତିନିବର୍ଷ ବୟସରେ ମୁଁ ନିଜ ବାଳକ ସହିତ ତବ୍‌ଲିଗ୍ କଥାବାର୍ତ୍ତା ସେୟାର କରୁଥିଲି ଓ ସେ ମୋ ସହିତ ମଧ୍ୟ ଏହି ତବ୍‌ଲିଗ୍ କଥାବାର୍ତ୍ତା discuss କରୁଥିଲା । ସେ ପାଠପଢ଼ାରେ ବହୁତ ଭଲ ଥିଲା ଓ ଭଲ ନମ୍ବର ନେଇ ପାଶ୍ କରୁଥିଲା । ମୋର ଆଶା ଥିଲା ଯେ, ମୋ ପୁଅ ଡ଼ାକ୍ତର ହେବ କିନ୍ତୁ ଅଲ୍ଲାଃ ତାଲାଙ୍କ ଭାଗ୍ୟ ଲେଖା ଆଉ କିଛି ରହିଥିଲା ବିଧିର ବିଧାନ କିଛି ଆଉ କିଛି ଥିଲା । ବାୟୋ ମେଡ଼ିକାଲ୍ ସାଇନ୍‌ସରେ ପିଏଚ୍‌ଡ଼ି କରିବା ପରେ ଅଲ୍ଲାଃ ତାଲା ତାକୁ ଜର୍ନାଲିଜିମ୍‌ରେ ଏମ୍.ଏ କରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲେ । ସେ ପୁଣି କୁହନ୍ତି ଯେ ପୁଅର ଦେହାନ୍ତ ପରେ ମତେ ପୂର୍ବଠାରୁ ଅଧିକ ଏକଥା ଅନୁଭବ ହେଲା ଯେ ସେ ଆପଣଙ୍କ ପୁତ୍ର ବିୟୋଗ ପରେ ମତେ ଏହି କଥାର କେତେ ଭଲ ପାଉଥିଲା । ସେ କୁହନ୍ତି ଆପଣ ଅର୍ଥାତ ହଜୁର ଯେତେବେଳେ ତାକୁ ଏମ୍‌ଟିଏ ପାଇଁ ଏକ ଐତିହାସିକ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରିବାପାଇଁ କାମ ଦେଲେ ସେତେବେଳେ ଆପଣ ତାଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ନିଃସନ୍ଦେହ ତୁମେ ସ୍ୱାଧିନ ହୋଇ କାମ କର ଏବଂ ସେ ଏହି କଥାରେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲା ଓ ଅନୁପ୍ରାଣିତ ମଧ୍ୟ ହୋଇଥିଲା । ପୁନଶ୍ଚ ତାଙ୍କ ପତ୍ନୀ ସଓ୍ୱତି ସାହିବା କୁହନ୍ତି: ୨୦୧୯ ମସିହାରେ ସେ ମତେ ଆଠଟି କାର୍ଯ୍ୟକ୍ରମ ବିଶିଷ୍ଟ ଏକ ପ୍ଲାନ୍ ପ୍ରସ୍ତୁତ କରିବାପାଇଁ ଇ-ମେଲ୍ ପ୍ରେରଣ କଲେ ତତ୍‌ସହିତ ଏହା ଉଲ୍ଲେଖ କଲେ ଯେ ମୋର ଯଦି କିଛି ହୋଇଯାଏ ତେବେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୂର୍ଣ୍ଣ କରିଦେବ ଓ ସମ୍ବନ୍ଧିତ ଲୋକମାନଙ୍କ ନିକଟକୁ ପଠାଇଦେବ ।

ତାଙ୍କର ଭଉଣୀ ନୁଦ୍‌ରତ ସାହିବା କୁହନ୍ତି: ତାଲେ ସହିତ ରହିବା ପରେ ମୁଁ

ଯମାତ୍‌ର କାର୍ଯ୍ୟପ୍ରତି ଥିବା ତା'ର ଶ୍ରମକୁ ଚିହ୍ନିପାରିଥିଲି । ଧର୍ମ ସେବାରେ ବ୍ୟସ୍ତ ରହିବା ଯୋଗୁଁ ଅଧିକାଂଶ ସମୟ ସେ ବିଳମ୍ବରେ ଘରକୁ ଫେରୁଥିଲା । ମୁଁ ଯେତେବେଳେ ଏଠାରେ ଥିବା ବିଶ୍ୱ ବିଦ୍ୟାଳୟରେ ପଢ଼ିବା ପାଇଁ ଆସିଥିଲି ସେତେବେଳେ ମୁଁ ଭାଇଙ୍କ ନିକଟରେ ହିଁ ରହୁଥିଲି । ସେ କୁହନ୍ତି ମୋ ଭାଇ କେତେବେଳେ ରାତି ଦଶଟାରେ ଘରକୁ ଫେରୁଥିଲେ ତ ଆଉ କେତେବେଳେ ମଧ୍ୟ ରାତ୍ରରେ । ପୁଣି ଭୋଜନ କରିବା ପରେ କାମ କରିବାକୁ ବସି ପଡୁଥିଲେ । ଛୁଟି ଦିନରେ ମଧ୍ୟ ସେ କାମ କରୁଥିଲେ । ଯେପର୍ଯ୍ୟନ୍ତ ସେ ଯମାତ୍‌ର କାର୍ଯ୍ୟ ସମାପ୍ତ କରିଦେଉନଥିଲେ ସେ ପର୍ଯ୍ୟନ୍ତ ସେଥିରେ ଲାଗି ରହୁଥିଲେ ଏବଂ ତାଙ୍କ ପାଇଁ କୌଣସି ଛୁଟି ନଥିଲା । ସର୍ବଦା ବହୁତ ଉତ୍ସାହ ସହିତ ଯମାତ୍‌ର କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ଅବସର ସମୟରେ ଅନେକ ଡ଼କ୍ୟୁମେଂଟାରୀ ଓ ଭିଡ଼ିଓ ଦେଖୁଥିଲେ । ମୁଁ ଏପରି କୌଣସି ବ୍ୟକ୍ତିଙ୍କୁ ଏତେ ଗଭୀର ଅନୁଶୀଳନ ଓ ବିଶ୍ଳେଷଣ କରି କୌଣସି ପ୍ରୋଗ୍ରାମକୁ ଦେଖିବାର କେବେ ଦେଖିନାହିଁ ଯେଉଁଭଳି ଭାଇ ଦେଖୁଥିଲେ ଓ ଗଭୀର ଅନୁଧ୍ୟାନ କରୁଥିଲେ । ମୁଁ ପଚାରିବାରୁ ସେ କହୁଥିଲେ ନିଜ କାମରେ କୁଶଳତା ଓ ସଫଳତା ପ୍ରାପ୍ତ କରିବାପାଇଁ ଅନେକ ଦସ୍ତାବିଜ୍, ଚଳଚିତ୍ର ଓ ଭିଡ଼ିଓ ଆଦିର ଅଧ୍ୟୟନ କରିବାକୁ ପଡ଼ିଥାଏ । ଯମାତ୍ ପାଇଁ ତଥ୍ୟ ପ୍ରସ୍ତୁତ କରି ଉତମ ତଥା ଉନ୍ନତମାନର ଐତିହାସିକ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରିବାର ଦକ୍ଷତା ତାଙ୍କ ନିକଟରେ ବିଦ୍ୟମାନ ରହିଥିଲା ।

ଧର୍ମ ଜ୍ଞାନ ମଧ୍ୟ ଅତ୍ୟନ୍ତ ବ୍ୟାପକ ରହିଥିଲା । ଯଦି ଇସ୍‌ଲାମିୟ ଶିକ୍ଷା ସମ୍ବନ୍ଧରେ କୌଣସି ସୂକ୍ଷ୍ମରୁ ସୂକ୍ଷ୍ମତର ବିଷୟ ମୋ ମସ୍ତିଷ୍କରେ ପ୍ରଶ୍ନବାଚୀ ଉଙ୍କି ମାରୁଥିଲା ତେବେ ସେ ପରିପ୍ରେକ୍ଷୀରେ ମୋର ଧ୍ୟାନ ଭାଇଙ୍କ ଆଡ଼କୁ ଆକର୍ଷିତ ହେଉଥିଲା ସେ ଆହାଦିସ୍‌ର ଗଭୀର ଅନୁଧ୍ୟାନ କରୁଥିଲେ । କେଉଁଠି ନା କେଉଁଠି ସେ ଏଭଳି ହଦିସ୍ ଉପସ୍ଥାପିତ କରିଦେଉଥିଲେ ଯେଉଁ ବିଷୟକୁ ବହୁତ ଲୋକେ ଜାଣି ନଥିଲେ ବା ତାଙ୍କ ମନରେ ତାହା ଉଦ୍‌ଭାଷିତ ହେଉନଥିଲା । ତତ୍‌ସହିତ ତା'ର ପ୍ରାମାଣ୍ୟ ମଧ୍ୟ ଉପସ୍ଥାପିତ କରିଦେଉଥିଲେ । ଅନେକ ପ୍ରସଙ୍ଗ ଉପରେ ପବିତ୍ର କୁରଆନ୍ କରିମ୍‌ର ଆୟତର ପ୍ରାମାଣ୍ୟ ଉପସ୍ଥାପିତ କରୁଥିଲେ । ପ୍ରତ୍ୟେକ ପ୍ରକାରର ବାର୍ତ୍ତାଳାପ ଉପରେ ଆଲୋଚନା କରୁଥିଲେ । ତଥ୍ୟ ଉପସ୍ଥାପନ କରୁଥିଲେ । ଲୋକମାନଙ୍କ ନିକଟରେ ଏହାକୁ ଗ୍ରହଣ କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ରହୁନଥିଲା ଅର୍ଥାତ ସେମାନେ ତାହାକୁ ଗ୍ରହଣ କରିବା ପାଇଁ ବାଧ୍ୟ ହେଉଥିଲେ । ସେ ଆରବୀ ଭାଷାର ମଧ୍ୟ ଅଧ୍ୟୟନ କରୁଥିଲେ ତହିଁରେ ସେ ଅତ୍ୟନ୍ତ ପ୍ରବିଣ ଥିଲେ ଅର୍ଥାତ ଆରବୀୟ ବ୍ୟାକରଣକୁ ବୁଝିବାକୁ ବେଶ୍ ପ୍ରୟାସ କରିଥିଲେ କାରଣ ଅଲ୍ଲାଃ ତାଲାଙ୍କ ବାକ୍ୟକୁ ତାହାର ମୂଳ ଭାଷାରେ ବୁଝିବାକୁ ଚାହୁଁଥିଲେ । ମୁଁ ତାଙ୍କୁ ପଚାରିଲି ଯେ ଆରବୀ ଭାଷାରେ ଏତେ ଗଭୀର ଅଧ୍ୟୟନ କିପରି କଲେ ? ପ୍ରତ୍ୟୁତରରେ ସେ ମତେ ବିଭିନ୍ନ ତଥ୍ୟ ଉପରେ ଆଧାରିତ ଏକ ସମ୍ପୂର୍ଣ୍ଣ ସୂଚୀପତ୍ର ପ୍ରେରଣ କଲେ ମୋର ମାର୍ଗଦର୍ଶନ କଲେ । ଉକ୍ତ ସୁଚୀପତ୍ରରେ ୨୬ଟି ଅଧ୍ୟାୟ ଓ ଅନେକ ଗୂଢ଼ ରହସ୍ୟ ପୃଥକ ଭାବରେ ଲେଖା ଥିଲା । ଅନେକ ଯୁକ୍ତି ତଥା ବିଧି ମଧ୍ୟ ଉଲ୍ଲେଖିତ ଥିଲା । ଏହି ସମସ୍ତ ମାନସିକ ଯୋଗ୍ୟତାକୁ ତାଲେ କେବଳ ଅଲ୍ଲାଃ ତାଲାଙ୍କ ସାନିଧ୍ୟତା ପ୍ରାପ୍ତ କରିବା ଓ ଯମାତ୍‌ର ସେବା କରିବା ପାଇଁ ବ୍ୟବହାର କରିଥିଲେ । ସେ କୁହନ୍ତି ବିଶେଷ କରି ଦୁଇଟି ଏପରି ସ୍ୱପ୍ନ କଥା ଥିଲା ଯାହା ସମ୍ପର୍କରେ ତାଲେ ମତେ ସିଧାସଳଖ କହିଥିଲା ଓ ଏହା ମଧ୍ୟ ବତାଇଥିଲା ଯେ ଲାଗୁଛି ତହିଁରେ ସାହାଦତ୍ ପ୍ରତି ଇଙ୍ଗିତ ଥିଲା । ପ୍ରଥମ ସ୍ୱପ୍ନ ତାଲେ ନିଜର ପୁତ୍ର ତଲାଲ୍ ସମ୍ପର୍କରେ କଥୋପକଥନ କରି କହିଲା ଯେ ତଲାଲ୍‌କୁ ନିଜ ଅଭିଭାବକଙ୍କ ମଧ୍ୟରୁ କୌଣସି ଜଣକ ମୃତ୍ୟୁର ଅତ୍ୟନ୍ତ ଭୟ ମନରେ ରହିଥିଲା ଏବଂ ତାହାର କାରଣ ଏହା ଥିଲା ଯେ ସେ ଚଚା କାଦିର୍ ସାହେବ୍‌ଙ୍କ ସାହାଦତ୍ ସମ୍ପର୍କରେ ଜାଣିଥିଲେ । ଏହି କଥା କହୁଥିବା ସମୟରେ ତାଲେ ଅତ୍ୟନ୍ତ ଗମ୍ଭୀର ହୋଇ ପଡ଼ିଥିଲା ଓ ନିଜର ସ୍ୱରକୁ କ୍ଷୀଣ କରିନେଉଥିଲା । ଉକ୍ତ ସ୍ୱପ୍ନର ବିସ୍ତୃତ ବିବରଣୀ ବର୍ଣ୍ଣନା କରି ତାଲେଙ୍କର ଭଉଣୀ କୁହନ୍ତି ସେହି ସ୍ୱପ୍ନର ବିବରଣୀ ମୋର ଜ୍ଞାତସାରରେ ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ନାହିଁ କିନ୍ତୁ ତାଲେ କହୁଥିଲେ ଯେ ସେଥିରେ ମୋଟାମୋଟି ଯେଉଁ ସନ୍ଦେଶ ରହିଥିଲା ତାହା ଏହା ଥିଲା ଯେ ମୁଁ ନିଜ ଶ୍ୱଶୁରଙ୍କ ପରି କିଛି ଘଟିବାର ଦାବି ତ କରୁନାହିଁ କିନ୍ତୁ ମୁଁ ଏପରି ସ୍ୱପ୍ନ ଦେଖିଛି ଯହିଁରେ ଏହି ଚର୍ଚ୍ଚା ରହିଥିଲା ଯେ ତା ସହିତ ମେଳ ଖାଉଥିବା କୌଣସି ଘଟଣା ଘଟିବ । ତାଲେ ଏ ସ୍ୱପ୍ନ ଦେଖିଥିଲେ ଯେ ସେ ଖୁଦାମୁଲ୍ ଅହେମଦିୟାର ବସ୍ତ୍ର ପିନ୍ଧିଛନ୍ତି ଏବଂ ଧ୍ୱଜା ଧରି ସ୍ୱର୍ଗରେ ପ୍ରବେଶ କରୁଛନ୍ତି ସମସ୍ତେ ତାଙ୍କୁ ତାଙ୍କ ଶ୍ୱଶୁରଙ୍କ ନାମରେ ସମ୍ବୋଧିତ କରୁଛନ୍ତି ଯେ ମିର୍ଜା ଗୁଲାମ୍ କାଦିର୍ ସାହେବ ଆସିଗଲେ ।

ଦ୍ୱିତୀୟ ସ୍ୱପ୍ନଟି ତାଲେଙ୍କର ମୋ ନିକଟରେ ଏକ ବାର୍ତ୍ତା ଆକାରରେ ସୁରକ୍ଷିତ ରହିଛି । ସେ କୁହନ୍ତି ମୁଁ ଯେତେବେଳେ ଗର୍ଭବତୀ ଥିଲି, ଅସୁସ୍ଥ ଥିଲି ମୋର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ହୋଇଯାଇଥିଲା ସେତେବେଳେ ଅନେକ ଥର ମତେ ଡ଼ାକ୍ତରଖାନାରେ ପ୍ରବେଶ କରାଗଲା ସେ ମତେ ବାରମ୍ବାର ଫୋନ୍ କରୁଥିଲେ ମୋର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ ମତେ ସେ ସାନ୍ତ୍ୱନା ଦେଉଥିଲେ । ତାଙ୍କ ଭଉଣୀ ତା'ର ମୃତ୍ୟୁ ପରେ ଜୀବିତ ରହିବେ ଏବଂ ନିଜ ସ୍ୱପ୍ନର ଚର୍ଚ୍ଚା କରି କହୁଥିଲେ ଯେ ତା ଭଉଣୀ ତା'ର ମୃତ୍ୟୁ ପରେ ମଧ୍ୟ ଜୀବିତ ରହିବେ । ସେ କହିଲା ଯେ କିଛି ବର୍ଷ ପୂର୍ବେ ମୁଁ ଏହି ସ୍ୱପ୍ନ ଦେଖିଥିଲି ଯେ ଯେଉଁଠି ମୁଁ ବୈକୁଣ୍ଠରେ ପ୍ରବେଶ କରୁଛି ସେଠାରେ ମୋର ବନ୍ଧୁ ସମ୍ପର୍କୀୟମାନଙ୍କ ପକ୍ଷରୁ ଏକ ସ୍ୱାଗତ ସମ୍ମିଳନୀର ବ୍ୟବସ୍ଥା କରାଯାଇଛି । ମୁଁ ମୋର ମୃତ୍ୟୁ ହେବା ସମ୍ପର୍କରେ ଜାଣି ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ଓ ଚିନ୍ତିତ ହୋଇଯାଇଥିଲି ଯେ ମୋର ସାନ ଭଉଣୀ ମୋ ପୂର୍ବରୁ ମୃତ୍ୟୁବରଣ ନ କରୁ ତେଣୁ ମୁଁ ଏଣେତେଣେ ଦେଖିବାକୁ ଲାଗିଲି । ସେମାନଙ୍କ ମଧ୍ୟରୁ କେହି ବି ସେଠାରେ ଉପସ୍ଥିତ ନାହାନ୍ତି ବୋଲି ଜାଣିଲି । ସେ କୁହନ୍ତି ଯେ ଯଦି ଏହି ସ୍ୱପ୍ନ ସତ୍ୟ ହୁଏ ତେବେ ତୁମେ ଚିନ୍ତା କରନାହିଁ । ଯଦି ମୋର ଏହି ସ୍ୱପ୍ନ ସତ୍ୟ ତେବେ ତୁମେ ନିଶ୍ଚିତ ରୂପେ ସୁସ୍ଥ ହୋଇଯିବ ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ସବୁକିଛି ଠିକ୍ ହୋଇଯିବ ଓ ଅଲ୍ଲାଃଙ୍କ କୃପାରୁ ସବୁ କିଛି ଠିକ୍ ବି ହୋଇଗଲା । ସେ କୁହନ୍ତି ତାଲେର ବିଚକ୍ଷଣତା ଉପରେ ଓ ଖିଲାଫତ ପ୍ରତି ଥିବା ପ୍ରେମ ଯୋଗୁଁ ମୁଁ ଗର୍ବିତ ।

ତାଙ୍କର ସାନ ଭଉଣୀ କୁହନ୍ତି: ମୋ ଭାଇ ଜଣେ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ, ତାଙ୍କଠାରେ ଅନେକ ସୁଗୁଣ ଭରି ରହିଥିଲା, ତାଙ୍କଠାରୁ ଅନେକ କିଛି ଶିଖିବାର ମତେ ସୁଯୋଗ ମିଳିଛି ମୁଁ ଯେତେବେଳେ ୧୩/୧୪ ବର୍ଷର ଥିଲି ଦିନେ ତାଲେ ଚାହିଁଲେ ଯେ, ସେ ତାଙ୍କ ଘରେ ନିଜର ମନ ପସନ୍ଦ ସୁରତ୍ ପଢ଼ି ଶୁଣାଇବେ । ସୁତରାଂ ସେ ମତେ ସୁରାଃ ୟୁସୁଫ୍ ତିଲାଓ୍ୱତ କରି ଶୁଣାଇଲେ ଯାହା କି ଅତ୍ୟନ୍ତ ସୁନ୍ଦର ଓ ମନମୁଗ୍ଧକାରୀ ଲଳିତ ସ୍ୱର ଥିଲା । ସେ ମତେ ଏହା ମଧ୍ୟ କହୁଥିଲେ ଯେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଦର୍‌ସୁଲ୍ କୁରଆନ୍ ଶୁଣୁଛି । ଭାଇ କାର୍ଯ୍ୟାଳୟ ଯିବା ଆସିବା ସମୟରେ ଚତୁର୍ଥ ଖଲିଫାଙ୍କ ଦର୍‌ସୁଲ୍ କୁରଆନ୍ ଶୁଣୁଥିଲେ । ସେ କୁହନ୍ତି ଏକଦା ମୁଁ ତାଙ୍କୁ ଗୋଟିଏ ହସ କଥା କହିଲି ଯହିଁରେ ଖ୍ରୀଷ୍ଟଧର୍ମର ଚର୍ଚ୍ଚା ଥିଲା ଏବଂ ଧର୍ମ ସଂକ୍ରାନ୍ତରେ ସେହି ହାସ୍ୟ କଥାରେ କିଛି ଥଟ୍ଟା ପରିହାସ ମଧ୍ୟ ରହିଥିଲା । ସେ ମତେ କହିଲେ ଯେ ଆମକୁ କୌଣସି ଧର୍ମର ଅସମ୍ମାନ କରିବା ଅନୁଚିତ । କାରଣ ଏପରି କରିବା ଆମ ଧର୍ମ ଶିକ୍ଷାରେ ନାହିଁ କି ଆମେ ଅନ୍ୟର ପରିହାସ କରିବା ବା ଅନ୍ୟକୁ ତୁଚ୍ଛ ମଣିବା । ଏମିତି କଲେ ଲୋକମାନେ ଆମ ବିରୁଦ୍ଧରେ କହିବେ ।

ତାଲେଙ୍କର ମାମୁଁ ଆବିଦ୍ ଓ୍ୱହିଦ୍ ସାହେବ କୁହନ୍ତି: ତାଲେ ସହିତ ମୋର ବିଶେଷ ତଥା ଘନିଷ୍ଠ ସମ୍ପର୍କ ରହିଥିଲା କେବଳ ଗୋଟିଏ ସମ୍ପର୍କ ନୁହେଁ ବରଂ ଅନେକ ସମ୍ପର୍କର ଡ଼ୋରି ତାଙ୍କ ସହିତ ଛନ୍ଦି ହୋଇ ରହିଥିଲା, ମୁଁ ତାହାର ମାମୁଁ ଥିଲି କିନ୍ତୁ ଆମମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଖୁବ୍ କମ୍ ଥିଲା । ସେ ମୋ ପାଇଁ ଗୋଟିଏ ସାନ ଭାଇ ପରି ଓ ଜଣେ ସାଥି ପରି ଥିଲା । କେବଳ ସାତ ବର୍ଷ ବୟସର ପାର୍ଥକ୍ୟ ରହିଥିଲା ଆମ ମଧ୍ୟରେ । ସେ କୁହନ୍ତି ମୁଁ ସର୍ବଦା ତାଲେ ମଧ୍ୟରେ ଏହି କଥା ଅନୁଭବ କରିଛି ଓ ପ୍ରତ୍ୟକ୍ଷ ଅବଲୋକନ ମଧ୍ୟ କରିଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଂଶକୁ ବହୁତ ସେ ଭଲ ପାଉଥିଲା । ଯଦି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବଂଶରୁ କେହି ଜଣେ କିଛି ଭୁଲ କାମ କରିଦେଉଥିଲେ ତେବେ ସେ ସବୁଠାରୁ ଅଧିକ ଦୁଃଖ ଅନୁଭବ କରୁଥିଲା । କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ଖଲିଫତୁଲ୍ ମସିହ୍‌ଙ୍କୁ ବଦନାମ କରିବାର କାରଣ ଯେଉଁ ବ୍ୟକ୍ତି ସାଜୁଥିଲା ତାକୁ ସେ ନାପସନ୍ଦ କରୁଥିଲା । ସେ କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରତି ଅନ୍ଧ ପ୍ରେମ କରୁନଥିଲା ଯଦି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଂଶରୁ କୌଣସି ବ୍ୟକ୍ତି ମନ୍ଦ କାର୍ଯ୍ୟ କରୁଥିଲା ତେବେ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରୁଥିଲା ଏହାକୁ ସେ କଦାପି ସହ୍ୟ କରିପାରୁନଥିଲା । ସେ ଅନେକ ସମୟରେ ମୋ ସହିତ ଏ ବିଷୟରେ ଓ ଏହି ସମସ୍ୟା ଉପରେ କଥୋପକଥନ କରୁଥିଲା ଓ ନିଜ କଷ୍ଟର ପରିପ୍ରକାଶ କରୁଥିଲା ଯେ ତାକୁ ଏତଦ୍ ଦ୍ୱାରା କିଭଳି କଷ୍ଟ ଅନୁଭବ ହେଉଛି ଏବଂ ନିଜକୁ ଯମାତ୍ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ସଂଶ୍ଲିଷ୍ଟ ଥିବାରୁ ସେ ନିଜକୁ ଗର୍ବ ଅନୁଭବ କରୁଥିଲା । ଏହି ମର୍ଯ୍ୟାଦା ତାହା ପାଇଁ ବେଶ୍ ବଡ଼ ରହିଥିଲା ଯେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଂଶଜ । ଏମ୍‌ଟିଏ ସମାଚାରରେ କାମ କରିବାର କିଛି ମାସ ପରେ ତାଲେ ମୋ ନିକଟକୁ ଆସିଲା ଏବଂ ମତେ କହିଲା ଯେ ମତେ ଏପରି ଲାଗୁଛି ଯେ ଏମ୍.ଟି.ଏର ନ୍ୟୁଜକୁ ଏମ୍.ଟି.ଏରେ ବହୁତ ମାମୁଲି ବିଭାଗ ଭାବରେ ବିବେଚନା କରାଯାଉଅଛି । କିନ୍ତୁ ତାଲେ ଏହି ଦୁର୍ବଳତାକୁ ନିଜର ମିଶନ ରୂପେ ଗ୍ରହଣ କରିନେଇଥିଲା ଓ ପୂର୍ଣ୍ଣ ବିଶ୍ୱାସ ତା'ର ରହିଥିଲା ଯେ ଇନ୍‌ଶାଅଲ୍ଲାଃ ତାଲା ଯେତେବେଳେ କାମ ସମ୍ପୂର୍ଣ୍ଣ ହୋଇଯିବ ସେତେବେଳେ ଲୋକେମାନେ ଏମ୍.ଟି.ଏ ନ୍ୟୁଜ୍‌କୁ ବହୁତ ଆଗ୍ରହର ସହିତ ଦେଖିବେ ଏବଂ କହିବେ ଯେ ଏମ୍.ଟି.ଏର ସବୁଠାରୁ ଭଲ ପ୍ରୋଗ୍ରାମ ହେଉଛି ଏମ୍.ଟି.ଏ ନ୍ୟୁଜ୍ ପ୍ରୋଗ୍ରାମ ଓ ତାଲେର ଏ ସଂକଳ୍ପ ଥିଲା

ଯେ ସେ ଏମ୍.ଟି.ଏର ସମାଚାର ବିଭାଗକୁ ଖୁବ୍ ଉପରେ ନେଇକି ପହଂଚାଇ ଦେବ ଓ ସର୍ବୋତମ କାର୍ଯ୍ୟକ୍ରମ ଭାବରେ ବିଦ୍ୟମାନ କରିବ । ଯାହାର ଲୋକମାନେ ପ୍ରସାରଣ ଦେଖିବେ ଓ ତାହାକୁ ପ୍ରଶଂସା କରିବେ ଏବଂ ସେ ଏହି କାର୍ଯ୍ୟକୁ ସେ ଚ୍ୟାଲେଞ୍ଜ ରୂପେ ସ୍ୱୀକାର କରିନେଇଥିଲା । ଏହାପରେ ତାଲେ କିଛି ଡ଼କ୍ୟୁମେଂଟାରୀ ସମ୍ବନ୍ଧିୟ ଚଳଚ୍ଚିତ୍ର ନିର୍ମାଣ କରିଥିଲା ଏବଂ ଏଥିରେ ସେ ୧୮ ରୁ ୧୯ ଘଂଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା । କାମରେ ନିର୍ମଜିତ ରହୁଥିଲା ।

ଏବେ ସେ ଆଫ୍ରୀକାର ଯେଉଁ ଗସ୍ତ କରିଥିଲେ ତାହା ମୌଳିକ ରୂପେ ହଜୁର କହିଲେ: ମୁଁ ତାଙ୍କୁ ଏ ନିର୍ଦ୍ଦେଶ ଦେଇଥିଲି ଯେ ନ୍ୟୁଜ୍ ବିଭାଗ ଆଫ୍ରିକାକୁ ଯାଇ ନୁସ୍ରତଜାହାଂ ସମ୍ପର୍କରେ ଏକ ଦସ୍ତାବିଜ୍ ମୁଳକ ଏକ ଫିଲ୍ମ ପ୍ରସ୍ତୁତ କରନ୍ତୁ । କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଥମେ ଘାନା ଯିବାର ଥିଲା ପୁନଶ୍ଚ ସେରେଲିଓନ୍ ଓ ଏହାପରେ ଗାମ୍ବିୟା ଯିବାର ଥିଲା ପୁନଶ୍ଚ ସେ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ନୁସ୍ରତଜାହାଂ ଉପରେ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରିବ ଆଫ୍ରିକା ଯିବା ପୂର୍ବରୁ ତାଲେ ପୁର୍ନ ରୂପେ ପ୍ରସ୍ତୁତ ହୋଇଥିଲେ କାରଣ ପରେ ଯେପରି ତାଙ୍କର ଏଥିପାଇଁ କୌଣସି ସମୟ ନଷ୍ଟ ନ ହେଉ । ପ୍ରକୃତରେ ସେ ଅତ୍ୟନ୍ତ ଗମ୍ଭୀର ସ୍ୱଭାବର ଥିଲେ । ସେ କୁହନ୍ତି ତାଲେର ମତ ଓ ବିଚାରରେ ଯଦି କୌଣସି ମତପାର୍ଥକ୍ୟ ଦେଖାଦେଉଥିଲା ଏବଂ ମୁଁ ଯେତେବେଳେ ତା ସହିତ ଯୁକ୍ତି ତର୍କ କରୁଥିଲି ସେତେବେଳେ ମୁଁ କିଛି ମିନିଟ ପରେ ପରାଜୟ ସ୍ୱୀକାର କରିନେଉଥିଲି କାରଣ ମୁଁ ଜାଣିଥିଲି ଯେ ମୁଁ ଯେପର୍ଯ୍ୟନ୍ତ ତାହାର କଥା ଉପରେ ବିଶ୍ୱାସ ନ କରିଛି ସେ ପର୍ଯ୍ୟନ୍ତ ସେ ବିତର୍କ ଜାରି ରଖିବ । ସେ ଏହି ପ୍ରମାଣ ଦେଇଚାଲିବ । ମୁଁ ତା'ଠାରେ ଏହି କଥା ପରିଲକ୍ଷିତ କରିଛି ଯଦି ତାକୁ କହିଦିଆଯାଏ ଯେ, ଉପସ୍ଥିତ ଖଲିଫାଙ୍କ ଏହା ହେଉଛି ମତ ସେତେବେଳେ ସେ ତାହାକୁ ସେହିପରି ସ୍ୱୀକାର କରିନେଉଥିଲା ଏବଂ ହଜୁରଙ୍କର ରାୟ ଉପରେ ନିଜକୁ ତୁଚ୍ଛ ମଣୁଥିଲା । ସମସ୍ତ ରାୟ ଉପରେ ହଜୁରଙ୍କ ରାୟକୁ ପ୍ରାଧାନ୍ୟ ଦେଉଥିଲା ଓ ସହୃଦୟତାର ସହିତ ଗ୍ରହଣ କରିନେଉଥିଲା ଏବଂ ନିଜ ମତକୁ ସମ୍ପୁର୍ଣ୍ଣ ରୂପେ ଭୂଲ ମଣୁଥିଲା ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ଉପରେ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରୁଥିଲା ଯେ ତା'ର କଜନ୍ ଯିଏ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ଅଣନାତୁଣୀ ହେବେ । ସେ କହିଲେ ଯେ ଡ଼କ୍ୟୁମେଂଟାରି ମଧ୍ୟ ଖୁବ୍ ଭଲ ରୂପେ ପ୍ରସ୍ତୁତ କରିବ । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ସମ୍ପର୍କିତ ଡ଼କ୍ୟୁମେଂଟାରି ମଧ୍ୟ ଭଲ ରୂପେ ପ୍ରସ୍ତୁତ କରିବ । କାରଣ ଏହା ସବୁଦିନ ତିଆରି ହୋଇନଥାଏ ତେବେ ପ୍ରତ୍ୟୁତରରେ ସେ କହିଲା ମୁଁ ଚିନ୍ତା କରିନଥିଲି ଯେ ଏତେ ଭଲ ହେବ କାରଣ ସେ ସିଧାସଳଖ ଖଲିଫାଙ୍କ ସମ୍ପର୍କରେ ନାହିଁ କିନ୍ତୁ ଅଲ୍ଲାଃ ତାଲା କରନ୍ତୁ ଲୋକମାନଙ୍କୁ ତାହା ପସନ୍ଦ ଆସିଯାଉ । ତେବେ ଏହା ଥିଲା ତାହାର ଖିଲାଫତ୍ ସହିତ ସମ୍ପର୍କ ।

ମିର୍ଜା ତଲାହ୍ ଅହେମଦ୍ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସେ ଚୌଧୁରୀ ଜଫ୍‌ରୁଲ୍ଲା ଖାନ୍ ର:ଅଙ୍କ ଉପରେ ମଧ୍ୟ ଏକ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରିବାକୁ ମନସ୍ଥ କରିଥିଲା ଯାହା ସକାଶେ ସେ ମତେ କିଛି କାମ ଦେଇଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଅତି ଉତମ ଡ଼କ୍ୟୁମେଂଟାରି ପ୍ରସ୍ତୁତ କରୁଥିଲା ସେ ସ୍କ୍ରିପ୍ଟ ରାଇଟିଙ୍ଗ୍ ଓ ଷ୍ଟୋରୀ ଟେଲିଙ୍ଗରେ ପ୍ରବୀଣ ଥିଲେ ।

ଆଦମ୍ ୱାକର୍ ସାହେବ ଉଲ୍ଲେଖ କରନ୍ତି, ତାଲେକୁ ବାଲ୍ୟକାଳରୁ ମୁଁ ଜାଣିଛି ଆମେ ଦୁହେଁ ଖୁଦାମୁଲ୍ ଅହେମଦିୟା ପୁନଶ୍ଚ କେନ୍ଦ୍ରୀୟ ପ୍ରେସ କାର୍ଯ୍ୟାଳୟ ଏମ୍‌ଟିଏରେ କାର୍ଯ୍ୟ କରିଛୁ । ଏମ୍‌ଟିଏ ସମ୍ବନ୍ଧିତ କାର୍ଯ୍ୟ, ବିଶେଷ କରି ମୁଁ ଗୋଟିଏ କଥା ଲକ୍ଷ୍ୟ କରିଥିଲି ଯେ ତାଲେ ସର୍ବଦା ସୂକ୍ଷ୍ମ ଦୃଷ୍ଟିରେ ସମସ୍ତ କାର୍ଯ୍ୟ ସମୀକ୍ଷା କରୁଥିଲା ଅତ୍ୟନ୍ତ ଗହ୍ୱରତା ମଧ୍ୟକୁ ଯାଇ ପ୍ରସଙ୍ଗକୁ ଅବଲୋକନ କରୁଥିଲା । ଯଦି ତାର ମସ୍ତିଷ୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତବ୍‌ଲିଗ୍ କିମ୍ବା ଉପସ୍ଥିତ ଖଲିଫାଙ୍କ ବାଣୀ ମାର୍ଗଦର୍ଶନ ତଥା ନିର୍ଦ୍ଦେଶାବଳୀଗୁଡ଼ିକୁ ଲୋକମାନଙ୍କ ନିକଟରେ ପହଂଚାଇବା ସମ୍ପର୍କରେ କୌଣସି ବିଚାର ମନରେ ଜନ୍ମୁଥିଲା ତେବେ ସେ ପରିପ୍ରେକ୍ଷୀରେ ତାଲେ ଖୋଲାଖୋଲି ନିଜର ମତବ୍ୟକ୍ତ କରୁଥିଲା ଏବଂ ସବୁ କଥା ବୁଝି ନିଜର ସମସ୍ତ ସନ୍ଦେହ ଦୁର କରୁଥିଲା । ବିଭିନ୍ନ ଅନ୍‌ଲାଇନ୍ ମାଧ୍ୟମରେ ସନ୍ଦେଶକୁ ବିଭିନ୍ନ ଲୋକମାନଙ୍କ ନିକଟରେ ପହଂଚାଇବା ପାଇଁ ପ୍ଲାନିଙ୍ଗ କରୁଥିଲା ଏଥିରୁ ଜଣାପଡ଼େ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମାର୍ଗଦର୍ଶନକୁ ଗଭୀର ଭାବରେ ଅନୁଧ୍ୟାନ କରି ହୃଦୟଙ୍ଗମ କରୁଥିଲା । ପୁନଶ୍ଚ ଏହା ଉପରେ କାର୍ଯ୍ୟାନୁସରଣ କରିବାପାଇଁ ଚେଷ୍ଟା କରୁଥିଲା । ସର୍ବଦା ସତ୍ୟ କହିବାକୁ ଅଗ୍ରାଧିକାର ଦେଉଥିଲା । ଯଦି କୌଣସି ପରାମର୍ଶ ଦେବାର ଆବଶ୍ୟକତା ପଡୁଥିଲା କିମ୍ବା ନିଜ ମତର ପରିପ୍ରକାଶ କରିବାର ଆବଶ୍ୟକତା ପଡୁଥିଲା ତେବେ ସେ ସର୍ବଦା ସତ୍ୟ ସହିତ ରହୁଥିଲା । କଥାରେ କୌଣସି ମିଶ୍ରଣ ରହୁନଥିଲା । ସ୍ୱଚ୍ଛ ପରିଷ୍କାର କଥା କହୁଥିଲା । ଅନ୍ୟ କର୍ମଚାରୀମାନଙ୍କ ସହିତ କାମ କରିବା ବେଳେ ସେ ସର୍ବଦା ସଠିକ୍ ଫିଡ଼୍‌ବ୍ୟାକ୍ ଦେଉଥିଲା ।

ନସିମ୍ ବାଜୱା ସାହେବ ଉଲ୍ଲେଖ କରନ୍ତି ୨୦୦୧ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ମୁଁ ବ୍ରାର୍ଡ଼ଫୋର୍ଡ଼ଠାରେ ମୁବ୍‌ଲିଗ୍ ଭାବରେ ନିଯୁକ୍ତ ଥିଲି ସେହି ସମୟରେ ମୁଁ ହାର୍ଟଲେ ପୋଲ୍ ଯମାତ୍‌କୁ ମଧ୍ୟ ଯାଏ । ସେ କୁହନ୍ତି ମୁଁ ତାଙ୍କୁ (ଅର୍ଥାତ ତାଲେଙ୍କୁ) ଛୋଟ ପିଲାବେଳୁ ବହୁତ ଉତ୍ସାହିତ ହୋଇ ପ୍ରୋଗ୍ରାମଗୁଡ଼ିକରେ ଭାଗ ନେବାର ଦେଖିଆସିଛି । ସେ ଅତ୍ୟନ୍ତ ଅଭିଳାଷିତ ଭାବରେ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ । ଯଦି କୌଣସି ପିଲାମାନଙ୍କର ଫଙ୍କସନ୍ ହେଉଥିଲା ସେଥିରେ ସାମିଲ ହେଉଥିଲେ । ସେ ଅନେକ ସୁଗୁଣର ଅଧିକାରି ଥିଲେ ଯେପରି ସମୟାନୁବର୍ତି, ଗମ୍ଭୀର ସ୍ୱଭାବି, ବୁଦ୍ଧିମାନ, ଧାର୍ମିକ ଜ୍ଞାନକୁ ଅଭିବୃଦ୍ଧି କରିବାରେ ତାଙ୍କର ପ୍ରବଳ ଇଚ୍ଛା ଶକ୍ତି ରହିଥିଲା । ନମାଜରେ ସ୍ଥିରତା ଅବଲମ୍ବନ କରି ଧିରସ୍ଥିର ଭାବରେ ପାଠ କରୁଥିଲେ ଜଣେ ଆଜ୍ଞାକାରୀ ବ୍ୟକ୍ତି, ଅତିଥିସତ୍କାରୀ, ଗୁରୁଜନମାନଙ୍କ ଆଦର୍ଶସମ୍ମାନ କାରୀ, ଉପସ୍ଥିତ ଖଲିଫାଙ୍କୁ ପ୍ରେମ କରୁଥିବା ଓ ତାହାଙ୍କ କଥାକୁ ମନଧ୍ୟାନ ଦେଇ ଶୁଣୁଥିବା ଏବଂ ଦାୟିତ୍ୱ ପୂର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରି ଥିଲେ । ଈଶ୍ୱର ଚର୍ଚ୍ଚା ଓ ତବ୍‌ଲିଗ୍ କାର୍ଯ୍ୟରେ ଅତ୍ୟନ୍ତ ଆଗ୍ରହିତ ଥିଲେ । ପବିତ୍ର କୁର୍‌ଆନ୍ କରିମ୍‌କୁ ସୁନ୍ଦର ଭାବରେ ପାଠ କରୁଥିଲେ, ଜଣେ ଉତମ ତିଫଲ୍ ଥିଲେ । ପରବର୍ତୀ ସମୟରେ ଅର୍ଥାତ ଯୁବକ ଅବସ୍ଥାରେ ତାଙ୍କର ଏହି ସୁଗୁଣାବଳୀଗୁଡ଼ିକ ଆହୁରି ପରିପକ୍ୱ ହୋଇ ସମ୍ମୁଖକୁ ଆସିଥିଲା ।

ତାଙ୍କର କଜନ୍ ମୁବାରକ୍ ନୁମାନ୍ ସାହେବ କୁହନ୍ତି ତାଲେର ଗୋଟିଏ ସୁଗୁଣ ଯାହାକି ମୁଁ ସର୍ବଦା ଅନୁଭବ କରିଛି ତାହା ଏହା ଥିଲା ଯେ ସେ ଜଣେ ୱକ୍‌ଫେ ଜିନ୍ଦଗୀ ହିସାବରେ ମିତବ୍ୟୟି ଓ ସରଳ ଜୀବନ ଯାପନ କରୁଥିଲେ, ସେ ବହୁବାର ନିଜ ଉପରେ ହୋଇଥିବା ଅଲ୍ଲାଃ ତାଲାଙ୍କ କୃପାକୁ ଗଣନା କରୁଥିଲା । କେବେ ବି ତାଙ୍କଠାରେ କୌଣସି ପ୍ରକାରର ଲୋଭ ଦେଖିବାକୁ ମିଳିନଥିଲା । ତାଙ୍କ ସମ୍ମୁଖରେ ଯେତେବେଳେ ସାଂସାରିକ କଥାବାର୍ତା ହେଉଥିଲା ସେତେବେଳେ ସେ ପରିପ୍ରେକ୍ଷୀରେ ସେ ନିଜର ବିଶେଷ ଶୈଳୀରେ ଆନନ୍ଦାଭାବ ପ୍ରକାଶ କରୁଥିଲେ, କୃତଜ୍ଞତା ଜ୍ଞାପନ କରୁଥଲେ ଯେ ୱକ୍‌ଫେ ଜିନ୍ଦଗୀ ହେବା ଯୋଗୁଁ ଅଲ୍ଲାଃ ତାଙ୍କୁ ଏହି ସବୁ ସାଂସାରିକ ଅଭିଳାଷରୁ ମୁକ୍ତ କରିଦେଇଛନ୍ତି ଓ ତାଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ଅଲ୍ଲାଃ ତାଲା ସ୍ୱୟଂ ପୂରଣ କରିଦେଉଛନ୍ତି । ସେହି ଦୃଷ୍ଟିରୁ ବିଚାର କଲେ ସେ ଜଣେ ପ୍ରକୃତ ୱକ୍‌ଫେ ଜିନ୍ଦେଗୀ ଥିଲେ ।

ତାଙ୍କର ଜଣେ ବନ୍ଧୁ ମୁବଲ୍ଲିଗ୍ ନୌଶେର୍‌ୱାନ୍ ରଶିଦ୍ ସାହେବ କୁହନ୍ତି ମତେ ବିଗତ ତିନିବର୍ଷରୁ ଭାଇ ତାଲେଙ୍କ ସହିତ ଏମ୍‌ଟିଏ ନ୍ୟୁଜ ଚ୍ୟାନେଲରେ କାମ କରିବାର ସୁଯୋଗ ପ୍ରାପ୍ତ ହୋଇଅଛି । ତିନିବର୍ଷ ମଧ୍ୟରେ ତାଲେ କେବଳ ମୋର ସହକର୍ମୀ ନଥିଲେ ବରଂ ସେ ମୋର ଗୁରୁଥିଲେ ଏବଂ ମୋର ବନ୍ଧୁ ଓ ଭାଇ ଥିଲେ । ସେ କୁହନ୍ତି ମୁଁ ତିନିବର୍ଷ ଅବଧି ମଧ୍ୟରେ ତାଲେଙ୍କୁ ନିୟମିତ ରୂପେ ଗୁରୁବାର ଦିନ ରୋଜା ରଖୁଥିବାର ଦେଖିଆସିଛି । ନିଜର ପାଂଚବେଳା ନମାଜ ପ୍ରତି ସେ ଖୁବ୍ ସତର୍କ ଓ ନିୟମିତ ଭାବରେ ନମାଜ ପାଠ କରିବାର ମୁଁ ତାଙ୍କୁ ଦେଖିଛି ସମୟ ପୂର୍ବରୁ ସେ ମସ୍‌ଜିଦ୍ ଯାଉଥିଲେ । ସେ ସମୟ ପୂର୍ବରୁ ନିଜ ଚାନ୍ଦାକୁ ପଇଠ କରିଦେଉଥିଲେ ।

ସେ ଯାହା ହେଉ ନା କାହିଁକି ଘଟଣାବଳୀ ତ ଅନେକ ରହିଛି, ଅନେକ ଲୋକମାନେ ତାଲେଙ୍କ ସମ୍ପର୍କରେ ଅନେକ କିଛି କଥା ଉଲ୍ଲେଖ କରିଛନ୍ତି କିନ୍ତୁ ସମୟକୁ ଦୃଷ୍ଟିରେ ରଖି ମୁଁ କିଛି କଥା ବର୍ଣ୍ଣନା କରିଦେଲି । ହଜୁର ସ:ଆ:ସ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶାରିରୀକ ଓ ଆଧ୍ୟାତ୍ମିକ ବଂଶଜ ହେବାର ଅଧିକାର ମଧ୍ୟ ସେ ସମ୍ପାଦନ କରିଦେଇଛି । ତାକୁ ପୁଣି ଅଲ୍ଲାଃ ତାଲା ଏଭଳି ଏ ସଂସାରରୁ ନେଇଗଲେ ଯେ ଯେମିତି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବଂଶଜ ଥିଲେ, ମୋହରମ୍ ମାସରେ ତାକୁ କୁର୍ବାନୀ ଦେବାପାଇଁ ଚୟନ କରିନେଲେ । ସେ ଏକ ହୀରା ୱକ୍‌ଫେ ଜିନ୍ଦେଗୀ ଥିଲା ଯେପରି କି ମୁଁ ବର୍ଣ୍ଣନା କଲି । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ ମୁଁ ଆଶା କରେ ଯେ, ଅଲ୍ଲାଃ ତାଲା ତାଙ୍କୁ ହଜୁର ସ:ଆ:ସଙ୍କ ପାଦପଦ୍ମରେ ସ୍ଥାନ ପ୍ରଦାନ କରିଥିବେ । କେହି ଜଣେ ତା'ର ବିୟୋଗ ପରେ ସ୍ୱପ୍ନ ମଧ୍ୟ ଦେଖିଥିଲେ ଯେ ହଜୁର ସ:ଆ:ସ ଗୋଟିଏ ସ୍ଥାନରେ ଛିଡ଼ା ହୋଇଛନ୍ତି ତାଲେ ଦଉଡ଼ି ଯାଇ ତାଙ୍କୁ କୁଣ୍ଢାଇ ପକାଉଛି, ହଜୁର ସ:ଆ:ସ ମଧ୍ୟ ନିଜର ବାହୁ ଯୁଗଳକୁ ପ୍ରସାରିତ କରି ତାକୁ ଆଲିଙ୍ଗନ କରୁଛନ୍ତି ଏବଂ କହୁଛନ୍ତି ହେ ମୋର ପୁତ୍ର ! ଆସ ତୁମକୁ ସ୍ୱାଗତ । ଅତଏବ୍ କେଡ଼େ ସୌଭାଗ୍ୟଶାଳୀ ବ୍ୟକ୍ତି ସେ ଯିଏ ଧର୍ମ ପାଇଁ ବଳିଦାନ ଦେଇ ଏହି ମର୍ଯ୍ୟାଦା ପ୍ରାପ୍ତ କରିନେଇଛି । ଅଲ୍ଲାଃ ତାଲା ତାଙ୍କ ପତ୍ନୀ ଓ ସନ୍ତାନଙ୍କ ସହାୟ ହୁଅନ୍ତୁ ତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ, ତାଙ୍କର ପିତା ମାତା ଓ ଭାଇଭଉଣୀମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ, ତାଙ୍କର ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ନମାଜ ଜୁମା ପରେ ଇନ୍‌ଶାଅଲ୍ଲାଃ ତାଲା ତାଙ୍କର ଯନାଜାଃ ପଢ଼ାଯିବ । ତାଙ୍କର ଯନାଜାଃ ଏଠାରେ ପହଂଚି ସାରିଛି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ହେ ଇସ୍‌ଲାମ୍‌ର ରକ୍ଷକ ! ମୁଁ ବୟତେ ଅକ୍‌ବାରେ ସାମିଲ ହୋଇଥିବା ନକିବ୍‌ମାନଙ୍କ ମଧ୍ୟରୁ କମ୍ ବୟସର ଥିଲି କିନ୍ତୁ ମତେ ସମସ୍ତଙ୍କଠାରୁ ଅଧିକ ବୟସ ମିଳିଲା.... ମୋତେ ତା' ରାଣ ଯାହାଙ୍କ ହାତରେ ମୋ ଜୀବନ ରହିଛି ! ମୁଁ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ)ଙ୍କ ଗୋଷ୍ଠିଙ୍କୁ ନେଇ ଯେବେ ବି ମୁଶ୍‌ରିକ୍‌ମାନଙ୍କ ସହିତ ଲଢ଼ିଛି, ସେତେବେଳେ ମୁଶ୍‌ରିକ୍‌ମାନେ ରଣକ୍ଷେତ୍ର ଛାଡ଼ି ପଳାୟନ କରିଛନ୍ତି ଓ ଅଲ୍ଲାଃ ଆମକୁ ତାଙ୍କ ଉପରେ ବିଜୟ ପ୍ରଦାନ କରିଛନ୍ତି । *(ହଜ୍‌ରତ୍ ଉବାଦାଃ ବିନ୍ ସାମିତ୍ ର:ଅ)*

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ଖଲିଫା ରାଶିଦ୍ ଫାରୁକ୍ ଆଜମ୍**
**ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ବର୍ଣ୍ଣନା**

ମୁସଲମାନମାନଙ୍କ ଦ୍ୱାରା ବିଜୟ ପ୍ରାପ୍ତ ହୋଇଥିବା ଅନ୍ୟାନ୍ୟ ଇଲାକା ସଦୃଶ ଏଠି (କିନ୍‌ସିରିନ୍)ର ଅଧିବାସୀମାନଙ୍କ ସହିତ ମଧ୍ୟ ଉତମ ବ୍ୟବହାର କରାଗଲା ଏବଂ ପ୍ରକୃତ ସମାନତା ଆଧାରରେ ସେମାନଙ୍କ ମଧ୍ୟରେ ନ୍ୟାୟ ସ୍ଥାପିତ କରାଗଲା । ଯେଉଁଥିରେ କୌଣସି ଶକ୍ତିଶାଳୀ କୌଣସି ଦୂର୍ବଳଙ୍କୁ ଅତ୍ୟାଚାର କରିପାରୁନଥିଲା ।

ଦମିଶକ୍ ବିଜୟ ପରେ ଘଟିଥିବା ଘଟଣାବଳୀର ଚର୍ଚ୍ଚା- ଫୁହଲ୍, ବିସାନ୍, ତବ୍‌ରିୟା, ହମସ୍, ମରଜୁର୍ ରୁମ୍, ହମାତ୍, ଲାଜ୍‌କିୟା, କିନ୍‌ସିରିନ୍ ଏବଂ କୈସାରିୟା ବିଜୟର ବିବରଣାତ୍ମକ ବର୍ଣ୍ଣନା ।

ଚାରିଜଣ ମର୍‌ହୁମୀନ୍ ମୋକରମା ଖଦିଜାଃ ସାହିବା ପତ୍ନୀ ମୋକରମ୍ ମୌଲବୀ କେ ମୁହମ୍ମଦ ଅଲୱି ସାହେବ ପୂର୍ବତନ ମୁବଲ୍ଲିଗ କେରଳା, ମୋକରମ୍ ମଲକ୍ ସୁଲ୍‌ତାନ୍ ରଶିଦ୍ ଖାନ୍ ସାହେବ କୋଟ ଫତଃ ଖାନ୍ ପୂର୍ବତନ ଅମିର ଜିଲ୍ଲାଃ ଅଟକ, ମୋରକମ୍ ଅବଦ୍ଦୁଲ୍ କୟୁମ୍ ସାହେବ ଇଣ୍ଡୋନେସିୟା ଏବଂ ମୋକରମ୍ ଦାଉଦା ରଜାକି ୟୁନୁସ୍ ଆଫ୍ ବେନିନ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
**(ପ୍ରଦତ୍: ୧୦ ସେପ୍ଟେମ୍ବର ୨୦୨୧ ଅନୁଯାୟୀ ୧୦ ତବୁକ୧୪୦୦ ହିଜ୍‌ରି ଶମ୍‌ସି)**

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ୍ କାଳରେ ଦମିଶକ୍ (ଶିରିୟାର ରାଜଧାନୀ)ର ଘେରାଉ ଅନେକ ମାସ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା ଏବଂ ମୁସଲମାନ ସେନା ତାହାର ଘେରାଉ କରି ରଖିଥିଲେ । ହଜ୍‌ରତ୍ ଅବୁବକର ର:ଅଙ୍କ ଦେହାନ୍ତ ପରେ ମୁସଲମାନମାନେ ଶିରିୟା ବିଜୟ କରିଥିଲେ । ଯେହେତୁ ତାହା ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ୍ କାଳ ସହିତ ସମ୍ପର୍କୀତ ତେଣୁ ତାହାର ବିସ୍ତୃତ ବର୍ଣ୍ଣନା ଆପଣଙ୍କ ଜୀବନୀ ଚର୍ଚ୍ଚାରେ ଇନ୍‌ଶାଅଲ୍ଲାଃ ତାଲା ହେବ । ବର୍ତମାନ ଦମିଶକ୍ ବିଜୟ ପରେ ଯେଉଁ ଘଟଣାମାନ ଘଟିଥିଲା, ତାହାର ଆଲୋଚନା କରିଦେଉଛି ।

ଦମିଶକ୍ ବିଜୟ ପରେ ହଜ୍‌ରତ୍ ଅବୁ ଉବେଦାଃ ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କୁ ବିକାଅ ଆଡ଼କୁ ପ୍ରେରଣ କରିଥିଲେ ଦମିଶକ୍, ବାଲ୍‌ବକ୍ ଏବଂ ହମସ୍‌ର ମଧ୍ୟବର୍ତୀ ଏକ ବିଶାଳ ଇଲାକାର ନାମ ହେଉଛି ବିକାଅ ଯେଉଁଠି ବହୁତ ଗୁଡ଼ିଏ ବସ୍ତି ରହିଛି । ବିକାଅ ବିଜୟ କରିବା ପରେ ହଜରତ ଖାଲିଦ୍ ବିନ୍ ୱଲିଦ୍ ମେସନୁନ୍ ନାମି ଝରଣା ଆଡ଼କୁ ମୁସଲମାନମାନଙ୍କର ଏକ ଦଳ ପ୍ରେରଣ କଲେ । ସେଠାରେ ରୋମୀମାନଙ୍କ ଏକ ସୈନ୍ୟ ଦଳ ମୁସଲମାନମାନଙ୍କ ଉପରେ ଆକ୍ରମଣ କଲା ଯଦ୍ୱାରା ଅନେକ ମୁସଲମାନ ସେଠାରେ ଶହୀଦ ହୋଇଯାଇଥିଲେ । ସୁତରାଂ ସେହି ଝରଣାର ନାମ ଐନୁଲ୍ ଶୋହଦା ପଡ଼ିଗଲା । ଅବୁ ଉବୈଦାଃ ଦମିଶକ୍‌ରେ ୟଜିଦ୍ ବିନ୍ ଅବୁ ସୁଫିୟାନଙ୍କୁ ନିଜର ଉତରାଧିକାରୀ ଭାବରେ ନିୟୋଜିତ କଲେ ଏବଂ ୟଜିଦ୍ ଦିହ୍‌ୟା ବିନ୍ ଖଲିଫାଙ୍କୁ ପୁତ୍ର ଥିଲେ । ଗୋଟିଏ ଅଭିଯାନରେ ତଦ୍‌ମର୍ ଅଭିମୁଖେ ପ୍ରେରଣ କଲେ ଯଦ୍ୱାରା ସେଠାରେ ବିଜୟର ମାର୍ଗ ସମତୁଳ ହୋଇପାରିବ । ତଦ୍‌ମୁର୍ ଶିରିୟା ଦେଶର ଏକ ପୂରାତନ ଅଂଚଳ ଓ ସୁପ୍ରଶିଦ୍ଧ ସହର ଯାହାକି ହଲବ୍ ଠାରୁ ୫ ଦିନର ଯାତ୍ରା ଦୂରତାରେ ଅବସ୍ଥିତ ଏଠାରେ ଯେଉଁ ୟଜିଦ୍‌ଙ୍କ ଚର୍ଚ୍ଚା କରାଯାଉଅଛି ସେ ଅବୁସୁଫିୟାନ୍‌ଙ୍କ ପୁତ୍ର ଥିଲେ ।

(ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଶିରିୟାରେ ୟଜିଦ୍ ବିନ୍ ଅବୁ ସୁଫିୟାନଙ୍କୁ ନିଜର ଉତରାଧିକାରୀ ମୃତୟନ କରିଥିଲେ । ଇଏ ଯେଉଁ ୟଜିଦ୍‌ଙ୍କର ଚର୍ଚ୍ଚା ହେଉଛି ସେ ହଜରତ୍ ମାଅୱିୟାଙ୍କର ପୁତ୍ର ୟଜିଦ୍ ନଥିଲେ ଯେ କି ଇସ୍‌ଲାମ୍ ଇତିହାସରେ ବଦନାମ ଅଛନ୍ତି ବରଂ ଇଏ ହେଉଛନ୍ତି ଅବୁ ସୁଫିୟାନ୍‌ର ପୁତ୍ର ୟଜିଦ୍ ଯିଏ ଦିହ୍‌ୟା ବିନ୍ ଖଲିଫାଙ୍କୁ ତଦ୍‌ମୁର୍ ପଠାଇଥିଲେ) ।

ସେହିପରି ଅବୁ ଜୋହରା କଶିରୀଙ୍କୁ ବସ୍‌ନିୟା ଓ ହୱରାନ୍ ପ୍ରେରଣ କରିଥିଲେ । କିନ୍ତୁ ସେଠିକାର ଅଧିବାସୀ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ କରିନେଇଥିଲେ ବସ୍‌ନିୟା ଦମିଶକ୍ ନିକଟରେ ଥିବା ଏକ ବସ୍ତିର ନାମ । ହୌରାନ୍ ଦମିଶକ୍‌ର ଏକ ବ୍ୟାପକ ଇଲାକା ଥିଲା ଯେଉଁଠି ବହୁତ ଗୁଡିଏ ଗ୍ରାମ ଓ ଚାଷ ଉପଯୋଗୀ ଜମି ଥିଲା । ଶୁର୍‌ହବିଲ୍ ବିନ୍ ହସନାଃ ର:ଅ ଯୁଦ୍ଧ ଯୋଗୁଁ ଉରଦୁନ୍‌ର ରାଜଧାନୀ ତବରିୟା ବ୍ୟତୀତ ସମସ୍ତ ଅଂଚଳଗୁଡ଼ିକୁ ଅଧିକୃତ କରି ନେଇଥିଲେ ତବ୍‌ରିୟାର ଅଧିବାସୀମାନେ ସନ୍ଧି ସ୍ଥାପନ କରିନେଇଥିଲେ । ହଜ୍‌ରତ୍ ଖାଲିଦ୍ ବିକାଅ ଅଂଚଳ ବିଜୟ କରି ପ୍ରତ୍ୟାବର୍ତନ କରିଥିଲେ । ବାଲବକ୍ ବାସୀ ଆପଣଙ୍କ ସହିତ ସନ୍ଧି ସ୍ଥାପନ କଲେ ଏବଂ ଆପଣ ସେମାନଙ୍କ ସାଥିରେ ଚୁକ୍ତି ସ୍ୱାକ୍ଷର କରିଥିଲେ । ***(ସୟଦନା ଉମର୍ ବିନ୍ ଖତାବ ର:ଅ ...... ପୃ-୭୩୦) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୪୦୨, ୫୫୭, ୬୨୩) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୨୦, ୩୬୪)***

ବାଲ୍‌ବକ୍ ମଧ୍ୟ ଦମିଶକ୍ ଠାରୁ ୩ ଦିନ ଯାତ୍ରା ଦୂରତାରେ ଅବସ୍ଥିତ ଏକ ପୂରାତନ ସହର । ***(ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୫୩୭-୫୩୮)***

ଫୁହିଲ୍ ବିଜୟ ୧୪ ହିଜ୍‌ରୀରେ ହୋଇଥିଲା । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ହଜରତ ଉମର ର:ଅଙ୍କୁ ପତ୍ର ଲେଖିଲେ ଯେ ହରକଲ୍ ହମସ୍‌ରେ ଅବସ୍ଥାନ କରି ଦମିଶକ୍ ଆଡ଼କୁ ସୈନ୍ୟ ପ୍ରେରଣ କରୁଛି କିନ୍ତୁ ଏହା ନିଷ୍ପତି କରିବା ମୋ ପକ୍ଷେ ବହୁତ କଷ୍ଟ ଯେ ପ୍ରଥମେ ଦମିଶକ୍ ଉପରେ ଆକ୍ରମଣ କରିବି ନା ଫିହଲ୍ ଉପରେ । ଏଥି ଉତାରୁ ହଜରତ ଉମର ର:ଅ କହିଲେ ଦମିଶକ୍ ଶିରିୟାର ଦୁର୍ଗ ଓ ତାହାର କେନ୍ଦ୍ରସ୍ଥଳୀ ତେଣୁ ତାହାକୁ ପ୍ରଥମେ ଅଧିକାର କର ଏବଂ ଏଥିସହିତ ଫହଲ୍ ଅଭିମୁଖେ ମୁସଲମାନ ଆରୋହୀମାନଙ୍କୁ ପ୍ରେରଣ କରିଦିଅ । ଯେଉଁମାନେ ସେମାନଙ୍କୁ ତୁମ ଆଡ଼କୁ ବଢ଼ିବାକୁ ଦେବେନାହିଁ । ଯେତେବେଳେ ଉମର୍ ର:ଅଙ୍କର ଚିଠି ଅବୁ ଉବୈଦାଃଙ୍କୁ ମିଳିଲା, ସେ ସେନାର ଦଶ ଜଣ ଅଫିସରଙ୍କୁ ଫିହଲ୍ ପଠାଇଦେଲେ ଓ ନିଜେ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ସହିତ ଦମିଶକ୍

ଅଭିମୁଖେ ବାହାରି ପଡ଼ିଲେ । ରୋମୀ ସେନା ବାହିନୀ ଯେତେବେଳେ ମୁସଲମାନମାନଙ୍କୁ ତାଙ୍କ ଆଡ଼କୁ ଆସିବାର ଦେଖିଲେ ସେତେବେଳେ ସେ ନିଜ ଚର୍ତୁପାର୍ଶ୍ୱ ଜମିରେ ଜଳ ମଡ଼ାଇ ଦେଲେ । ଯଦ୍ୱାରା ସମସ୍ତ ମାର୍ଗ ଅବରୋଧ ହୋଇ କାଦୁଅ ହୋଇଗଲା ଫଳତଃ ତାକୁ ପାର କରିବା କଷ୍ଟକର ହୋଇପଡ଼ିଲା । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୧୯୪-୧୯୫..... ଲାହୋର) (ଅଲ୍‌ଫାରୁକ......ପୃ-୧୧୪....... କରାଚି ୧୯୯୧)*

ହରକଲ୍ ଯେଉଁ ସେନା ସହାୟତା ଦମିଶକ୍ ଅଭିମୁଖେ ପ୍ରେରଣ କରିଥିଲା ତାହା ସେଠାରେ ପହଂଚି ପାରିଲା ନାହିଁ । ଅପରପାର୍ଶ୍ୱରୁ ମୁସଲମାନମାନେ ନିଜ ସ୍ଥାନରେ ଅଟଳ ରହିଲେ । ଏହା ଦେଖି ଖ୍ରୀଷ୍ଟଧର୍ମୀମାନେ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ ଓ ଜଣେ ରାଜଦୂତ ପଠାଇବାକୁ ନିବେଦନ କଲା । ହଜ୍‌ରତ୍ ମାଜ୍ ବିନ୍ ଜବଲ୍‌ଙ୍କ ଦୂତ ଭାବରେ ପଠାଗଲା । କିନ୍ତୁ ରୋମୀମାନେ ଇସ୍‌ଲାମ୍‌ର ବାର୍ତାକୁ ମାନିଲେନାହିଁ । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ରୋମୀମାନଙ୍କ ହଟ୍ଟଧର୍ମ ଓ ଅହଙ୍କାର ସତ୍ୱେ ସେମାନଙ୍କ ସହିତ ସିଧାସଳଖ ବାର୍ତାଳାପ କରିବାପାଇଁ ପ୍ରସ୍ତୁତ ହୋଇଥିଲେ ତଥାପି ଉକ୍ତ ବାର୍ତାଳାପର ଫଳାଫଳ ବିଫଳ ଯାଇଥିଲା ଅର୍ଥାତ ଯୁଦ୍ଧ ଟଳି ନଥିଲା । ହଜ୍‌ରତ୍ ମାଜ୍ ବିନ୍ ଜବଲ୍ ସେମାନଙ୍କ ସମ୍ମୁଖରୁ ଇସ୍‌ଲାମୀ ଶିକ୍ଷା ଉପସ୍ଥାପନ କଲେ ଓ ସେମାନଙ୍କ ସହିତ ବାର୍ତାଳାପ କଲେ । କିନ୍ତୁ ଶତ୍ରୁ ତାହାକୁ ସ୍ୱୀକାର କଲେନାହିଁ । ଅନ୍ୟାନ୍ୟ ମାମଲାରେ ରୋମୀମାନେ ହଜ୍‌ରତ୍ ମାଜ୍‌ଙ୍କ ନିକଟରେ ଏହି ପ୍ରସ୍ତାବ ରଖିଥିଲେ ଯେ, ଆମେ ଆପଣଙ୍କୁ ବଲ୍‌କାଆର ଜିଲ୍ଲା ଓ ଉର୍ଦ୍ଦୁନ୍‌ର ସେହି ଅଂଚଳ ଯାହାକି ତୁମ ଜମି ସହିତ ମିଶି ରହିଛି, ତାହା ତୁମକୁ ପ୍ରଦାନ କରିଦେଉଛୁ ଓ ତୁମେ ଏହି ଦେଶ ଛାଡ଼ି ଫରାସୀ ଚାଲିଯାଅ । ପ୍ରଥମେ ନିଜେ ସେନା ଏକତ୍ରିତ କରିଥିଲେ କିନ୍ତୁ ଯେତେବେଳେ ଦେଖିଲେ ଯେ ପରାଜୟର ମୁହଁରେ ସେମାନେ ପହଂଚିଗଲେଣି ସେତେବେଳେ ସେମାନେ ଏହି ପ୍ରସ୍ତାବ ଦେଇଥିଲେ ମୁସଲମାନମାନଙ୍କୁ । ହଜରତ ମାଜ୍ ଏହି ସର୍ତକୁ ଅସ୍ୱୀକାର କଲେ ଏବଂ ସେଠାରୁ ଉଠି ଫେରି ଆସିଲେ । ରୋମୀମାନେ ସିଧାସଳଖ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ସହିତ ଆଲୋଚନା କରିବାପାଇଁ ଚାହିଁଲେ ଏବଂ ଏହି ଉଦ୍ଦେଶ୍ୟରେ ସେମାନେ ଏକ ବିଶେଷ ଦୂତ ପ୍ରେରଣ କଲେ । ଯେତେବେଳେ ସେହି ଦୂତ ଜଣକ ମୁସଲମାନମାନଙ୍କ ଗହଣରେ ଆସି ପହଂଚିଲା ସେତେବେଳେ ସେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କୁ ଭୂମିରେ ବସି ତୀର ଓଲଟପାଲଟ କରୁଥିବାର ଦେଖିଲା । ତାହା ଜ୍ଞାତ ସାରରେ ରହିଥିଲା ଯେ, ମୁସଲମାନମାନଙ୍କ ସେନାଧ୍ୟକ୍ଷ ଆଡ଼ମ୍ବର ପୂର୍ଣ୍ଣ ସ୍ଥାନରେ ବିରାଜମାନେ ଥିବେ କିନ୍ତୁ ସେ ଯୁଆଡ଼େ ଆଖି ବୁଲାଉଥିଲା ସମସ୍ତଙ୍କୁ ଗୋଟିଏ ରଙ୍ଗରେ ନିର୍ମଜିତ ଥିବାର ଦେଖିବାକୁ ପାଉଥିଲା । ଶେଷରେ ବିଚଳିତ ହୋଇ କହି ଉଠିଲା ତୁମ ସର୍ଦ୍ଦାର କିଏ ? ଲୋକେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ଆଡ଼କୁ ଇଙ୍ଗିତ କଲେ ଏଥିରେ ସେ ଆଚମ୍ବିତ ଓ ସ୍ତବ୍ଧ ହୋଇ ପଚାରିଲା କ'ଣ ତୁମେ ପ୍ରକୃତରେ ସର୍ଦ୍ଦାର ଅଟ ? ହଜ୍‌ରତ୍ ଅବୁ ଉବୈଦାଃ ର:ଅ କହିଲେ ହଁ । ସେ କହିଲା ଆମେ ତୁମର ପ୍ରତ୍ୟେକ ସୈନ୍ୟକୁ ଦୁଇଟି ଲେଖାଏଁ ଅଶ୍‌ରଫି (ସୁନା ମୁଦ୍ରା) ପ୍ରଦାନ କରିବୁ ତୁମେମାନେ ଏଠାରୁ ଚାଲିଯାଅ । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ତାଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ । ଏଥିରେ ଦୂତ ଜଣକ ଅତିଷ୍ଠ ହୋଇ ଉଠି ପଳାଇଲା । ତାହାର ହାବଭାବ ଦେଖି ହଜ୍‌ରତ୍ ଅବୁ ଉବୈଦାଃ ର:ଅ ନିଜ ସେନାକୁ ଯୁଦ୍ଧ ପ୍ରସ୍ତୁତି ପାଇଁ ଆଦେଶ ଦେଲେ ଏବଂ ସମସ୍ତ ଅବସ୍ଥା ହଜ୍‌ରତ୍ ଉମର୍ ର:ଅଙ୍କୁ ଲେଖି ଜଣାଇଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଅନୁମତି ପ୍ରଦାନ କଲେ ଯେ, ଠିକ୍ ଅଛି ଆଗକୁ ବଢ଼ ଏବଂ ନିଜର ସ୍ଥାନରେ ସୁଦୃଢ଼ ରୁହ ପ୍ରଭୁ ତୁମର ସାହାଯ୍ୟ କରିବେ । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ସେହି ଦିନ ରୋମୀମାନଙ୍କର ମୁକାବିଲା ନିମନ୍ତେ ସେନାକୁ ଆଦେଶ ଦେଇଥିଲେ କିନ୍ତୁ ରୋମୀମାନେ ଯୁଦ୍ଧ କରିବାକୁ ଆସିଲେ ନାହିଁ । ତା' ପରଦିନ ସକାଳେ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ଆରୋହୀମାନଙ୍କ ସାଥିରେ ରଣକ୍ଷେତ୍ରକୁ ଗଲେ । ରୋମୀ ସେନା ପ୍ରସ୍ତୁତ ଥିଲେ । ପୁଣି ଯୁଦ୍ଧ ଆରମ୍ଭ ହେଲା ଯୁଦ୍ଧ କ୍ଷେତ୍ରରେ ମୁସଲମାନମାନଙ୍କର ସ୍ଥିରତା ଓ ଦୃଢ଼ତା ଦେଖି ରୋମୀ ସେନାଧ୍ୟକ୍ଷ ଯୁଦ୍ଧ କ୍ଷେତ୍ରରୁ ଫେରିଯିବାକୁ ଚାହିଁଲା କିନ୍ତୁ ହଜରତ ଖାଲିଦ୍‌ଙ୍କ ଉତ୍ସାହ ମୂଳକ ଆହ୍ୱାନରେ ମୁସଲମାନମାନେ ଏଭଳି ଆତ୍ମଘାତୀ ଆକ୍ରମଣ କଲେ ଯେ, ରୋମୀମାନେ ଧରାଶାୟୀ ହୋଇଗଲେ । ଇସାଇମାନେ ସାହାଯ୍ୟ ପାଇବା ଆଳରେ ଯୁଦ୍ଧକୁ ଟାଳିବାକୁ ଚେଷ୍ଟା କରୁଥିଲେ କିନ୍ତୁ ହଜ୍‌ରତ୍ ଖାଲିଦ୍‌ଙ୍କ ପରାମର୍ଶ କ୍ରମେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଆସନ୍ତା ଦିନ ମଧ୍ୟ ଯୁଦ୍ଧ ଅଭ୍ୟାହତ ରଖିଲେ ଅତଏବ ପରବର୍ତୀ ଦିନ ମାତ୍ର ଘଂଟାଏ ଘମାଘୋଟ ଯୁଦ୍ଧ ପରେ ରୋମୀମାନଙ୍କ ପାଦ ଉପୁଡ଼ି ଯାଇଥିଲା ଏବଂ ସେମାନେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିଥିଲେ । ଐତିହାସିକମାନେ ରୋମୀ ସେନାଙ୍କ ସଂଖ୍ୟା ଅଶି ହଜାରରୁ ଅଶି ଲକ୍ଷ ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି । ହଜ୍‌ରତ୍ ଉମର୍ ର:ଅ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଲୋକମାନଙ୍କ ଧନଜୀବନ, ଜମିବାଡ଼ି, ଘରଦ୍ୱାର ଓ ଉପସାନସ୍ଥଳୀ ସବୁକିଛି ସେମାନଙ୍କ ନିକଟରେ ରହିବାକୁ ଦିଆଗଲା ଏବଂ ମୁସଲମାନମାନେ କେବଳ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ସ୍ୱଳ୍ପ ଜମି ଦଖଲ କରିଥିଲେ । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୭୩୦..... ଲାହୋର) (ଅଲ୍‌ଫାରୁକ......ପୃ-୧୧୪-୧୧୮....... କରାଚି ୧୯୯୧)*

ଏଥିରୁ ଜଣାଯାଉଛି ଯେ ମୁସଲମାନମାନେ ଯଦି କିଛି ଜମି ଅଧିକାର କରିଥିଲେ ତେବେ ତାହା କେବଳ ମସଜିଦ୍ ପାଇଁ ନେଇଥିଲେ ବାକି ଜମି ଉକ୍ତ ଦେଶବାସୀଙ୍କ ପାଇଁ ଛାଡ଼ି ଦେଇଥିଲେ ।

ବେସାନ୍ ବିଜୟ ଯେତେବେଳେ ଶୁରିହ୍‌ବିଲ୍ ଫୁହିଲ୍ ଯୁଦ୍ଧ ଶେଷ କଲେ ସେତେବେଳେ ସେ ନିଜ ସେନାକୁ ଧରି ବିସାନ୍ ଆଡ଼କୁ ଚାଲିଲେ ଓ ବିସାନ୍‌କୁ ଘେରାଉଟ୍ କରିନେଲେ । ଅତଏବ ଯେତେବେଳେ ଲୋକମାନଙ୍କୁ ଶରହବିଲ୍‌ଙ୍କୁ ନିଜ ସାଥିମାନଙ୍କ ସହିତ ବେସାନ୍ ଆଡକୁ ଆଗମନ କରୁଥିବାର ଖବର ମିଳିଲା, ସେତେବେଳେ ସେମାନେ ଦୁର୍ଗରେ ଆତ୍ମଗୋପନ କରିନେଲେ । କିଛି ଘେରାଉ ଓ ସାମାନ୍ୟ ସଂଘର୍ଷ କରିବା ପରେ ବେସାନ୍‌ବାସୀଙ୍କ ସହିତ ସନ୍ଧି ସ୍ଥାପନ ହୋଇଥିଲା କିଛି ଲୋକେ ଯୁଦ୍ଧ କରିବାକୁ ବାହାରି ପଡ଼ିଲେ କିନ୍ତୁ ମୁସଲମାନମାନେ ସେମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ହରାଇ ଦେଲେ । ଏହିପରି ତବରୀବାସୀ ମଧ୍ୟ ସନ୍ଧିର ପ୍ରସ୍ତାବ ଦେଲେ ଯାହାକୁ ମୁସଲମାନମାନେ ଗ୍ରହଣ କରିନେଇଥିଲେ । ଦମିଶକ୍ ବିଜୟର ଯେଉଁ ସର୍ତାବଳୀ ଥିଲା ତାହାର ଆଧାରରେ ସ୍ୱୀକାର ହେଲା । *(ତାରିଖେ ତିବ୍‌ରୀ (ମୁତରଜିମ୍) ଖଣ୍ଡ-୨, ଭାଗ-୨, ପୃ-୨୧୬....କରାଚି) (ଅଲ୍‌ଫାରୁକ......ପୃ-୧୧୪....... କରାଚି ୧୯୯୧)*

ପୁନଶ୍ଚ ତବ୍‌ରିୟା ବିଜୟ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେତେବେଳେ ତବ୍‌ରୀୟା ବାସୀଙ୍କୁ ବେସାନ୍ ବିଜୟ ଓ ସେମାନଙ୍କ ଚୁକ୍ତି ଭଙ୍ଗ ଖବର ମିଳିଲା ସେମାନେ ଅବୁଲ୍ ଆୱ୍ୱାର୍‌ଙ୍କ ସହିତ ଏହି ସର୍ତରେ ସନ୍ଧି କଲେ ଯେ ସେମାନଙ୍କୁ ଶୁରହବିଲ୍‌ଙ୍କ ସେବାରେ ପହଂଚାଇ ଦିଆଯିବ । ଅବୁଲ୍ ଆୱ୍ୱାର୍ ସେମାନଙ୍କ ନିବେଦନ ସ୍ୱୀକାର କଲେ । ଅତଏବ ତବ୍‌ରିୟା ବାସୀ ଓ ବେସାନ୍ ବାସୀ ଦମିଶକ୍ ସର୍ତରେ ସନ୍ଧି କରିନେଲେ ଏବଂ ଏହା ମଧ୍ୟ ନିଷ୍ପତି ହୋଇଗଲା ଯେ, ସହର ଓ ତାହାର ଆଖପାଖ ଗ୍ରାମାଚଂଳର ସମସ୍ତ ବାସସ୍ଥଳୀ ମଧ୍ୟରୁ ଅର୍ଦ୍ଧେକ ମୁସଲମାନମାନଙ୍କ ସକାଶେ ଖାଲି କରିଦିଆଯାଉ ବାକି ଅଧା ଅଂଶରେ ରୋମୀମାନେ ସ୍ୱଇଚ୍ଛାରେ ବସବାସ କରିପାରିବେ ଏବଂ ମୁଣ୍ଡ ପିଛା ଗୋଟିଏ ଦୀନାର ବାର୍ଷିକ ଟିକସ ଦେବେ ତଥା ଜମିରୁ ଯାହା ଉତ୍ପାଦିତ ହେବ ସେଥିରୁ ଅର୍ଥାତ ଫସଲର ଧାର୍ଯ୍ୟ ଅଂଶ ପ୍ରଦାନ କରିବେ ଅର୍ଥାତ ଯାହା ଫସଲ ଅମଳ କରିବେ ସେଥିରୁ ଧାର୍ଯ୍ୟ ଅଂଶ ମୁସଲମାନମାନଙ୍କୁ କର ସ୍ୱରୁପ ପ୍ରଦାନ କରିବେ । ଏଥିଅନ୍ତେ ମୁସଲମାନ ସେନାପତି ଓ ସେମାନଙ୍କ ସେନା ବସବାସ କରିବା ଆରମ୍ଭ କଲେ ଏବଂ ଉର୍ଦ୍ଦୁନ୍‌ର ସନ୍ଧି ଶେଷ ଚରଣରେ ଉପନୀତ ହେବା ପରେ ସମସ୍ତ ସହାୟତା ଦଳ ଉର୍ଦ୍ଦୁନ ଅଂଚଳରେ ବିଭିନ୍ନ ସ୍ଥାନରେ ବସତୀ ସ୍ଥାପନ କରିଥିଲେ ଏବଂ ବିଜୟର ଏହି ସୁଚନା ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଦିଆଗଲା । *(ତାରିଖେ ତିବ୍‌ରୀ (ମୁତରଜିମ୍) ଖଣ୍ଡ-୨, ଭାଗ-୨, ପୃ-୨୧୬-୨୧୭....କରାଚି)*

ଏଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ହମସ୍ ଆଡ଼କୁ ଅଗ୍ରସର ହୋଇଥିଲେ ଯାହାକି ଶିରିୟାର ଏକ ପ୍ରମୁଖ ସହର ଥିଲା ଏବଂ ଯୁଦ୍ଧ ତଥା ପ୍ରଶାସନିକ କୂଟନୀତି ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରଖୁଥିଲା ଅର୍ଥାତ ହମସ୍ ସହର । ହମସ୍ ଦମିଶକ୍ ଓ ହଲବ୍ ମଧ୍ୟରେ ଶିରିୟା ଦେଶରେ ଅବସ୍ଥିତ । ହମସ୍‌ରେ ଏକ ବିଶାଳ ମୂର୍ତି ରହିଥିଲା ଯାହାର ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଲୋକେ ଆସୁଥିଲେ ଏବଂ ତାହାର ପୂଜାରୀ ହେବାରେ ଗର୍ବ ଅନୁଭବ କରୁଥିଲେ । ସେ ଯାହା ହେଉ ହମସ୍ ନିକଟରେ ରୋମୀମାନେ ଆଗକୁ ବଢ଼ି ମୁକାବିଲା କରିବାକୁ ଚାହିଁଲେ କିନ୍ତୁ ସଂଖ୍ୟାଧିକ ହେବା ସତ୍ୱେ ସେମାନେ ପରାଜିତ ହୋଇଥିଲେ । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଓ ହଜ୍‌ରତ ଖାଲିଦ୍ ବିନ୍ ୱଲିଦ୍ ଯେତେବେଳେ ହିମସ୍‌ର ଘେରାଉ କଲେ ସେତେବେଳେ ପ୍ରଚଣ୍ଡ ଶୀତଋତୁ ଆରମ୍ଭ ହୋଇଯାଇଥିଲା । ମୁସଲମାନ ସେନାଙ୍କ ନିକଟରେ ସେହି ପ୍ରଚଣ୍ଡ ଶୀତର ମୁକାବିଲା କରିବା ସକାଶେ କୌଣସି ସାମଗ୍ରୀ ନଥିଲା । ଅତଏବ ରୋମୀମାନଙ୍କର ଏ ବିଶ୍ୱାସ ଥିଲା ଯେ ମୁସଲମାନମାନେ ଅଧିକ ସମୟ ଖୋଲା ପଡ଼ିଆରେ ତିଷ୍ଠି ରହିପାରିବେ ନାହିଁ । ପୁଣି ହିର୍‌କଲ୍ ହମସ୍ ବାସୀଙ୍କ ସହାୟତା ନିମନ୍ତେ ଏକ ସୈନ୍ୟଦଳ ପ୍ରେରଣ କରିଥିଲା କିନ୍ତୁ ଇରାକ୍‌ରେ ମୃତୟନ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍‌ଙ୍କ ସେନା ସେମାନଙ୍କୁ ଅର୍ଥାତ ସାହାଯ୍ୟକାରୀ ସୈନ୍ୟଦଳକୁ ଆଗକୁ ଅଗ୍ରସର ହେବାକୁ ଦେଇନଥିଲେ ବରଂ ସେହିଠାରେ ଅଟକାଇ ଦେଇଥିଲେ । *(ଅଲ୍‌ଫାରୁକ......ପୃ-୧୧୮-୧୧୯....... କରାଚି ୧୯୯୧) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୩୪୭...... ବେରୁତ)*

ଐତିହାସିକମାନେ ଲେଖିଛନ୍ତି ଯେ, ରୋମୀମାନଙ୍କ ପାଦରେ ଚମଡ଼ାର ମୋଜା ଥିଲା ତଥାପି ସେମାନଙ୍କ ପାଦ ଫୁଲିଯାଉଥିଲା ଯେତେବେଳେ କି ସାହାବାଙ୍କ ପାଦ ଅବା ମୁସଲମାନ ସେନାଙ୍କ ନିକଟରେ ଜୋତା ବ୍ୟତୀତ ଆଉ କିଛି ନଥିଲା । *(ସୟଦନା ଉମର୍ ବିନ୍ ଖତାବ୍... ପୃ-୭୩୪)*

ହମସ୍ ବାସୀ ଦୁର୍ଗରେ ବନ୍ଦ ହୋଇ ପଡ଼ିଗଲେ । ନିଜକୁ ଅବରୁଦ୍ଧ କରିନେଲେ

ସେ ସେହି ଦିନ ମୁସଲମାନ ସହିତ ସଂଘର୍ଷ କରିବାକୁ ବାହାରୁଥିଲେ ଯେତେବେଳେ ପ୍ରଚଣ୍ଡ ଶୀତ ପଡୁଥିଲା ରୋମୀ ହର୍‌କଲ୍‌ର ସାହାଯ୍ୟ ଆଶା ବାନ୍ଧି ବସିଥିଲେ ଏବଂ ଏହି କଥାର ଅଭିଳାଷୀ ଥିଲେ ଯେ, ମୁସଲମାନମାନେ ଶୀତ ବରଦାସ୍ତ ନ କରିପାରି ପଳାୟନ କରିବେ । କିନ୍ତୁ ମୁସଲମାନ ସେନା ନିଜ ସ୍ଥାନରେ ଅଟଳ ଓ ଅବିଚଳ ରହିଲେ, ଅପରପକ୍ଷେ ହର୍‌କଲ୍‌ର ସହାୟତା ମଧ୍ୟ ସେମାନଙ୍କୁ ମିଳିପାରିଲା ନାହିଁ ବସ୍ତୁତଃ ସେମାନେ ସନ୍ଧି କରିବାର ଦରଖାସ୍ତ କରିଥିଲେ । ମୁସଲମାନମାନେ ତାହାକୁ ସ୍ୱୀକାର କରିନେଲେ ସହରର ସମସ୍ତ ଅଟ୍ଟାଳିକା ସହରବାସୀଙ୍କ ପାଇଁ ଛାଡ଼ି ଦିଆଯାଇଥିଲା । ଦମିଶକ୍ ପରି ଟିକସ ଓ କର ଦେବା ସର୍ତରେ ସନ୍ଧି ସ୍ଥାପନ ହୋଇଥିଲା । ଏ ସମସ୍ତ ଘଟଣା ଚକ୍ର ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଉମର ର:ଅଙ୍କୁ ଲେଖି ପ୍ରେରଣ କରିଥିଲେ ଯାହା ଉତାରେ ହଜ୍‌ରତ୍ ଉମର୍ ର:ଅ ଆଦେଶ ଦେଲେ ତୁମେ ବର୍ତମାନ ସେହିଠାରେ ଅବସ୍ଥାନ କର ଏବଂ ଶିରିୟାର ଶକ୍ତିଶାଳୀ ଗୋଷ୍ଠୀଙ୍କୁ ଆରବର ଧ୍ୱଜା ତଳେ ଜମା କର, ମୁଁ ମଧ୍ୟ ଅନ୍‌ଶାଅଲ୍ଲାଃ ତାଲା ବରାବର ନିର୍ଦ୍ଦେଶ ଦେଉଥିବି । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୩୩୧-୩୩୨..... ଲାହୋର)*

ସେଥିଅନ୍ତେ ସେହି ବର୍ଷ ମରଜୁଲ୍ ରୁମାର ଘଟଣା ଘଟିଲା । ମର୍‌ଜୁଲ୍ ରୁମା ହେଉଛି ଦମିଶକ୍‌ର ନିକଟବର୍ତୀ ଏକ ଅଂଚଳ । ଉକ୍ତ ଘଟଣାଟି ଏପରି ଘଟିଲା ଯେ, ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଫହେଲ୍‌ରୁ ହିମସ୍ ଯିବା ପାଇଁ ହଜ୍‌ରତ ଖାଲିଦଙ୍କ ସାଥିରେ ବାହାରି ପଡ଼ିଲେ । ସଭିଁଏ ଜୁଲ୍-କଲା ଅଂଚଳରେ ଡ଼େରା ଲଗାଇଲେ । ସେମାନଙ୍କର ଏହି ଗମନା ଗମନର ସୁଚନା ଯେତେବେଳେ ହିର୍‌କଲ୍‌କୁ ମିଳିଲା ସେତେବେଳେ ସେ ତୁଜରା ବିତ୍‌ରିକକୁ ପ୍ରେରଣ କଲେ ଅର୍ଥାତ ହର୍‌କଲ୍ ନିଜ ବୀର ସେନାପତି ତୁଜରା ବିତ୍‌ରିକ୍‌କୁ ପ୍ରେରଣ କରିଥିଲା ମୁସଲମାନମାନଙ୍କ ମୁକାବିଲା ପାଇଁ । ସେ ମର୍‌ଜୁଲ୍ ଦମିଶକ୍ ଓ ତାହାର ପଶ୍ଚିମ ଦିଗରେ ଅବସ୍ଥାନ କଲା । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ମରଜୁଲ୍ ରୁମ୍ ଓ ତାହାର ସେନାଠାରୁ ଆରମ୍ଭ କରିଥିଲେ । ସେତେବେଳେ ମୁସଲମାନମାନଙ୍କ ଅବସ୍ଥା ଏପରି ଥିଲା ଯେ ଶୀତ ଋତୁର ଆଗମନ ହୋଇସାରିଥିଲା ଏବଂ ମୁସଲମାନମାନଙ୍କ ଶରୀର କ୍ଷତବିକ୍ଷତ ଥିଲା । ଯେତେବେଳେ ମୁସଲମାନ ସେନା ମର୍‌ଜୁଲ୍ ରୁମ୍‌ରେ ପହଂଚିଲେ ସେତେବେଳେ ସେଠାକୁ ସନସ୍ ରୁମି ମଧ୍ୟ ଆସିଗଲା ଏବଂ ତୁ-ଜରା ନିକଟରେ ସେନାର ଡ଼େରା ଲଗାଇଲା । ଏହି ସନସ୍ ଅସଲରେ ତୁ-ଜରାର ସାହାଯ୍ୟ ଓ ହମସ୍ ବାସୀଙ୍କୁ ରକ୍ଷା କରିବା ସକାଶେ ଆସିଥିଲା । ସେଠାରୁ ତୁ-ଜରା ପଳାୟନା କଲା । ତୁ-ଜରା ମୁକାବିଲାରେ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ଥିଲେ ଓ ସନସ୍ ମୁକାବିଲାରେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଥିଲେ । ଯେତେବେଳେ ତୁଜରା ଦମିଶକ୍ ଆଡ଼କୁ ପଳାୟନ କରିବାର ସୁଚନା ହଜରତ ଖାଲିଦ୍‌ଙ୍କୁ ମିଳିଲା ସେତେବେଳେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ସହିତ ପରାମର୍ଶ କରି ଏହି ନିଷ୍ପତି ନେଲେ ଯେ, ହଜ୍‌ରତ୍ ଖାଲିଦ୍‌ଙ୍କୁ ତୁରନ୍ତ ତୁଜରା ପଛରେ ଯିବା ଉଚିତ ଏବଂ ତାହାକୁ ଧରି ନେବା ଉଚିତ । ହଜରତ ଖାଲିଦ୍ ତାହାର ପଛ ଧରିଥିଲେ । ଅପରପାର୍ଶ୍ୱରୁ ହଜରତ ୟଜିଦ୍ ବିନ୍ ଅବୁ ସୁଫିୟାନ୍‌କୁ ତୁଜରାର ଆଗମନର ସୁଚନା ମିଳିଯାଇଥିଲା ତେଣୁ ସେ ସମ୍ମୁଖରୁ ତାହାର ମାର୍ଗ ଅବରୋଦ୍ଧ କରିଥିଲେ । ତୁଜରାର ସେନାକୁ ମୁସଲମାନମାନେ ଉଭୟ ପାର୍ଶ୍ୱରୁ ଏପରି ଘେରି ନେଲେ ଯେ, ସେଠାରୁ ଖସି ପଳାୟନ କରିବାର ତାହା ନିକଟରେ କୌଣସି ବାଟ ନଥିଲା । ମୁସଲମାନମାନେ ତାହା ଉପରେ ଆତ୍ମଘାତୀ ଆକ୍ରମଣ କଲେ ସେମାନଙ୍କୁ ମୃତ୍ୟୁର ସେଜରେ ଶୁଆଇ ଦେଲେ ଏବଂ କେବଳ ସେହିମାନେ ଜୀବିତ ରହିଗଲେ ଯେଉଁମାନେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିଥିଲେ । ଏହି ଯୁଦ୍ଧରେ ମୁସଲମାନମାନଙ୍କୁ ଯେଉଁ ମାଲେ ଗନିମତ ମିଳିଥିଲା ଅର୍ଥାତ ଜୀବଜନ୍ତୁ, ଅସ୍ତ୍ରଶସ୍ତ୍ର ଓ ପୋଷାକପତ୍ର ଆଦି ତାହାକୁ ହଜରତ ୟଜିଦ୍ ଓ ଖାଲିଦ୍‌ଙ୍କ ସିପାହୀମାନଙ୍କ ମଧ୍ୟରେ ବାଂଟି ଦିଆଯାଇଥିଲା । ଏଥିଅନ୍ତେ ହଜରତ ୟଜିଦ୍ ଦମିଶକ୍ ଆଡ଼କୁ ବାହାରିଗଲେ ଏବଂ ହଜରତ ଖାଲିଦ୍ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ଆଡ଼କୁ ବାହାରି ଯାଇଥିଲେ । ଇସ୍‌ଲାମୀୟ ଇତିହାସରେ ଯେଉଁ ୟଜିଦ୍ ବଦ୍‌ନାମ ଅଟେ ସେ ମାଅୱିୟାର ପୁତ୍ର ଥିଲେ କିନ୍ତୁ ଇଏ ଅବୁ ସୁଫିୟାନ୍‌ର ପୁତ୍ର ଯେପରି କି ମୁଁ ପୂର୍ବେ ଆଲୋଚନା କରିଆସିଲି । ତୁଜରା ଯେ କି ରୋମି ସର୍ଦାର ଥିଲା ତାହାକୁ ହଜରତ ଖାଲିଦ ର:ଅ ହତ୍ୟା କରିଥିଲେ ଏବଂ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଶନସ୍‌ର ମୁକାବିଲା କରିଥିଲେ ଅର୍ଥାତ ମର୍‌ଜୁଲ୍ ରୁମ୍‌ଠାରେ ଉଭୟ ସେନା ମୁସଲମାନ ଓ ଶତ୍ରୁମାନଙ୍କର ମୁହାଁମୁହିଁ ହୋଇଥିଲା । ମୁସଲମାନମାନେ ଅନେକ ରୋମି ସେନାଙ୍କୁ ହତ୍ୟା କରିଥିଲେ ଓ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଶନସ୍‌କୁ ବଦ୍ଧ କରିଥିଲେ । ମର୍‌ଜୁଲ୍ ରୁମ୍ ଶତ୍ରୁପକ୍ଷର ଶବରେ ଭରି ଯାଇଥିଲା ଏଥିଯୋଗୁଁ ଉକ୍ତ ସ୍ଥାନର ବଦ୍‌ବୁଦାର୍ (ଅର୍ଥାତ ଦୁର୍ଗନ୍ଧ) ପଡ଼ିଗଲା । ମୁସଲମାନମାନେ ପଳାୟନ କରିଥିବା ରୋମି ସେନାଙ୍କର ହମସ୍ ପର୍ଯ୍ୟନ୍ତ ପିଛା କରିଥିଲେ । ***(ଅଲ୍‌କାମିଲ୍ ଫିତ୍ ତାରିଖ୍, ଖଣ୍ଡ-୨୧, ପୃ-୩୨୧.... ବେରୁତ)*** *(ତାରିଖେ ତିବ୍‌ରୀ, ଖଣ୍ଡ-୨, ଭାଗ-୨, ପୃ-୩୫୯-୩୬୦....କରାଚି)*

ସେଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ନିଜ ସେନା ନେଇ ହମାତ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ହମାତ ମଧ୍ୟ ଶିରିୟାର ଏକ ପୁରାତନ ସହର ଯାହାକି ଦମିଶକ୍‌ରୁ ପାଂଚ ଦିନ ଯାତ୍ରା ଦୂରତାରେ ଅବସ୍ଥିତ । ହମାତ୍‌ବାସୀ ସେମାନଙ୍କ ସମ୍ମୁଖରେ ମୁଣ୍ଡପୋତି ନେଲେ ଅର୍ଥାତ ମାନିନେଲେ । ଶେଜାର୍‌ବାସୀଙ୍କୁ ଯେତେବେଳେ ମୁସଲମାନ ସେନାର ଆଗମନର ସୂଚନା ମଳିଲା ସେତେବେଳେ ସେମାନେ ମଧ୍ୟ ହମାଦତ୍ ବାସୀଙ୍କ ପରି ସନ୍ଧି ସ୍ଥାପନ କରିନେଲେ ମୁସଲମାନମାନଙ୍କ ସହିତ । ଶେଜାର ହମାତଠାରୁ ଅଧା ଦିନ ଯାତ୍ରାର ଦୂରତାରେ ଅବସ୍ଥିତ ଏକ ବସ୍ତି ଥିଲା । ସେଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ସଲ୍‌ମିୟାକୁ ବିଜୟ କଲେ । ସଲ୍‌ମିୟା ମଧ୍ୟ ହମାତଦ୍‌ଠାରୁ ଦୁଇ ଦିନର ଦୂରତାରେ ଅବସ୍ଥିତ ଏକ ବସ୍ତି ଥିଲା । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୩୩୩..... ଲାହୋର) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୩୪୫...... ବେରୁତ)*

ତା'ପରେ ମୁସଲମାନ ସେନା ଲାଜକିୟା ଜୟ କରିଥିଲେ । ଇସ୍‌ଲାମୀ ସେନା ଅବୁ ଉବୈଦାଙ୍କ ନେତୃତ୍ୱରେ ଲାଯ୍‌କିୟା ଆଡ଼କୁ ଅଗ୍ରସର ହୋଇଥିଲା ଯାହାକି ଶିରିୟାର ସମୁଦ୍ର ତଟରେ ଅବସ୍ଥିତ ଏକ ସହର ଥିଲା । ହମାତ୍‌ର ଆଖପାଖ ଅଂଚଳରେ ଏହାର ଗଣନା ହୋଇଥାଏ । ଲାଯ୍‌କିୟା ବାସୀ ଯେତେବେଳେ ମୁସଲମାନ ସେନାଙ୍କ ଆଗମନର ଖବର ଶୁଣିଲେ ସେତେବେଳେ ସେମାନେ ନିଜକୁ ଦୁର୍ଗ ଭିତରେ ଅବରୁଦ୍ଧ କରିନେଇଥିଲେ । ସହରର ମୂଖ୍ୟ ଦ୍ୱାର ବନ୍ଦ କରିଦେଇଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯଦି ମୁସଲମାନମାନେ ଲାଯ୍‌କିୟାର ଘେରାଉ କରନ୍ତି ତେବେ ସେମାନେ ମୁସଲମାନମାନଙ୍କ ମୁକାବିଲା କରିନେବେ । ଏହି ଅବଧି ମଧ୍ୟରେ ସମୁଦ୍ର ମାର୍ଗରେ ହର୍‌କଲ୍‌ର ସୈନ୍ୟ ସାହାଯ୍ୟ ମଧ୍ୟ ସେମାନଙ୍କୁ ମିଳିଯିବ । ମୁସଲମାନମାନେ ଉକ୍ତ ସହରର ଘେରାଉ କରିନେଲେ ସୁରକ୍ଷା ଦୃଷ୍ଟିକୋଣରୁ ଉକ୍ତ ସହର ବେଶ୍ ମଜ୍‌ଭୁତ ଥିଲା ଏବଂ ସେନା ଛାଉଣୀ ଦୃଷ୍ଟି କୋଣରୁ ମଧ୍ୟ ସୁପ୍ରଶିଦ୍ଧ ସହର ଥିଲା । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଲାଯ୍‌କିୟା ବିଜୟ କରିବାର ଏକ ଅଭିନବ ଉପାୟ ପାଂଚି ଥିଲେ । ତାଙ୍କୁ ଯୁଦ୍ଧ କୂଟନୀତୀ ମଧ୍ୟ ବେଶ୍ ଭଲ ଭାବରେ ଜଣାଥିଲା । ଦୀର୍ଘ ସମୟ ସହର ଘେରାଉ କରିବା ପରେ ଏହି ଭୟ ବା ଆଶଙ୍କା ମନରେ ଯାତ ହୋଇଥିଲା ମୁସଲମାନମାନଙ୍କର ଯେ, ସମ୍ଭବତଃ ଶତ୍ରୁକୁ ବାହ୍ୟ ସାହାଯ୍ୟ ମିଳିଯିବ ସୁତରାଂ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଉକ୍ତ ଭୂମିରେ ଏପରି ଅନେକ ଗର୍ତ ଖନନ କରିଲେ ଯେପରି ଗୋଟିଏ ଘୋଡ଼ା ଉପରେ ବସିଥିବା ବାହକ ଲୁଚିଯିବ ଏବଂ ତାହାକୁ ଘାସ ଦ୍ୱାରା ଆଚ୍ଛାଦିତ କରିଦେଇଥିଲେ ଏବଂ ସକାଳେ ସହରର ଘେରାଉ ପ୍ରତ୍ୟାହାର କରି ସେଠାରୁ ନିଜ ସେନାକୁ ସାଥିରେ ନେଇ ଚାଲି ଯାଇଥିଲେ । ସହର ବାସୀ ଘେରାଉ ଉଠିବା ଦେଖି ଦୁର୍ଗର ମୂଖ୍ୟ ଦ୍ୱାର ଖୋଲି ଦେଲେ ଏବଂ ସାମାନ୍ୟ ରୂପେ ଚଳପ୍ରଚଳ କରିବା ଆରମ୍ଭ କରିଦେଲେ ସେପଟେ ରାତ୍ର ସମୟରେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ନିଜ ସେନା ବାହିନୀକୁ ଆଣି ଉକ୍ତ ଗର୍ତଗୁଡ଼ିକ ମଧ୍ୟରେ ଲୁଚାଇ ରଖିଥିଲେ । ସକାଳେ ଯେତେବେଳେ ସହରବାସୀ ମୂଖ୍ୟ ଦ୍ୱାର ଖୋଲିଲେ ସେତେବେଳେ ମୁସଲମାନମାନେ ସେମାନଙ୍କ ଉପରେ ଆତର୍କିତ ଭାବରେ ହଠାତ୍ ଆକ୍ରମଣ କରିଦେଲେ, ଏପରି ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଉକ୍ତ ସହର ଉପରେ ବିଜୟ ପାଇଥିଲେ । ସେତେବେଳେ କିଛି ଲୋକ ନିଜ ପ୍ରାଣ ରକ୍ଷା କରିବାକୁ ଯାଇ ସେଠାରୁ ପଳାୟନ କରିଥିଲେ ବାକି ଯେଉଁମାନେ ସହରରେ ରହିଗଲେ ସେମାନେ ମୁସଲମାନ ମାନଙ୍କ ଆଦେଶ ପାଳନ କରିବା ବ୍ୟତିତ ସେମାନଙ୍କ ନିକଟରେ ଅନ୍ୟ କୌଣସି ବାଟ ନଥିଲା । ଏପରି ସନ୍ଧି ହେଲା ଓ ମୁସଲମାନମାନେ ସହରକୁ ଜୟ କରିନେଇଥିଲେ ଅର୍ଥାତ ନିଜ ଅଧିକାରରେ ନେଇ ଯାଇଥିଲେ । ମୁସଲମାନମାନେ ଉକ୍ତ ସହରକୁ ଅଧିକୃତ କରିନେଇଥିଲେ । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ଶତ୍ରୁପକ୍ଷଙ୍କୁ କର ଦେବା ସର୍ତରେ ସେମାନଙ୍କ ସହିତ ସନ୍ଧି କରିଥିଲେ । ପରେ ମୁସଲମାନମାନେ ତା' ନିକଟରେ ଏକ ମସଜିଦ ନିର୍ମାଣ କରିଦେଇଥିଲେ । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୩୩୩-୩୩୪..... ଲାହୋର) (ଅଲ୍‌ଫାରୁକ......ପୃ-୧୧୮-୧୧୯....... କରାଚି ୧୯୯୧)*

ଏଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ନିର୍ଦ୍ଦେଶ ଦେଲେ ଯେ ଆଉ ମୁସଲମାନ ସେନା ଆଗକୁ ବଢ଼ିବାର ଆବଶ୍ୟକତା ନାହିଁ, ଅର୍ଥାତ ମୁସଲମାନ ସେନାକୁ ଉମର ସେହିଠାରେ ଅଟକାଇ ଦେଇଥିଲେ । *(ଅଲ୍‌ଫାରୁକ......ପୃ-୧୧୯....... କରାଚି ୧୯୯୧)*

୧୫ ହିଜରୀରେ କନଶରିନ୍ ବିଜୟ ହୋଇଥିଲା । ହଜ୍‌ରତ୍ ଅବୁ ଉବୈଦାଃ ର:ଅ ହଜରତ ଖାଲିଦ୍ ବିନ୍ ୱ୍ଲିଦଙ୍କୁ କିନ୍‌ଶରିନ୍ ଅଭିମୁଖେ ପ୍ରେରଣ କରିଥିଲେ ତାହା ହଲବ୍ ରାଜ୍ୟର ଗୋଟିଏ ସମୃଦ୍ଧ ସହର ଥିଲା । ସେହି ମାର୍ଗରେ ହାଜିର୍ ଅଂଚଳରେ ରୋମୀମାନେ ମିନାସ୍‌ଙ୍କ ନେତୃତ୍ୱରେ ମୁସଲମାନମାନଙ୍କର ମୁକାବିଲା କଲେ କିନ୍ତୁ ସେ ସଫଳ ହୋଇପାରିନଥିଲେ ଅର୍ଥାତ ପରାସ୍ତ ହୋଇ ସେ ଫେରି ଯାଇଥିଲେ । ହର୍‌କଲ୍ ପରେ ରୋମୀମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ସେନାଧକ୍ଷ ଓ ବୀର ମିନାସ୍ ହିଁ ଥିଲା । ସେ ଯାହା ହେଉ ସେଠାକାର ନିବାସୀ ଏବଂ ସେଠାରେ ଥିବା ଆରବୀୟ ଇସାଇ ମୁସଲମାନମାନଙ୍କର ମୁକାବିଲା କଲେ ଆରବର ପରମ୍ପରା

ଅନୁଯାୟୀ ସହର ସୁରକ୍ଷା ପାଇଁ ସେମାନେ ସହରରୁ ବାହାରି ପଡ଼ିଥିଲେ ଓ ପଡ଼ିଆରେ ଡ଼େରା ଲଗାଇ ମୁକାବିଲା କରିବାପାଇଁ ଶ୍ରେୟସ୍କର ମଣିଥିଲେ । ଅତଏବ ଏହି ଇସାଇ ଆରବମାନେ ମଧ୍ୟ ସେହିପରି କରିଥିଲେ । ଭୀଷଣ ଘମାଘୋଟ ଯୁଦ୍ଧ ପରେ ହଜରତ ଖାଲିଦ ରୋମୀମାନଙ୍କର ଅନେକ ସେନାକୁ ହତ୍ୟା କରିଥିଲେ ଏବଂ ସେମାନଙ୍କ ସେନାଧକ୍ଷ ମିନାସ୍‌କୁ ମଧ ନୀହତ କରିଥିଲେ । ଉକ୍ତ ଅଂଚଳବାସୀ ହଜରତ ଖାଲିଦ୍‌ଙ୍କ ନିକଟରେ ଉପସ୍ଥିତ ହୋଇ ଏହି ନିବେଦନ କରିଥିଲେ ଯେ, ସେମାନଙ୍କୁ ଜୋର୍ ଜବରଦସ୍ତି ଯୁଦ୍ଧରେ ସାମିଲ କରାଯାଇଥିଲା । ତେଣୁ ସେମାନଙ୍କ ସହ ନମ୍ର ଆଚ୍ଚରଣ ପ୍ରଦର୍ଶନ କରାଯାଉ । ହଜରତ ଖାଲିଦ ସେମାନଙ୍କ ନିବେଦନ ଗ୍ରହଣ କରିନେଇଥିଲେ ।

ସେଠାରୁ କିଛି ରୋମୀ କିନ୍‌ସିରିନ୍ ପଳାୟନ କରି ଦୁର୍ଗରେ ଶରଣ ନେଇଥିଲେ । ଦୁର୍ଗରେ କିଛି ଦିନ ଅତିବାହିତ କରିବା ପରେ ଯେତେବେଳେ ସେମାନେ ଦେଖିଲେ ଯେ, ଏଠାରୁ ମୁକ୍ତି ପାଇବା ସମ୍ଭବ ନୁହେଁ ସେତେବେଳେ ସେମାନେ ସନ୍ଧିର ପ୍ରସ୍ତାବ ଆଗତ କରିଥିଲେ । କିନ୍ତୁ ହଜରତ ଖାଲିଦ୍ ର:ଅ ତାଙ୍କର ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଆଦେଶ ଉଲ୍ଲଙ୍ଘନ କରିବା ଯୋଗୁଁ ସେମାନଙ୍କୁ ଦଣ୍ଡ ଦେବାପାଇଁ ନିଷ୍ପତି ଦେଇଥିଲେ । ବସ୍ତୁତଃ ସହରବାସୀ ନିଜର ଘରବାଡ଼ି ଧନ ସମ୍ପତି ପିଲାଛୁଆ ଆଦି ସବୁକିଛି ଛାଡ଼ି ଅନତାକିୟା ପଳାୟନ କରିଥିଲେ । ଯେତେବେଳେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ସେଠାରେ ପହଂଚିଲେ ସେତେବେଳେ ସେ ହଜରତ ଖାଲିଦଙ୍କ ନିଷ୍ପତିକୁ ନ୍ୟାୟସଙ୍ଗତ ଦର୍ଶାଇ ଥିଲେ । ଯଦିଚ ସେ ନମ୍ର ଆଚରଣ କରି ସହରବାସୀଙ୍କୁ ସୁରକ୍ଷ ପ୍ରଦାନ କରିଥିଲେ ଯଦ୍ଦ୍ୱାରା ଅନତାକିୟା ପଳାୟନ କରିଥିବା ଲୋକମାନେ ମୁସଲମାନମାନଙ୍କୁ କର ଦେବା ସର୍ତରେ ନିଜ ଅଂଚଳକୁ ପୂନଃ ଫେରି ଆସିଥିଲେ । ତେବେ ନ୍ୟାୟ ଦୃଷ୍ଟିରୁ ବର୍ତମାନ ନମ୍ର ଆଚରଣ କରିବା ଉଚିତ ଥିଲା । ଅତଏବ ସହରବାସୀଙ୍କ ନିବେଦନ ରକ୍ଷା କରି ସେମାନଙ୍କୁ ମୁସଲମାନମାନେ ସୁରକ୍ଷା ପ୍ରଦାନ କଲେ । ସହରର ଚର୍ଚ୍ଚ ଓ ଅଟ୍ଟାଳିକାମାନ ବାଂଟି ଦିଆଯାଇଥିଲା । ସେଥି ମଧ୍ୟରୁ ଅଧାଅଂଶ ମୁସଲମାନମାନଙ୍କ ହାତକୁ ଆସିଥିଲା ବାକି ଅଧା ଅଂଶ ସହରବାସୀଙ୍କୁ ପ୍ରଦାନ କରାଯାଇଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସହରର କିଛି ଜମି ଦଖଲ କରି ମୁସଲମାନ ସେଠାରେ ମସ୍‌ଜିଦ୍ ନିର୍ମାଣ କରିଥିଲେ ଏବଂ ଏହି ନିର୍ଦ୍ଦେଶ ଦିଆଗଲା ଯେ ଯେକୌଣସି ସବଳ ଦୁର୍ବଳ ଉପରେ ଅନ୍ୟାୟ ଅତ୍ୟାଚାର କରିବନାହିଁ । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୩୩୩-୩୩୯..... ଲାହୋର) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୪୫....ଲେବ୍‌ନାନ୍ ୧୯୮୭) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୨୩୮...... ବେରୁତ)*

ପୁନଶ୍ଚ କୈସାରିୟା ବିଜୟ, କୈସାରିୟା ଶିରିୟାର ଆଉ ଏକ ଉପକୂଳବର୍ତୀ ସହର ଥିଲା ଯାହାକି ତବ୍‌ରିୟା ଠାରୁ ତିନିଦିନ ଯାତ୍ରା ଦୂରତାରେ ଅବସ୍ଥିତ ଥିଲା । ଏହି ଯୁଦ୍ଧ କେବେ ଘଟିଲା ସେଥି ସମ୍ବନ୍ଧରେ ବିଭିନ୍ନ ମତ ରହିଛି ଗୋଟିଏ ବର୍ଣ୍ଣନା ଅନୁଯାୟୀ କୈସାରିୟା ଯୁଦ୍ଧ ୧୫ ହିଜ୍‌ରୀରେ ହୋଇଥିଲା ଆଉ ଏକ ବର୍ଣ୍ଣନା ଅନୁଯାୟୀ ୧୬ ହିଜ୍‌ରୀରେ ତ ଆଉ ଏକ ବର୍ଣ୍ଣନା ଅନୁଯାୟୀ ୧୯ ହିଜ୍‌ରୀରେ ତଥା ଚତୁର୍ଥ ବର୍ଣ୍ଣନା ଅନୁଯାୟୀ ୨୦ ହିଜ୍‌ରୀରେ ଘଟିଥିବାର ଉଲ୍ଲେଖ ରହିଛି । *(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୫୧୧....ବେରୁତ ୧୯୮୭) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୪୭୮...... ବେରୁତ)*

ସେ ଯାହା ହେଉ ଯେତେବେଳେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ରୋମ୍‌ର ଉତର ଦିଗରେ ବିଜୟ ବାନା ଲହରାଇ ଆଗକୁ ବଢ଼ି ଚାଲିଥିଲେ । ସେତେବେଳେ ହଜ୍‌ରତ୍ ଉମର୍ ବିନ୍ ଆସ ଓ ହଜରତ ସରହବିଲ୍ ବିନ୍ ହସନା ରୋମ୍‌ର ସେହି ସେନା ସହିତ ମୁହାଁମୁହିଁ ହୋଇଥିଲେ ଯେ ଫିଲିସ୍ତିନ୍‌ରେ ଏକତ୍ରିତ ଥିଲେ ଏବଂ ସେମାନଙ୍କୁ ପରାସ୍ତ କରିବାକୁ ଚେଷ୍ଟା କରୁଥିଲେ ଯେବେ କି ଏହା କୌଣସି ସହଜ କଥା ନଥିଲା । ଏହି ସେନା ସଂଖ୍ୟାଧିକ ଓ ଯୁଦ୍ଧ ସରଞ୍ଜାମ ଦୃଷ୍ଟିରୁ ବେଶ୍ ଶକ୍ତିଶାଳୀ ଥିଲା । ସେମାନଙ୍କର ସେନାଧକ୍ଷ ରୋମ୍‌ର ସବୁଠାରୁ ବଡ଼ ବୀର ଅତର୍‌ବୁନ୍ ଥିଲା । ଯାହାର ଦୂରଦୃଷ୍ଟି ଚତୁରତା, ଯୁଦ୍ଧ ପ୍ରବୀଣତା ଅତି ଉତମ ଥିଲା ସେ ନିଜ ସେନାକୁ ଚାରିଆଡ଼େ ବିଛାଇ ଦେଇଥିଲା । କାରଣ ଯଦି ସେନାର ଗୋଟିଏ ଦଳକୁ ଆରବ ପରାସ୍ତ କରିଦିଅନ୍ତି ତେବେ ଅନ୍ୟଦଳଗୁଡ଼ିକ ପ୍ରଭାବିତ ହେବନାହିଁ । ସୁତରାଂ ସେ ରମ୍‌ଲା ଓ ଇଲିୟା ଅଂଚଳରେ ବହୁତ ସଂଖ୍ୟକ ସେନା ମୃତୟନ କରି ରଖିନେଲା ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଗଜୱା, ସବସ୍ତିଆ, ନାବୁଲୁସ୍, ଲୁଦ୍ ଏବଂ ୟାଫାଠାରେ ମଧ ସେନାକୁ ମୃତୟନ କରି ରଖିଥିଲା । ଏଭଳି କୂଟନୀତି ଆପଣେଇବା ପରେ ସେ ଆରବମାନଙ୍କ ବାଟ ଚାହିଁ ପ୍ରତିକ୍ଷା କରିଥିଲା ଅର୍ଥାତ ଯୁଦ୍ଧର ପ୍ରତିକ୍ଷା କରିଥିଲା । ତାହାର ଦୃଢ଼ ବିଶ୍ୱାସ ଥିଲା ଯେ, ଆରବମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେବ ଏବଂ ସେମାନଙ୍କ ଶକ୍ତିକୁ ଦୁର୍ବଳ କରିଦେବ ଓ ଛାରକାର କରିଦେବ ଏବଂ ସେମାନଙ୍କ କ୍ଷମତାକୁ ମୂଳପୋଛ କରିଦେବ । ହଜ୍‌ରତ୍ ଉମର୍ ବିନ୍ ଆସ ତାହାର ଉଦ୍ଦେଶ୍ୟ ଓ ପରିସ୍ଥିତିର ଜଟିଳତାକୁ ବୁଝି ପାରିଥିଲେ ସେ ଚିନ୍ତା କଲେ ଯେ, ଯଦି ମୁଁ ନିଜର ସମସ୍ତ ସେନାବାହିନୀକୁ ନେଇଅତର୍‌ବୁନ୍ ମୁକାବିଲାରେ ସୈନ୍ୟସଜ୍ଜା କରେ ତେବେ ରୋମୀ ସେନା ପରସ୍ପର ସହିତ ମିଳିତ ହୋଇଯିବେ ଯଦ୍ଦ୍ୱାରା ସେ ଶତ୍ରୁମାନଙ୍କୁ ପରାସ୍ତ କରିପାରିବେ ନାହିଁ ବରଂ ସମ୍ଭବତଃ ରୋମୀମାନେ ମୁସଲମାନମାନଙ୍କୁ ପରାସ୍ତ କରିଦେଇପାରନ୍ତି । ସୁତରାଂ ସେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ପତ୍ର ଲେଖିଲେ ଓ ମାର୍ଗଦର୍ଶନ ଲୋଡ଼ିଲେ । ବସ୍ତୁତଃ ହଜ୍‌ରତ୍ ଉମର୍ ର:ଅ ତାଲା ୟଜିଦ୍ ବିନ୍ ଅବୁ ସୁଫିୟାନ୍‌ଙ୍କୁ ଆଦେଶ ଦେଲେ ଯେ ନିଜ ଭାଇ ଅମିର ମାଓ୍ୱିୟାଙ୍କୁ କୈସାରିୟା ବିଜୟ ନିମନ୍ତେ ପ୍ରେରଣ କର । ଯିଏ ସମୁଦ୍ର ମାର୍ଗରେ ଯାଇ ଅତରବୁନ୍‌କୁ ସାହାଯ୍ୟ ମିଳିବାରୁ ନିବୃତ ରଖିବ । ହଜ୍‌ରତ୍ ଉମର୍ ର:ଅ ଅମୀର ମାଓ୍ୱିୟାଙ୍କ ନିକଟକୁ ପତ୍ର ଲେଖିଲେ, ମୁଁ ତୁମକୁ କୈସାରିୟାର ଅମୀର ଭାବରେ ମୃତୟନ କରୁଛି । ସେଠାକୁ ଯାଅ ଏବଂ ମୁସଲମାନମାନଙ୍କୁ ସାହାଯ୍ୟ କର ଏବଂ ଏହି ଦୁଆ ଆବୃତି କରୁଥାଅ । **ଲା ହୌଲା ୱଲା କୁୱ୍‌ତା ଇଲ୍ଲା ବିଲ୍ଲା ହିଲ୍ ଅଲିୟୁଲ୍ ଅଜିମ** ଏବଂ **ଅଲ୍ଲାହୁ ରବ୍‌ବୁନା ୱ ସିକତୁନା ୱ ଜରାଉନା ୱ ମୌଲାନା ନେମଲ୍ ମୌଲା ୱ ନେମଲ୍ ନସିର୍** ବହୁମାତ୍ରାରେ ପାଠ କର ଅର୍ଥାତ ପାପରୁ ରକ୍ଷା ପାଇବା ପାଇଁ ସାମଥ୍ୟ ଲାଭ କରିବା ଓ ପୂଣ୍ୟ କର୍ମ କରିବାପାଇଁ ସାମର୍ଥ୍ୟ ପାଇବା ପାଇଁ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କର ଯେ ମହାନ୍ ଓ ତତ୍ୱଜ୍ଞ ସେ ହିଁ ଆମର ପାଳନକର୍ତା ଓ ସେ ହିଁ ଆମର ଆଶା ଓ ଭରଷା ଆମ ପ୍ରିୟ ସଖା ଓ କିଭଳି ଅନ୍ତରଙ୍ଗ ସଖା ତଥା ସାହାଯ୍ୟ କର୍ତା ପ୍ରଭୁ ।

ଅଲ୍‌ଫାରୁକ୍‌ରେ ଉଲ୍ଲେଖ ରହିଛି ଯେ, କୈସାରିୟା ଉପରେ ସର୍ବପ୍ରଥମେ ୧୩ ହିଜ୍‌ରୀରେ ହଜ୍‌ରତ୍ ଉମର୍ ବିନ୍ ଆସ ଚଢ଼ାଉ କରିଥିଲେ ଏବଂ ଦୀର୍ଘ ଦିନ ପର୍ଯ୍ୟନ୍ତ ଘେରାଉ କରି ରଖିବା ସତ୍ୱେ ବିଜୟ ଲାଭ କରିପାରିନଥିଲେ । ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ଦେହାନ୍ତ ପରେ ହଜ୍‌ରତ୍ ଉମର୍ ର:ଅ ୟଜିଦ୍ ବିନ୍ ଅବୁ ସୁଫିୟାନ୍‌ଙ୍କୁ ହଜ୍‌ରତ୍ ଉମର ର:ଅ ତାଙ୍କ ସ୍ଥାନରେ ମୃତୟନ କରି ଆଦେଶ ଦେଲେ ଯେ ତୁମେ କୈସାରିୟା ଅଭିମୁଖେ ବାହାରିଯାଅ । ସେ ୧୭ ହଜାର ମୁସଲମାନ ସେନାଙ୍କୁ ନେଇ ଉକ୍ତ ସହରର ଘେରାଉ କରିଥିଲେ କିନ୍ତୁ ୧୮ ହିଜରୀରେ ଯେତେବେଳେ ରୋଗାକ୍ରାନ୍ତ ହେଲେ ସେତେବେଳେ ନିଜ ଭାଇ ଅମିର ମାଓ୍ୱିୟାଙ୍କୁ ନିଜର ଉତରାଧିକାରୀ କରି ସ୍ୱୟମ ଦମିଶକ୍ ଚାଲିଯାଇଥିଲେ ଏବଂ ସେଠାରେ ତାଙ୍କର ଦେହାନ୍ତ ଘଟିଥିଲା ।

କୈସାରିୟା ଶିରିୟାର ସମୁଦ୍ର ତଟରେ ଅବସ୍ଥିତ ଏକ ଅଂଚଳ ଥିଲା ଏବଂ ତାହା ଫିଲିସ୍ତିନ୍‌ର ଜିଲ୍ଲା ମଧ୍ୟରେ ଗଣନା କରାଯାଉଥିଲା । ଆଜି ସେହି ଅଂଚଳ ଜନଶୂନ୍ୟ ଅବସ୍ଥାରେ ପଡ଼ି ରହିଛି କିନ୍ତୁ ସେହି ଯୁଗରେ ତାହା ଏକ ବଡ଼ ସହର ଥିଲା । ବଲାଜରିଙ୍କ କହିବା ଅନୁସାରେ ତିନିଶହଟି ବଜାର ସେଠାରେ ଗଢ଼ି ଉଠିଥିଲା ଯାହାର ସୁରକ୍ଷା ନିମନ୍ତେ ଏକ ବିଶାଳ ରୋମୀ ସେନା ମୃତୟନ ରହିଥିଲା । ସେଠାରେ ସେମାନଙ୍କର ଏକ ସୁଦୃଢ଼ ଓ ବିପଦ ଶଙ୍କୁଳ ସୀମାନ୍ତ ଦୁର୍ଗ ରହିଥିଲା । ହଜରତ ମାଓ୍ୱିୟା କେସାରିୟା ପହଂଚିବା ପରେ ତାହାର ଘେରାଉ କରିଥିଲେ । ରୋମୀ ସେନା ମଝିରେ ମଝିରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଉଥିଲେ କିନ୍ତୁ ପରାଜିତ ହୋଇ ନିଜ ସ୍ଥାନକୁ ଫେରିଆସୁଥିଲେ । ଯେତେବେଳେ ଘେରାଉ ଦୀର୍ଘ ଦିନ ଧରି ଅଭ୍ୟାହତ ରହିଲା ସେତେବେଳେ ସେମାନେ ମରିବେ ତଥା ମାରିବା ଉଦ୍ଦେଶ୍ୟରେ ବାହାରିଲେ କିନ୍ତୁ ପରାଜିତ ହୋଇ ନିପାତ ହେଲେ । ସେମାନଙ୍କର ୮୦ ହଜାର ସିପାହୀ ଉକ୍ତ ଯୁଦ୍ଧରେ ନୀହତ ହୋଇଥିଲେ । ପରେ ଏହି ସଂଖ୍ୟା ଅର୍ଥାତ ନୀହତ ଓ ପଳାୟନକାରୀଙ୍କ ସଂଖ୍ୟା ଏକ ଲକ୍ଷରେ ପହଂଚି ଯାଇଥିଲା । କୈସାରିୟା ବିଜୟ ପରେ ମୁସଲମାନମାନେ ଆଶ୍ୱସ୍ତ ଓ ସୁରକ୍ଷିତ ମଣିଥିଲେ କାରଣ ସେହି ମାର୍ଗ ଦେଇ ରୋମୀମାନଙ୍କ ସାହାଯ୍ୟ ପାଇଁ ଆସୁଥିବା ସୈନ୍ୟ ଟୁକୁଡ଼ିର ଧାରା ଅବରୋଦ୍ଧ ହୋଇଯାଇଥିଲା ଅର୍ଥାତ ମୁସଲମାନମାନେ ସେମାନଙ୍କ ରାସ୍ତା ଅବରୋଦ୍ଧ କରିନେଇଥିଲେ । ବିଜୟ ଲାଭ ପରେ ହଜରତ ମାଓ୍ୱିୟା ଏକ ପଂଚମାଂଶ ମାଲେ ଗନିମତ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଥିଲେ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ମାଓ୍ୱିୟା ଖୁବ୍ ଯୁଦ୍ଧ ସରଞ୍ଜାମ ସହିତ ଉକ୍ତ ଅଂଚଳରେ ଘେରାଉ କରିଥିଲେ ଯଦିଚ ସହରବାସୀ ଅନେକ ଥର ଦୁର୍ଗରୁ ବାହାରି ସଂଘର୍ଷ କରିଥିଲେ କିନ୍ତୁ ପ୍ରତ୍ୟେକ ଥର ମୁସଲମାନମାନଙ୍କ ହାତରୁ ପରାଜିତ ହୋଇ ଫେରି ଯାଉଥିଲେ ତଥାପି ମୁସଲମାନମାନେ ସହରକୁ ଅଧିକୃତ କରିପାରିନଥିଲେ । ଏକଦା ଜଣେ ୟହୁଦୀ ଯାହାର ନାମ ୟୁସୁଫ୍ ଥିଲା ସେ ମାଓ୍ୱିୟାଙ୍କ ନିକଟକୁ ଆସି ଏକ ସୁଡ଼ଙ୍ଗର ଖବର ଦେଲା ଯାହାକି ଦୁର୍ଗର ଦ୍ୱାର ମଧ୍ୟ ଦେଇ ସହର ପର୍ଯ୍ୟନ୍ତ ଲମ୍ବି ରହିଥିଲା । ଅତଏବ କିଛି ମୁସଲମାନ ବୀର ସିପାହୀ ସେହି ମାର୍ଗ ଦେଇ ଦୁର୍ଗ ଭିତରେ ପ୍ରବେଶ କଲେ ଏବଂ ଦୁର୍ଗର ମୁଖ୍ୟ ଦ୍ୱାର ଖୋଲି ଦେଲେ । ତା'ପରେ ମୁସଲମାନମାନଙ୍କ ସମଗ୍ର ସେନା ବାହିନୀ ଏକା ସଙ୍ଗେ ଆକ୍ରମଣ କରିଥିଲେ ଓ ସହର ବିଜୟ କରିନେଇଥିଲେ ।

ହଜରତ ଉବାଦାଃ ବିନ୍ ସାମତ୍ ଯିଏ ଜଣେ ବଦ୍ରି ସାହାବା ଥିଲେ ସେ ଏହି ଯୁଦ୍ଧରେ ସାମିଲ ଥିଲେ, ତାଙ୍କର ବିରତ୍ୱର ବର୍ଣ୍ଣନା କୈସାରିୟା ଯୁଦ୍ଧରେ ଏପରି ମିଳୁଅଛି ଯେ, କୈସାରିୟା ଘେରାଉ ସମୟରେ ସେ ଇସ୍‌ଲାମୀୟ ସେନାର ଡ଼ାହାଣ ପାର୍ଶ୍ୱରେ କାଏଦ୍ ଅର୍ଥାତ ସେନାଧକ୍ଷ ଥିଲେ । ସେ ନିଜ ସେନାକୁ ଉପଦେଶ ପୂର୍ବକ କହିଲେ, ହେ ମୁସଲମାନମାନେ ଅପକର୍ମରୁ ନିବୃତ

ରୁହ ଓ ନିଜ ନିଜର ସମୀକ୍ଷା କରିନିଅ । ତା'ପରେ ସେ ମୁଜାହିଦିନ୍ ମାନଙ୍କର ଏକ ଗୋଷ୍ଠିକୁ ସାଥିରେ ଧରି ଆଗକୁ ବଢ଼ିଲେ ଓ ମୁସଲମାନମାନେ ଏଭଳି ଆତ୍ମଘାତୀ ଆକ୍ରମଣ କଲେ ଯେ, ଅନେକ ରୋମୀ ସେନାଙ୍କୁ ନୀହତ କରିଦେଇଥିଲେ କିନ୍ତୁ ଏହା ସତ୍ୱେ ମଧ ସେମାନେ ସଂପୂର୍ଣ୍ଣ ରୂପେ ସଫଳ ହୋଇପାରିନଥିଲେ ଅର୍ଥାତ ମୁସଲମାନମାନେ । ସେଥିଅନ୍ତେ ନିଜ ସ୍ଥାନକୁ ଫେରି ଆସିଥିଲେ ଏବଂ ନିଜ ସାଥିମାନଙ୍କୁ ମରିବା ଓ ମାରିବା ପାଇଁ ଉତେଜିତ କରିଥିଲେ । ନିଜ ସାଥିରେ ଏକ ବଡ଼ ସେନାଦଳ ନେଇ ପୂନଃ ଆକ୍ରମଣ କରିଥିଲେ ମୁସଲମାନମାନେ । କିନ୍ତୁ ସଫଳ ନ ହେବା ଯୋଗୁଁ ଆଶ୍ଚର୍ଯ୍ୟଚକିତ ହୋଇଥିଲେ । ହଜ୍‌ରତ୍ ଉବାଦାଃ ବିନ୍ ସାବିତ୍ ପୁନଃ ମୁସଲମାନମାନଙ୍କୁ ଉତ୍ସାହିତ କରି କହିଥିଲେ ତୁମେମାନେ ହେଉଛ ଇସ୍‌ଲାମ୍‌ର ରକ୍ଷକ ମୁଁ ବୟତେ ଅକ୍‌ବାରେ ସାମିଲ ହୋଇଥିଲି ଏବଂ ନକିବ୍‌ମାନଙ୍କ ମଧରେ ସବୁଠାରୁ କମ୍ ବୟସ୍କ ଥିଲି କିନ୍ତୁ ମତେ ସବୁଠାରୁ ଅଧିକ ବୟସ ପ୍ରାପ୍ତ ହେଲା । ଅଲ୍ଲାଃ ତାଲା ମତେ ଏତେ ଲମ୍ବା ଅର୍ଥାତ ଦୀର୍ଘ ବୟସ ପ୍ରଦାନ କଲେ ଯଦ୍ୱାରା ମୁଁ ତୁମମାନଙ୍କ ସାଥିରେ ବର୍ତମାନ ମଧ ଯୁଦ୍ଧରେ ସାମିଲ ରହିଛି ଓ ଯୁଦ୍ଧ ଲଢୁଛି । ମୁଁ ସେହି ପରମେଶ୍ୱରଙ୍କ ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ଜୀବନ ନାଟିକା ରହିଛି । ଯେତେବେଳେ ମଧ୍ୟ ମୁଁ ପୂଣ୍ୟବନ୍ତଙ୍କ ଦଳ ନେଇ ଶତ୍ରୁମାନଙ୍କ ଉପରେ ଆକ୍ରମଣ କରୁଥିଲି ସେମାନେ ରଣଭୂମିକୁ ଶୂନ୍‌ଶାନ୍ କରିଦେଇଥିଲେ ଅର୍ଥାତ ଶତ୍ରୁର ରକ୍ତରେ ରକ୍ତ ରଞ୍ଜିତ କରିଦେଇଥିଲେ ଏବଂ ପ୍ରଭୁ ଆମକୁ ବିଜୟ ମଣ୍ଡିତ କରୁଥିଲେ କିନ୍ତୁ ବର୍ତମାନ କ'ଣ ହୋଇଗଲା ଯେ, ଆମେ ଶତ୍ରୁକୁ ପରାସ୍ତ କରିପାରୁନାହେଁ । ମୁଁ ଆପଣଙ୍କ ପ୍ରସଙ୍ଗରେ ଦୁଇଟି କଥାର ସନ୍ଦେହ କରୁଛି ଯେ ତୁମେମାନେ ଆକ୍ରମଣ କରି ରୋମୀମାନଙ୍କୁ ତଳିତଳାନ୍ତ ଓ ନୀହତ ଏଥି ସକାଶେ କରିପାରୁନାହଁ କାରଣ ସମ୍ଭବତଃ ତୁମ ମଧରେ କେହି ବିଶ୍ୱାସଘାତକତା କରୁଛନ୍ତି । ଅବା ତୁମଠାରେ ସେହି ନିଷ୍ଠାପରତା ଆଉ ବାକି ରହିନାହିଁ ଯାହାକି ପୂର୍ବେ ରହିଥିଲା । ସେଥିଅନ୍ତେ ଆପଣ ମୁସଲମାନମାନଙ୍କୁ ପବିତ୍ର ହୃଦୟର ସହିତ ଶହୀଦ ହେବାପାଇଁ ଅନୁପ୍ରାଣିତ କଲେ । ଶେଷରେ ମୁସଲମାନ ସେନା ରୋମୀମାନଙ୍କ ମୁକାବିଲା କରିବାପାଇଁ ବାହାରିଲେ ଓ ଉବାଦାଃ ଅବାଦା ବିନ୍ ସାବିତ୍ ନିଜ ଅଶ୍ୱ ଉପରୁ ଡ଼େଇଁ ପଦଯାତ୍ରା କରି ଆଗକୁ ବଢ଼ିଥିଲେ ଓ ଶତ୍ରୁର ମୁକାବିଲା କରିଥିଲେ ଏହା ଦେଖି ଉମୈର୍ ବିନ୍ ସାଆଦ୍ ଅନ୍‌ସାରୀ ଏହି କଥାକୁ ମୁସଲମାନମାନଙ୍କ ମଧରେ ପ୍ରଘଟ କରି କହିଲେ ଯେ ସମସ୍ତେ ନିଜ ସେନାପତିଙ୍କ ପରି ପଦଯାତ୍ରା କରି ରୋମୀ ସେନାର ମୁକାବିଲା କରନ୍ତୁ । ସୁତରାଂ ଏପରି ମୁସଲମାନମାନେ ରୋମୀ ସେନାମାନଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ଅଦ୍‌ଭୁତ ପୂର୍ବ ଭାବରେ ସେମାନେ ଅର୍ଥାତ ରୋମୀମାନେ ପରାଜିତ ହୋଇଥିଲେ ଶେଷରେ ସେମାନେ ପଳାୟନ କରି କିଲା ଭିତରେ ଶରଣ ନେଲେ ।

ଯେଉଁଭଳି ଆରବୀୟମାନେ କୈସରିୟା ଉପରେ କବ୍ଜା କରିଥିଲେ ସେହିଭଳି ଗଜ୍ଓ୍ୱାକୁ ମଧ ଜିଣି ନେଲେ । ହଜ୍‌ରତ୍ ଅବୁବକର ର:ଅଙ୍କ ସମୟରେ ବି ଥରେ ଗଜ୍ଓ୍ୱା ଉପରେ କବ୍‌ଜା କରାଯାଇଥିଲା । କିନ୍ତୁ ପରେ ସେମାନଙ୍କୁ ସେଠାରୁ ବାହାର କରିଦିଆଯାଇଥିଲା । ଯେତେବେଳେ ଏହି ଦୁଇଟି ସୀମାନ୍ତ ଇଲାକା ମୁସଲମାନମାନଙ୍କ ଅଧିନକୁ ଆସିଗଲା । ସେତେବେଳେ ହଜ୍‌ରତ୍ ଉମର୍ ବିନ୍ ଆ:ସ ର:ଅଙ୍କୁ ସମୁଦ୍ର ପଟରୁ ସନ୍ତୁଷ୍ଟି ମିଳିଗଲା । *(ସୟଦନା ହଜ୍‌ରତ୍ ଉମର୍ ଫାରୁକ୍ ଆଜମ୍.... ପୃ-୩୫୭-୩୫୯..... ଲାହୋର) (ସିରତ ଅମୀରୁଲ୍ ମୁମିନିନ୍ ..... ପୃ-୭୩୫-୭୩୬, ୭୪୪-୭୪୫....... ପାକିସ୍ତାନ) (ଅଲ୍ ଫାରୁକ......ପୃ-୧୪୦-୧୪୧....... କରାଚି ୧୯୯୧)*

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳର ଚର୍ଚ୍ଚା ଅଭ୍ୟାହତ ରହିଛି ଯାହାର ପରର୍ବତୀ ଚର୍ଚ୍ଚା ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ କିଛି ମୃତକଙ୍କ ଯନାଜାଃ ଗାଏବ ପାଠ କରିବାର ଘୋଷଣା କରୁଛି । ପ୍ରଥମ ଯନାଜାଃ ଶ୍ରୀମତି ଖଦିଜାଃ ସାହେବା ପତ୍ନୀ ଶ୍ରୀମାନ୍ ମୁହମ୍ମଦ ଅଲଓ୍ୱି ସାହେବ ପୂର୍ବତନ ମୌଲବି କେରଳ ନିବାସୀଙ୍କର । ସେ ବିଗତ ଦିନରେ ୮୦ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କ ପିତା ମହିଉଦ୍ଦିନ୍ କୁନ୍‌ହି ସାହେବ କେରଳ ରାଜ୍ୟର ପ୍ରାରମ୍ଭିକ ଅହମଦିମାନଙ୍କ ମଧରୁ ଜଣେ ଥିଲେ । ବସ୍ତୁତଃ ମୃତକ ବାଲ୍ୟାବସ୍ଥାରୁ ଅହେମଦି ପରିବେଶରେ ବଡ଼ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳା, କୃତଜ୍ଞା, ନିୟମିତ ରୂପେ ନମାଜ ଓ ପାଂଚବେଳା ନମାଜ ଓ ରୋଜା ପାଳନକାରୀ ମହିଳା ଥିଲେ । ଅଭାବି ଓ ଗରୀବଙ୍କ କଥା ବୁଝୁଥିଲେ ଓ ସେମାନଙ୍କୁ ସାହାଯ୍ୟ କରୁଥିଲେ, ଅତିଥିସତ୍କାରୀ ଓ ସ୍ୱଳ୍ପରେ ସନ୍ତୁଷ୍ଟ ହେଉଥିବା ନାରୀଟିଏ ଥିଲେ । ମୃତକାଙ୍କ ସ୍ୱାମୀ ମୁବଲିଗ୍ ଥିବା ହେତୁ ଅନେକ ଦିନ ଘରୁ ବାହାରେ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ କିନ୍ତୁ ଏଥିପାଇଁ ସେ କଦାପି କୌଣସି ପ୍ରକାର ଅଭିଯୋଗ କରିନଥିଲେ ବରଂ ସର୍ବଦା ପ୍ରଭୁଙ୍କ କୃତଜ୍ଞ ହୋଇ ରହିଥିଲେ । ନିଜ ପଛରେ ଦୁଇଜଣ ପୁତ୍ର ଓ ୫ଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସେ ଜଣେ ମୁସୀ ମହିଳା ଥିଲେ ଅର୍ଥାତ ସେ ଓ୍ୱସିୟତ୍ କରିଥିଲେ । ତାଙ୍କ ବଡ଼ ପୁଅ ଶ୍ରୀମାନ୍ ମୌଲବୀ ମେହମୁଦ୍ ସାହେବଙ୍କର ବୃକକ ନଷ୍ଟ ହୋଇଯିବା ଯୋଗୁଁ ୫୪ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା, ତାଙ୍କ ସାନ ପୁଅ ମଧ ଜଣେ ମୌଲିମ୍ ସିଲ୍‌ସିଲା ଭାବରେ ସେବା ସମ୍ପାଦନ କରୁଛନ୍ତି ବାକି ପାଂଚଜଣ କନ୍ୟାଙ୍କୁ ସେ ମୁବଲିଗ୍‌ମାନଙ୍କ ସହିତ ବିବାହ ଦେଇଛନ୍ତି । ଅଲ୍ଲାଃ ତାଲା ମୃତକାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ।

ଦ୍ୱିତୀୟ ଜନାଯାଃ ମଲକ୍ ସୁଲ୍‌ତାନ୍ ରଶିଦ୍ ଖାନ୍ ସାହେବଙ୍କର ଯିଏ କୋଟ୍ ଫତାଃ ଖାନ୍‌ର ନିବାସୀ ଥିଲେ ଏବଂ ଅଟକ ଜିଲ୍ଲାର ପୂର୍ବତନ ଅମୀର ଥିଲେ । ଅଗଷ୍ଟ ମାସ ୨୨/୨୩ ତାରିଖ ମଧ ରାତ୍ରରେ ସେ ଇହଧାମ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ମୃତକ ଖିଲାଫତ୍‌ର ବିଶ୍ୱସ୍ତ, ତବ୍‌ଲିଗ୍ ପ୍ରତି ଗଭୀର ରୁଚି ରଖୁଥିବା, ଦୁଆକାରୀ, ବିନମ୍ର ମଣିଷଟିଏ ଥିଲେ । ପ୍ରଭୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପୋଷଣକାରୀ, ଅଭାବି ଗରିବମାନଙ୍କ ସାହାଯ୍ୟକାରୀ, ଅତି ବୁଦ୍ଧିମତାର ସହିତ କଥାଭାଷା କରୁଥିବା ମଣିଷଟିଏ ଥିଲେ । ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ, ତାଙ୍କ ପିତା କର୍ଣ୍ଣଲ ମଲକ୍ ସୁଲ୍‌ତାନ୍ ମୁହମ୍ମଦ ଖାନ୍ ସାହେବ ୨୩ ବର୍ଷ ବୟସରେ ୧୯୨୩ ମସିହାରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ହସ୍ତରେ ବୟତ କରିଥିଲେ । ସେ ନିଜ ବଂଶରେ ଏକାକି ଅହେମଦି ଥିଲେ । ତାଙ୍କର ବିବାହ ଚୌଧୁରୀ ମୁହମ୍ମଦ ଫତା ଅହେମଦ ସାହେବ ସିଆଲ୍‌ଙ୍କ ସୁପୁତ୍ରି ଆଇଶା ସିଦ୍ଦିକାଙ୍କ ସହିତ ହୋଇଥିଲା । ଉକ୍ତ ନିକାହ୍ ମଧ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହିଁ ପଢ଼ାଇଥିଲେ । ସୁଲ୍‌ତାନ୍ ରଶିଦ୍ ଖାନ୍ ସାହେବଙ୍କ ଦଦାଙ୍କ ନାମ ମଲକ୍ ସୁଲ୍‌ତାନ୍ ସରଖରୋ ଖାନ୍ ଥିଲା । ସେ ଇଂଗ୍ରେଜମାନଙ୍କ ଦରବାରରେ ବେଶ୍ ଉଚ୍ଚପଦରେ ଅଧିଷ୍ଠିତ ଥିଲେ । ତାଙ୍କୁ ଦରବାରରେ ଆସନ ପ୍ରଦାନ କରାଯାଉଥିଲା । ସେ ନିଜ ପୁତ୍ର ମଲକ୍ ସୁଲ୍‌ତାନ୍ ମୁହମ୍ମଦ ଖାନ୍‌ଙ୍କର ବୟତ କରିବାର ୪ ବର୍ଷ ପରେ ଅହେମଦିୟତ୍ ସ୍ୱୀକାର କରିଥିଲେ ଅର୍ଥାତ ସେ ମଧ୍ୟ ଅହେମଦୀ ହୋଇଯାଇଥିଲେ ।

ମଲକ୍ ସୁଲ୍‌ତାନ୍ ରସିଦ୍ ଖାନ୍ ସାହେବଙ୍କ ଜମାତିୟ ସେବା ଏପରି ଅଟେ ଯେ, ୧୯୯୬ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ପୁଣି ୨୦୦୫ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ସେ ଅମିର ଜିଲ୍ଲାଃ ଅଟକ ଭାବରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଦେହାନ୍ତ ସମୟରେ ମଧ ସେ କୋଟ୍ ଫତାଃ ଖାନ୍‌ର ସଦର ଯମାତ୍ ଥିଲେ, ସେ ପୂର୍ବତନ ପଶ୍ଚିମ ପାକିସ୍ତାନର ଅମୀର ମୁହମ୍ମଦ ଖାନ୍‌ଙ୍କର ପରିଜନ ଥିଲେ । କିନ୍ତୁ ତାହା ସଂସାର ପଛ ଧରିଥିବା ପରିବାର ଥିଲା କିନ୍ତୁ ରଶିଦ୍ ଖାନ୍‌ଙ୍କ ପିତା ଅହେମଦି ହେବା ପରେ ଯଦିଚ ସାଂସାରିକତାରୁ ପୂର୍ଣ୍ଣ ରୂପେ ପୃଥକ ହୋଇନଥିଲେ କିନ୍ତୁ ସଂସାର କରିବା ସହିତ ଧର୍ମକୁ ପ୍ରାଥମିକତା ଦେଇଥିଲେ । ଏହି ବିଶେଷତା ସୁଲ୍‌ତାନ୍ ରଶିଦ୍ ଖାନ୍‌ଙ୍କ ମଧରେ ମଧ ଥିଲା । ପ୍ରଥମେ ସେ ଏକ ଦଶାଂଶ ଓ୍ୱସିୟତ କରିଥିଲେ କିନ୍ତୁ ପରର୍ବତୀ ସମୟରେ ଏକ ସତାଂଶ ଭାଗର ଓ୍ୱସିୟତ କରିଥିଲେ ଏବଂ ନିଜ ସମ୍ପତିରୁ ମଧ ଦାନ କରିଥିଲେ । ସମ୍ଭବତଃ ସମ୍ପତିର ଏକ ଦଶାଂଶ ଦାନ କରିଥିଲେ ଏବଂ ବାକି ଆମଦାନୀରୁ ଏକ ସତାଂଶ ସେ ଚାନ୍ଦା ପଇଠ କରିଥିଲେ । ତାଙ୍କ ଭଉଣୀ ରାଶିଦାଃ ସିଆଲ୍ କୁହନ୍ତି, ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ (ଚତୁର୍ଥ)ଏକଦା ଲେଖିଥିଲେ ଯେ, ତୁମ ପିତା ଯମାତ ଅହେମଦିୟତ ସକାଶେ ମୁକୁଳା ଖଣ୍ଡା ଅଟନ୍ତି ଏବଂ ସେହିପରି ତୁମ ଭାଇମାନଙ୍କ ମଧରେ ମଧ ସେହି ଗୁଣ ମିଳୁଅଛି । ସେ କୁହନ୍ତି ଆମ ଭାଇଙ୍କର ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ରହିଥିଲା, ଖିଲାଫତ୍‌ର ପ୍ରତ୍ୟେକ ଆଦେଶ ଉପରେ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରୁଥିଲେ, ପ୍ରଭୁଙ୍କ କୃପାରୁ ସେ ଖଲିଫାଙ୍କର ବିଶ୍ୱସ୍ତ ସେବକ ଥିଲେ । ଗଭୀର ମନଯୋଗ ସହକାରେ ସେବା ସମ୍ପାଦନ କରୁଥିଲେ, ଆଧ୍ୟାତ୍ମିକତା ମଧ ତାଙ୍କଠାରେ ଭରି ରହିଥିଲା । ଯେତେବେଳେ କେହି ତାଙ୍କୁ ଦେଖୁଥିଲେ ସେ ଏହା ମନେ କରୁଥିଲେ ଯେ ଏ ବ୍ୟକ୍ତିର ସଂସାର ସହିତ କୌଣସି ସମ୍ପର୍କ ନାହିଁ । ଅତି ବିନମ୍ର, କମ୍ କଥାଭାଷା ହେଉଥିବା, ନୀରବ ବ୍ୟକ୍ତି ଥିଲେ । କିନ୍ତୁ ପ୍ରଭୁଙ୍କ ସହିତ ସମ୍ପର୍କ ଢ଼େର ଅଧିକ ରହିଥିଲା । ସେ ଦିବାରାତ୍ର ପ୍ରତ୍ୟେକ ମୁହୁର୍ତରେ ଦୁଆ'ରେ ମଗ୍ନ ରହୁଥିଲେ । ବନ୍ଧୁ ପରିଜନ ଆପଣାପର କେହି କେବେ ତାଙ୍କ ଦ୍ୱାରରୁ ଶୂନ୍ୟ ହସ୍ତରେ ଫେରିଯାଉନଥିଲେ । ତାଙ୍କ ଦାନ କରିବାର ସ୍ୱଭାବ ଯୋଗୁଁ ଅନେକ ଲୋକ ସେଥିରୁ ଫାଇଦା ଉଠାଉଥିଲେ, ସେ କାହାରିକୁ ମନା କରିପାରୁନଥିଲେ ।

ସେ କୁହନ୍ତି ମୋ ଭାଣିଜୀଙ୍କ ନିକଟକୁ ଜଣେ ମହିଳା ଆସି କହିଲେ, ସେହି ଅଭାବି ଘରମାନଙ୍କର ବତର୍ମାନ କଣ ହେବ ଯାହାଙ୍କ ଘରର ଚୂଲି ସୁଲ୍‌ତାନ୍ ରଶିଦ୍ ଖାନ୍ ସାହେବଙ୍କ ଦ୍ୱାରା ଜଳୁଥିଲା । ସେ ଲୋକମାନଙ୍କୁ ଏଭଳି ସାହାଯ୍ୟ ସହଯୋଗ କରୁଥିଲେ ଯାହାର କଳନା କରାଯାଇପାରିବ ନାହିଁ । ସେ କୁହନ୍ତି ଏକଦା ମୋ ଭାଣିଜୀ ତାଙ୍କୁ ପଚାରିଥିଲେ ଯେ, କଣ ଆପଣ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ଯୋଗୁଁ ଲୋକମାନେ ଆପଣଙ୍କର ଆଦର ସମ୍ମାନ କରିବେ ବା ଆପଣଙ୍କୁ ମନେ ପକାଇବେ ? ସେ କହିଲେ, ଲୋକେ ମୋର ଆଦର ସମ୍ମାନ କରନ୍ତୁ ଅବା ନ କରନ୍ତୁ ମତେ ମନେ ରଖନ୍ତୁ ଅବା ନ ରଖନ୍ତୁ କିନ୍ତୁ ମୋର ନିୟତ ମାତ୍ର ଏତିକି ଯେ ପ୍ରଭୁ ମୋ ଉପରେ ପ୍ରସନ୍ନିତ ରହିଥାନ୍ତୁ । ତାଙ୍କର ଜଣେ ଭଉଣୀ ନଇମା ସାହେବା କୁହନ୍ତି ମୋର ଭାଇଙ୍କର ପ୍ରଚାର କାର୍ଯ୍ୟରେ ଢ଼େର ଉତ୍ସାହ ରହିଥିଲା,

ଅନେକ ପବିତ୍ର ଆତ୍ମାକୁ ସତ୍‌ପଥ ପ୍ରଦର୍ଶନ କରିବାର ସେ ମାଧ୍ୟମ ସାଜିଥିଲେ । ପ୍ରତ୍ୟେକ ଜାତାୟାତକାରୀଙ୍କ ସହିତ ପ୍ରଚାର କରିବାର ଅବସର ଉପ୍ନନ୍ନ କରିଦେଉଥିଲେ ଅଣଅହେମଦୀ ବନ୍ଧୁ ଅଧିକାଂଶ ସମୟରେ ସନ୍ଧ୍ୟାବେଳକୁ ଆସି ତାଙ୍କ ଘରେ ରୁଣ୍ଡ ହେଉଥିଲେ ଏବଂ ଘଂଟା ଘଂଟା ଧରି ୱଫାତେ ମସିହ (ଯୀଶୁଙ୍କ ମୃତ୍ୟୁ ବିଷୟ) ଉପରେ ଧର୍ମତର୍କ ଚାଲୁଥିଲା । ଯଦିଚ ସେଥିରେ ବିପଦ ଥିଲା । ଉପାସନା କରିବାରେ ତାଙ୍କ ଅଭିରୁଚି ଅଦ୍‌ଭୁତ ପୂର୍ଣ୍ଣ ଥିଲା । ସାଧାରଣତଃ ଏକ କୋଠରୀରେ ଏକାକୀ ନିଜ ସୃଷ୍ଟିକର୍ତ୍ତା ସହିତ ଉପାସନାରେ ମାତି ରହୁଥିଲେ । ପ୍ରଭୁ ମଧ୍ୟ ତାଙ୍କୁ ସ୍ୱପ୍ନାଦେଶ ଦ୍ୱାରା ବିଭୁଷିତ କରିଥିଲେ । ଏକଦା ଗ୍ରୀଷ୍ମକାଳ ଅତିବାହିତ କରିବାପାଇଁ ଏବୋଟାବାଦ୍ ଗଲେ ଏବଂ ସେଠାରେ ହଠାତ୍ ଅର୍ଥାଭାବର ଶିକାର ହେଲେ, ଦୁଆ ବ୍ୟତିତ ଅନ୍ୟଥା କୌଣସି ବାଟ ନଥିଲା । ସେ କୁହନ୍ତି ପ୍ରଭାତରେ ଭ୍ରମଣ କରିବା ସମୟରେ ଏକ ଗଛ ସମୂହ ମଧ୍ୟ ଦେଇ ମୁଁ ଅତିକ୍ରମ କରୁଥିଲି ଯେ, ଏକ ସ୍ୱଚ୍ଛ ଓ ପବିତ୍ର ସ୍ୱର ସେହି ଗଛ ମଧ୍ୟରୁ ଶୁଣିବାକୁ ମିଳିଲା ଯେ, **ଲା ତକ୍‌ନତୁ ମିନ୍ ରହ୍‌ମତିଲ୍ଲାଃ ।** ଅର୍ଥାତ ଅଲ୍ଲାଃଙ୍କ କରୁଣାରୁ ନିରାଶ ହୁଅନାହିଁ ।

ଜବିର୍ ସାହେବ ପୂର୍ବତନ ଅମିର ଜିଲ୍ଲା ଅଟକଙ୍କର ପତ୍ନୀ ତାଙ୍କ ଭଉଣୀଙ୍କୁ କହିଲେ ଯେ. ଚତୁର୍ଥ ଖଲିଫାଙ୍କ କାଳରେ ସେ ଜିଲାଇ ମିଟିଙ୍ଗ ସକାଶେ ଆସି ଆମ ଘରେ ଅବସ୍ଥାନ କରିଥିଲେ । ସେତେବେଳେ ତାଙ୍କ ଚେହେରାରୁ କିଛି ସମସ୍ୟାରେ ଘେରି ରହିଥିବାର ଦୃଶ୍ୟ ପରିଲିକ୍ଷିତ ହେଉଥିଲା । ତାଙ୍କୁ ପଚାରିବାରୁ ସେ କହିଲେ ଗୋଟିଏ ବକ୍ତୁତା ଉପସ୍ଥାପନ କରିବାର ଅଛି କିନ୍ତୁ ସେଥିପାଇଁ ମୁଁ ପ୍ରସ୍ତୁତ କରିପାରିନାହିଁ ନିଜକୁ । ପରଦିନ ସକାଳେ ବେଶ୍ ସତେଜ ଓ ପ୍ରଫୁଲ୍ଲିତ ମନରେ ଜଳଖିଆ ଖାଇବାକୁ ଆସିଲେ ଏବଂ କହିଲେ, ରାତିରେ ତୃତୀୟ ଖଲିଫା ସ୍ୱପ୍ନରେ ଆସିଥିଲେ ଏବଂ ସମ୍ପୂର୍ଣ୍ଣ ଅଭିଭାଷଣଟି କିଛି କ୍ଷଣ ମଧ୍ୟରେ ମତେ ଲେଖାଇ ଦେଲେ ଅଲ୍‌ହମ୍‌ଦୁଲିଲ୍ଲାଃ ମୋ ବିଷୟବସ୍ତୁଟି ବର୍ତମାନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଯାଇଛି । ଅଲ୍ଲାଃ ତାଲାଙ୍କ ଉପରେ ଆସ୍ଥାର ଏଭଳି ନିଆରା ରଙ୍ଗ ଥିଲା ଯିଏ ଗ୍ରାମରେ ଏକାକି ଶତ୍ରୁଙ୍କ ଦ୍ୱାରା ଘେରି ରହିଥିବା ସତ୍ତ୍ୱେ ପୂର୍ଣ୍ଣ ଆସ୍ୱସ୍ତ ଚିତରେ କାଳାତିପାତ କରୁଥିଲେ । କୌଣସି ପ୍ରକାରର ଭୟ କି ଛାନିଆର ଦୃଶ୍ୟ ତାଙ୍କ ନିକଟରେ ପରିଲକ୍ଷିତ ହେଉନଥିଲା । ଅତି ଦମ୍ଭିଲା ସାହାସି ମଣିଷଟିଏ ଥିଲେ । ସେ କହୁଥିଲେ ପ୍ରଭୁଙ୍କ ବିନା ଅନୁମତିରେ ତ' ପତ୍ରଟିଏ ହଲେନାହିଁ । ଏକଦା ତାଙ୍କ ସେବକ କୌଣସି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 21 Oct 2021 Issue No. 42

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ମାଗିବା ବାଲାକୁ ଖାଲି ହାତରେ ଫେରାଇ ଦେଉଥିଲେ ଯେ, ସେ ତାଙ୍କୁ ବୁଝାଇଲେ ପ୍ରଭୁ ମତେ କାହାରି ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ତୁମେ କାହିଁକି ତାଙ୍କୁ ଖାଲି ହାତରେ ଫେରାଇ ଦେଉଛ ? ସମସ୍ତ ପ୍ରକାର ଜ୍ଞାନ ଭିତିକ ତର୍କ ପାଇଁ ସର୍ବଦା ସେ ପ୍ରସ୍ତୁତ ରହୁଥିଲେ । ହଜରତ ମସିହ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକର ଅନେକ ଥର ଅଧ୍ୟୟନ କରିସାରିଥିଲେ । ପ୍ରଭୁଙ୍କ କୃପାରୁ ଅନେକ ସୁଗୁଣର ଅଧିକାରି ଥିଲେ, ନିୟମିତ ରୂପେ ନମାଜ ରୋଜା ଓ ତହ୍‌ଜୁଦ୍ ପାଠ କରୁଥିଲେ । ପ୍ରତ୍ୟେକ କଥାକୁ ଧର୍ମ ପ୍ରଚାରରେ ନେଇ ଶେଷ କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଓ ତାଙ୍କର ସ୍ତରକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ୍ ଅବ୍ଦୁଲ୍ କୟୁମ୍ ସାହେବ ଇଣ୍ଡୋନେସିୟାଙ୍କର, ଯେ ଅଗଷ୍ଟ ମାସ ୨୫ ତାରିଖ ଦିନ ୮୨ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ମୃତକ ପ୍ରଥମ ଅଣହିନ୍ଦୁସ୍ତାନି ଓ ଅଣପାକିସ୍ତାନି ମୁବଲିଗ୍ ମୌଲାନା ଅବ୍ଦୁଲ୍ ୱାହିଦ୍ ସାହେବ ସମାଟ୍ରୀଙ୍କ ପୁତ୍ର ଥିଲେ । ଇଣ୍ଡୋନେସିୟାର ପ୍ରଶିଦ୍ଧ ଟେକ୍‌ନିକାଲ୍ ସ୍କୁଲ୍‌ରେ କେମିକାଲ୍ ଇଞ୍ଜିନିୟରିଂରେ ବ୍ୟାଚେଲର କରିବା ପରେ ସରକାରୀ ସ୍କଲାରଶିପ୍ ଅର୍ଥାତ ବୃତି ପାଇ ଉଚ୍ଚ ଶିକ୍ଷା ହାସଲ କରିବାପାଇଁ ଫ୍ରାନ୍ସ ଚାଲି ଯାଇଥିଲେ । ପେଟ୍ରୋଲିୟମ ଇକୋନୋମିକ୍ସରେ ମାଷ୍ଟରଡ଼ିଗ୍ରୀ ହାସଲ କରିବାପରେ ସେ Ministry of Energy and Minerals Sources ରେ ଚାକିରି କରିଥିଲେ । ସେଠାରେ ଅନେକ ପଦବୀରେ କାର୍ଯ୍ୟ କରିଥିଲେ । ଚାକିରିରୁ ଅବସର ନେବା ପରେ ମଧ୍ୟ ନିଜ ଫିଲ୍ଡରେ ପ୍ରବୀଣ ଥିବା ଯୋଗୁଁ ତାଙ୍କଠାରୁ କାମ ନିଆଯାଉଥିଲା । ସେଥିଅନ୍ତେ ୭୩ ବର୍ଷ ବୟସରେ ବେଶ୍ ପରିଶ୍ରମ କରି ସେ ୟୁନିଭରସିଟି ଅଫ୍ ଇଣ୍ଡୋନେସିୟାରୁ କେମିକାଲ୍ ଇଞ୍ଜିନିୟରିଂରେ ପି.ଏଚ୍.ଡ଼ି ର ଡ଼ିଗ୍ରୀ ହାସଲ କରିଥିଲେ । ବିନୀତ ନିଜ ଦେଶ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦିତ କରିଥିଲେ । ୧୯୭୩ ମସିହାରେ ସରକାରଙ୍କୁ Liqufied Natural Gas ପ୍ରସଙ୍ଗରେ ଗୋଟିଏ ଫର୍ମୁଲା ପ୍ରସ୍ତୁତ କରିଥିଲେ । କୁହାଯାଉଛି ଯେ ୧୯୭୪ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଏଥିଯୋଗୁଁ ଅର୍ଥାତ ତାଙ୍କ ଫର୍ମୁଲା ଯୋଗୁଁ ପ୍ରଶାସନକୁ ୧୧୦ ବିଲିୟନ୍ ଡ଼ଲାର ଲାଭ ହୋଇଥିଲା । ସେ ଯାହା ହେଉ ଅହେମଦି ତ ପ୍ରତ୍ୟେକ ସ୍ଥଳେ ଦେଶ ଓ ଜାତିର ସେବା କରିବାପାଇଁ ପ୍ରତିମୁହୁର୍ତରେ ପ୍ରସ୍ତୁତ ରହିଥାନ୍ତି । ଯଦିଚ ଇଣ୍ଡୋନେସିୟାରେ ଆମର ଘୋର ବିରୋଧ ହେଉଛି କିନ୍ତୁ ଆମ କାର୍ଯ୍ୟ ତ ଏହା ହିଁ ରହିବ ଯେ ଆମେ ନିଜ ଦେଶ ପାଇଁ ସର୍ବଦା ବିଶ୍ୱସ୍ତ ହୋଇ ରହିଥିବୁ । ତାଙ୍କୁ ଶୋସିଆଲ୍ ସର୍ଭେଂଟର ସବୁଠାରୁ ବଡ଼ ଜାତିୟ ପୁରସ୍କାର ମଧ୍ୟ ମିଳିଥିଲା । ୨୦୦୫ ମସିହାରେ ଦ୍ୱିତୀୟ ବଡ଼ ଆୱାର୍ଡ଼ ମିଳିଥିଲା ଯାହାକି ଇଣ୍ଡୋନେସିୟା ସରକାର ସେନା ବିଭାଗରୁ ଭିନ୍ନ ରହି ଅସାଧାରଣ କାର୍ଯ୍ୟ ସମ୍ପାଦନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଥାଏ ଓ ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରୀୟା ମିଲିଟାରୀ ସେରିମୋନି ସହିତ ଓ ରାଜକୀୟ ସମ୍ମାନର ସହିତ ଗୋଟିଏ ସ୍ୱତନ୍ତ୍ର କବରସ୍ତାନ୍‌ରେ ସମ୍ପନ୍ନ କରାଯାଏ । କିନ୍ତୁ କୟୁମ ସାହେବଙ୍କୁ ଯେହେତୁ ସେଠାରେ ଦଫନ୍ ହେବାର ନଥିଲା ତେଣୁ ତାଙ୍କର ଦେହାନ୍ତ ପରେ ସେହି ମିଲିଟାରୀ ସେରେମୋନୀ (ceremony) ମକ୍‌ବରା ମୁସିୟାନ୍ Parung ଠାରେ ଅନୁଷ୍ଠିତ ହେଲା ଏବଂ ଏଠାରେ ତାଙ୍କୁ ସସମ୍ମାନେ କବର ଦିଆଗଲା ।

ସେ ଅତ୍ୟନ୍ତ ସ୍ନେହି ମଣିଷଟିଏ ଥିଲେ, ନିଜ ଭାଇଭଉଣୀମାନଙ୍କର ଧ୍ୟାନ ରଖୁଥିଲେ କାରଣ ତାଙ୍କ ପିତା ତାଙ୍କୁ ଶେଷ ସମୟରେ ଉପଦେଶ ଦେଇଥିଲେ ଯେ ନିଜ ଭାଇଭଉଣୀଙ୍କର କଥା ବୁଝିବ । ସୁତରାଂ ସେ ଏହି ଉପଦେଶକୁ ନିଜର ଶେଷ ସମୟ ପର୍ଯ୍ୟନ୍ତ ମନେ ରଖିଥିଲେ ଓ ତାହା ଉପରେ ଅମଳ କରିଥିଲେ । ମୃତକ ୱାକିଫେ ଜିନ୍ଦେଗୀ ଅର୍ଥାତ ଉତ୍ସର୍ଗୀମାନଙ୍କର ଖୁବ୍ ସମ୍ମାନ ସତ୍କାର କରୁଥିଲେ । ନିଜ ତଳ ପାହ୍ୟାର କର୍ମଚାରୀମାନଙ୍କ ସହିତ ଉତମ ଆଚରଣ ପ୍ରଦର୍ଶନ କରୁଥିଲେ । ତାଙ୍କ ଭିତରେ ଦୟା ଓ ଦାନ କରିବା ଗୁଣର ସ୍ତର ବେଶ୍ ଉଚ୍ଚରେ ବିଦ୍ୟମାନ ରହିଥିଲା । ସେ ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ସହିତ ବିନମ୍ରତାରେ ମଧ୍ୟ ବେଶ୍ ଉର୍ଦ୍ଧ୍ୱ ସ୍ତରରେ ଅଧିଷ୍ଠିତ ଥିଲେ । ଅର୍ଥଦାନ କରିବାରେ ସର୍ବଦା ଆଗ ଧାଡ଼ିରେ ରହୁଥିଲେ । ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଥିଲେ । ତାଙ୍କ ଅଧିନସ୍ଥ ଜଣେ କର୍ମଚାରୀ କୁହନ୍ତି ମୃତକ ମୋର ଲାଳନପାଳନ କରୁଥିଲେ, ସ୍କୁଲ୍ ଫିସ୍ ଆଦି ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ । ହଜରତ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ଅଧ୍ୟୟନ କରି ସେ ବୟତ କରିଥିଲେ, ଲୋକମାନଙ୍କ ସହ ଉମ ଆଚରଣ ପ୍ରଦର୍ଶନ କରୁଥିଲେ । କଦାପି ନିଜ ଉଚ୍ଚ ପଦକୁ ନେଇ ଗର୍ବ କରିନାହାନ୍ତି । ସରକାରୀ ଗ୍ୟାସ କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ କୁହନ୍ତି, ମୃତକ ଅତି ବିଦ୍ୱାନ ଓ ଅତ୍ୟନ୍ତ ପରିଶ୍ରମୀ ବ୍ୟକ୍ତି ଥିଲେ । ଅତି ବିନମ୍ର ସ୍ୱଭାବି ବ୍ୟକ୍ତି ଥିଲେ । ଚତୁର୍ଥ ଖଲିଫା ଯେତେବେଳେ ଇଣ୍ଡୋନେସିୟା ଗସ୍ତରେ ଯାଇଥିଲେ, ହଜୁର ତାଙ୍କ ଘରେ ହିଁ ଅବସ୍ଥାନ କରିଥିଲେ । ସେ କଦାପି ନିଜ ଅହେମଦି ହେବା କଥା ଗୋପନ ରଖିନଥିଲେ ବରଂ ନିଜ ବନ୍ଧୁ ପରିଜନଙ୍କୁ ଅହେମଦିୟତର ବାର୍ତା ପ୍ରଦାନ କରୁଥିଲେ । ସେ ଜଣେ ପ୍ରଶିଦ୍ଧ ଓ ପରିଚିତ ଅହେମଦୀ ଭାବରେ ଗଣା ହେଉଥିଲେ । ଏକଦା ଜଣେ ଇଲେକ୍ଟ୍ରି କମ୍ପାନିର ସିଇଓ ସମ୍ବନ୍ଧିତ ମନ୍ତ୍ରୀଙ୍କୁ କହିଲେ, ଡ଼୍ୟାମରେ ପାଣି କମ୍ ହୋଇଚାଲିଛି, ଯଦି ଏପରି କିଛି ଦିନ ଲାଗି ରହେ ତା'ହେଲେ ଆମକୁ ବିଜୁଳି ବନ୍ଦ କରିବାକୁ ପଡ଼ିବ । ମନ୍ତ୍ରୀଙ୍କୁ ତାଙ୍କ ଦୁଆ ଉପରେ ଅର୍ଥାତ କୟୁମ ସାହେବଙ୍କ ଦୁଆ ଉପରେ ଗଭୀର ବିଶ୍ୱାସ ରହିଥିଲା ତେଣୁ ସେ କହିଲେ, କୟମୁ ସାହେବଙ୍କ ନିକଟକୁ ଯାଅ । ଅତଏବ ସେ ତାଙ୍କ ନିକଟକୁ ଗଲେ ଓ ସାହାଯ୍ୟ କରିବାପାଇଁ ନିବେଦନ କଲେ, ପ୍ରତ୍ୟୁତରରେ କୟୁମ୍ ସାହେବ କହିଲେ, ତେବେ ଆପଣ ଉପସ୍ଥିତ ଖଲିଫାଙ୍କ ନିକଟକୁ ପତ୍ର ଲେଖନ୍ତୁ । ଅତଏବ ସେ ପତ୍ର ଲେଖିଲେ, ଦୁଆ କରିବାପାଇଁ ନିବେଦନ କଲେ, ସେ କୁହନ୍ତି ମଙ୍ଗଳବାର ଦିନ ଏହି ପତ୍ର ଲେଖିଥିଲେ ଏବଂ ତା' ପର ଦିନ ହିଁ ମୁସୁଳାଧାରା ବର୍ଷା ହେଲା ଯଦ୍ୱାରା ଡ଼୍ୟାମ ପରିପୂର୍ଣ୍ଣ ହୋଇଯାଇଥିଲା ।

ଯମାତ୍ ପାଇଁ ତାଙ୍କର ଯେଉଁ ସେବାକାର୍ଯ୍ୟ ଥିଲା, ତାହା ସଂକ୍ଷିପ୍ତରେ ଏପରି ଯେ ପାଉରଙ୍ଗଠାରେ ସେ ଯମାତ୍ ପାଇଁ କ୍ୱାଟର କଂପ୍ଲେକ୍ସ ନିର୍ମାଣ କରିଥିଲେ, ନିର୍ମାଣ ସମୟରେ ଅନେକ ବାଧକ ଉପୁଜିଥିଲା । ସେଠାକାର ପ୍ରଚାରକ ମେହମ୍ମୁଦ ଚିମ୍ମା ସାହେବ ଯେତେବେଳେ ଏଥି ସମ୍ବନ୍ଧରେ ତାଙ୍କୁ ସୁଚିତ କଲେ, ସେତେବେଳେ ସେ ଉତର ଦେଲେ ଚିନ୍ତା କରନାହିଁ । ମୁଁ ସମସ୍ତ ଖର୍ଚ୍ଚ ବହନ କରିବି ଏବଂ ସେଠାରେ ଦୁଇ ବର୍ଷ ମଧ୍ୟରେ ଏକ ବଡ଼ ମସ୍‌ଜିଦ୍ ନିର୍ମାଣ ହୋଇଯାଇଥିଲା । କେନ୍ଦ୍ରୀୟ ଗେଷ୍ଟ ହାଉସ୍ ଓ ମୁବଲ୍ଲିଗ୍ କ୍ୱାଟରର ଅଧିକାଂଶ ଖର୍ଚ୍ଚ ମଧ୍ୟ ସେ ହିଁ ବହନ କରିଥିଲେ । ଆଉ ଚାରୋଟି କ୍ୱାଟରର ସମ୍ପୂର୍ଣ୍ଣ ଖର୍ଚ୍ଚ ମଧ୍ୟ ଏକାକୀ ବହନ କରିଥିଲେ । ଏମ୍‌ଟିଏ ଇଣ୍ଡୋନେସିୟାର ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ଯେଉଁ ପ୍ରସାରଣ ହେଉଥିଲା ତାହାର ମଧ୍ୟ ଖର୍ଚ୍ଚ ସେ ଓ ତାଙ୍କ ପତ୍ନୀ ବହନ କରିଥିଲେ । ପଶ୍ଚିମ ଜକାର୍ତାରେ ଅବସ୍ଥିତ ଷ୍ଟୁଡିଓ ପାଇଁ ତାଙ୍କ ଘରକୁ ହିଁ ବ୍ୟବହାର କରାଯାଇଥିଲା । କର୍ମଚାରୀଙ୍କ ଦରମା ଖର୍ଚ୍ଚ ମଧ୍ୟ ସେ ହିଁ ବହନ କରିଥିଲେ । ଇଣ୍ଡୋନେସିୟାରେ ହୋମିଓପାଥିକର ଔଷଧ ପ୍ରାରମ୍ଭରେ ତାଙ୍କ ପରିବାର ବହନ କରୁଥିଲା । ୱାହି ସିନିୟର ହାଇସ୍କୁଲ୍‌ର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟର ଖର୍ଚ୍ଚ ମଧ୍ୟ ମୃତକଙ୍କ ପରିଜନ ବର୍ଗ ଦାନ ଆକାରରେ ଦେଇ ସେହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ । କାଦିୟାନ୍‌ରେ ଇଣ୍ଡୋନେସିୟା ଗେଷ୍ଟ ହାଉସ୍, ସରାଏ ଅୟୁବ ନିର୍ମାଣ କାର୍ଯ୍ୟ ଅଭ୍ୟାହତ ରହିଛି, ସେଥିପାଇଁ ମଧ୍ୟ ସେ ମୋଟା ଅଙ୍କର ଅର୍ଥରାଶି ଦାନ କରିଥିଲେ । ମୃତକ ମର୍କଜ ପ୍ରାଙ୍ଗଣରେ ବ୍ୟାପକ ଜମି ଖରିଦ କରି ଯମାତ୍‌କୁ ଅର୍ପଣ କରିଥିଲେ । ମାସୁମ୍ ଅହେମଦ୍ ସାହେବ ପ୍ରିନ୍ସିପାଲ୍ ଜାମିୟା ଅହେମଦିୟା ଇଣ୍ଡୋନେସିୟା ଲେଖିଛନ୍ତି କେତେକ ସମୟରେ ଆମ୍‌ଲାର ସଦସ୍ୟଙ୍କ ମଧ୍ୟରେ ତର୍କବିତର୍କ ହୋଇଥାଏ ଅମୀର ସାହେବ ଯେ କି ତାଙ୍କର ଅର୍ଥାତ ମୃତକଙ୍କର ସାନ ଭାଇ, ଯଦି ଏହା କହୁଥିଲେ ଯେ ନୀରବ ହୋଇଯାଆନ୍ତୁ ଓ ତର୍କ ବନ୍ଦ କରନ୍ତୁ ସେତେବେଳେ ସେ ସଙ୍ଗେ ସଙ୍ଗେ ନୀରବ ହୋଇଯାଉଥିଲେ ଏବଂ ନିଜ ମତକୁ ପରିପ୍ରକାଶ କରୁନଥିଲେ ଅଲ୍ଲାଃ ତାଲା ମୃତକଙ୍କ ସହ କ୍ଷମା ଆଚରଣ କରନ୍ତୁ ।

ଚତୁର୍ଥ ଜନାଯାଃ ଶ୍ରୀମାନ୍ ଦାଉଦାଃ ରଜାକି ୟୁନୁସ୍ ସାହେବଙ୍କ ଅଟେ । ଯେ ଅଗଷ୍ଟ ମାସ ୨୭ ତାରିଖ ଦିନ ୭୪ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ମୃତକ ବେନିନ୍‌ର ଦେଶର ପ୍ରଥମ ଅହେମଦିମାନଙ୍କ ମଧ୍ୟରୁ ଜଣେ ଥିଲେ, ନିଜ ପରିବାରରେ ଏକାକି ଅହେମଦି ଥିଲେ । ୧୯୬୭ ମସିହାରେ ନିଜ ବଡ଼ ଭାଇ ଜିକ୍‌ରୁଲ୍ଲା ଦାଉଦ୍ ସାହେବ ଯିଏ କି ବେନିନ୍‌ର ସର୍ବପ୍ରଥମ ଅହେମଦୀ ଥିଲେ, ତାଙ୍କ ମାଧ୍ୟମରେ ଅହେମଦିୟତ୍‌ରେ ଦୀକ୍ଷିତ ହୋଇଥିଲେ । ତାଙ୍କ ସ୍ତ୍ରୀ ଓ ସନ୍ତାନମାନେ ଅଣଅହେମଦୀ ଅଛନ୍ତି ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ଯେ ସେମାନେ ଅହେମଦିୟତ୍‌କୁ ଚିହ୍ନି ସେଥିରେ ସାମିଲ ହୋଇଯାଆନ୍ତୁ ।

କମର୍ ଅହେମଦ୍ ସାହେବ ମିଶ୍‌ନାରୀ ଇନ୍‌ଚାର୍ଜ ଲେଖିଛନ୍ତି ଦେହାନ୍ତର କିଛି ଦିନ ପୂର୍ବରୁ ସେ ମତେ କହିଲେ, ଯେତେବେଳେ ମୋ ବଡ଼ ଭାଇଙ୍କର ଅହେମଦି ହେବାର ମତେ ଖବର ମିଳିଲା ସେତେବେଳେ ମୁଁ ଅହେମଦିୟତ ସଂକ୍ରାନ୍ତରେ ଅନେକ କଥା ଶୁଣିବାକୁ ପାଇଲି ପୁଣି ଯେତେବେଳେ ଭାଇଙ୍କୁ ଆଲୈସଲ୍ଲାହୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan